ବର୍ଷ-୨୫, ସଂଖ୍ୟା-୧୮୭
ଭୁବନେଶ୍ୱର
୧୪, ଜୁଲାଇ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 187
Bhubaneswar
14, July, 2025 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ପ୍ରଖ୍ୟାତ ତେଲୁଗୁ ଅଭିନେତା ତଥା ପୂର୍ବତନ ବିଧାୟକ କୋଟା ଶ୍ରୀନିବାସ ରାଓଙ୍କ ପରଲୋକ



## ଆଜି ଆସୁଛନ୍ତି ମହାମହିମ ରାଷ୍ଟ୍ରପତି

ଭୁବନେଶ୍ୱର, ୧୩।୭(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଜୁଲାଇ ୧୪ ଓ ୧୫ ତାରିଖରେ ଭୁବନେଶ୍ୱର ଏବଂ କଟକରେ କାର୍ଯ୍ୟକ୍ରମରେ ଯୋଗଦେବେ। ଏ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାବେଳେ ରାଜଭବନକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

ଜୁଲାଇ ୧୪ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ପଂଚମ ସମାବର୍ତ୍ତନ ସମାରୋହରେ ଅଂଶଗ୍ରହଣ କରିବେ। ଜୁଲାଇ ୧୫ ତାରିଖରେ ଶ୍ରୀମତୀ ମୁର୍ମୁ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଅତିଥି ଭାବେ ଯୋଗଦାନ କରିବା ସହିତ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ତିନୋଟି ଅଟ୍ଟାଳିକାର ପୁନର୍ବିକାଶ ଲାଗି ଶିଳାନ୍ୟାସ କରିବେ। ସେ ମଧ୍ୟ ଆଦିକବି ସାରଳା ଦାସଙ୍କ ଜନ୍ମ ବାର୍ଷିକୀ ସମାରୋହରେ ଯୋଗ ଦେବା ସହିତ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

## ନିଲମ୍ବିତ କଲେଜ ଅଧ୍ୟକ୍ଷଙ୍କୁ ପଚରାଉଚରା

ଭୁବନେଶ୍ୱର, ୧୩।୭(ମହାଭାରତ): ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ତଦନ୍ତ ଆରମ୍ଭ ହୋଇଛି। ବାଲେଶ୍ୱରରେ ୩ ଜଣିଆ ଉଚ୍ଚସ୍ତରୀୟ ଟିମ୍‌ର ତଦନ୍ତ। ଏଫଏମ କଲେଜରେ ପହଂଚି ଆରମ୍ଭ କରିଛନ୍ତି ପଚରାଉଚରା। ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ତଦନ୍ତ ଟିମ୍ ପଚରାଉଚରା କରିଛି।

ଏହି ଘଟଣାରେ ସୁରକ୍ଷା ମାଗିଲେ ନିଲମ୍ବିତ କଲେଜ ଅଧ୍ୟକ୍ଷ। ଜିଲ୍ଲାପାଳଙ୍କ ନିକଟରେ ସୁରକ୍ଷା ପାଇଁ ନିବେଦନ କରିଛନ୍ତି। ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି ଦିଲ୍ଲୀପ ଘୋଷ। କାଲିଠୁ ମୁଁ ଜିଲ୍ଲାପାଳ ଅଫିସ୍‌ରେ ରିପୋର୍ଟ କରିବି। ବଡ଼ ଘଟଣା, କାହାରି ମନରେ କଣ ଥିବ, ବିପଦ ଅଛି। ଯେହେତୁ ତଦନ୍ତ ଚାଲିଛି, ସେଥିପାଇଁ ସୁରକ୍ଷା ମାଗିଛି ବୋଲି ସେ କହିଛନ୍ତି।

## ରାଜ୍ୟସଭାକୁ ୪ ସଦସ୍ୟଙ୍କୁ ଚୟନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୩।୭(ପିଆଇବି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭା ପାଇଁ ଚାରିଜଣ ନୂଆ ସଦସ୍ୟ ଉଜ୍ଜ୍ୱଳ ଦେବରାଓ ନିକମ୍, ସି. ସଦାନନ୍ଦନ୍ ମାଷ୍ଟେ, ହର୍ଷବର୍ଦ୍ଧନ ଶ୍ରିଙ୍ଗଲା ଏବଂ ମୀନାକ୍ଷୀ ଜୈନଙ୍କୁ ନିଯୁକ୍ତ କରିଛନ୍ତି। ଗୃହ ମନ୍ତ୍ରାଳୟ ଦ୍ୱାରା ଜାରି ଏକ ଅଧିସୂଚନା ଅନୁଯାୟୀ, ଭାରତୀୟ ସଂବିଧାନର ଅନୁଚ୍ଛେଦ ୮୦ର ଉପଧାରା (୧) ର ଉପଖଣ୍ଡ (କ) ଦ୍ୱାରା ପ୍ରଦତ୍ତ ଶକ୍ତି ବ୍ୟବହାର କରି ଓ ଉକ୍ତ ଅନୁଚ୍ଛେଦର ଉପଧାରା (୩) ସହ ପଠିତ ହୋଇ, ରାଷ୍ଟ୍ରପତି ନାମିତ ସଦସ୍ୟମାନଙ୍କର ସେବାନିବୃତ୍ତି ହେବାରୁ ସୃଷ୍ଟି ହୋଇଥିବା ଖାଲି ସ୍ଥାନରେ ଉଜ୍ଜ୍ୱଳ ଦେବରାଓ ନିକମ୍, ସି. ସଦାନନ୍ଦନ୍ ମାଷ୍ଟର୍, ହର୍ଷବର୍ଦ୍ଧନ ଶ୍ରିଙ୍ଗଲା ଏବଂ ଡ଼ା. ମୀନାକ୍ଷୀ ଜୈନଙ୍କୁ ରାଜ୍ୟସଭାରେ ନାମିତ କରିଛନ୍ତି। ନାମିତ ସଦସ୍ୟମାନଙ୍କ ମଧ୍ୟରେ ଉଜ୍ଜ୍ୱଳ ଦେବରାଓ ନିକମ୍ ଜଣେ ଜଣାଶୁଣା ଅଧିବକ୍ତା, ଯିଏ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ଜୀବିତ ଧରା ପଡ଼ିଥିବା ପାକିସ୍ତାନୀ ଆତଙ୍କବାଦୀ ଅଜମଲ କସାବକୁ ଫାଶି ପର୍ଯ୍ୟନ୍ତ ନେବାରେ ମୁଖ୍ୟ ଭୂମିକା ନିଭାଇଥିଲେ। ସି. ସଦାନନ୍ଦନ୍ ମାଷ୍ଟର୍ କେରଳର ବରିଷ୍ଠ ସାମାଜିକ କର୍ମୀ ଏବଂ ଶିକ୍ଷାବିଦ୍। ହର୍ଷବର୍ଦ୍ଧନ ଶ୍ରିଙ୍ଗଲା ଭାରତର ପୂର୍ବତନ ବିଦେଶ ସଚିବ। ମୀନାକ୍ଷୀ ଜୈନ୍ ଜଣେ ପ୍ରସିଦ୍ଧ ଇତିହାସବିଦ୍ ଓ ଶିକ୍ଷାବିଦ୍। ଏହି ନାମାଙ୍କନଗୁଡ଼ିକ ପୂର୍ବରୁ ନାମିତ ହୋଇଥିବା ସଦସ୍ୟମାନଙ୍କ ସେବାନିବୃତ୍ତି ପରେ ଖାଲି ହୋଇଥିବା ଆସନଗୁଡ଼ିକୁ ଧ୍ୟାନରେ ରଖି କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟସଭାକୁ ମନୋନୀତ ଚାରି ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସେମାନଙ୍କର ସଫଳତା ଏବଂ ଅବଦାନ ଉଲ୍ଲେଖ କରି ଅଭିନନ୍ଦନ ଜଣାଇଛନ୍ତି। ଏହି ସୂଚନା ପ୍ରଧାନମନ୍ତ୍ରୀ ତାଙ୍କ ସରକାରୀ ଏକ୍ସ ହ୍ୟାଣ୍ଡେଲରେ ସେୟାର କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଅଧିବକ୍ତା ଉଜ୍ଜ୍ୱଳ ନିକମଙ୍କ ନ୍ୟାୟିକ କ୍ଷେତ୍ରରେ ସମର୍ପଣ ଅନୁକରଣୀୟ। ସେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି ଏବଂ ସମ୍ବିଧାନର ମୂଲ୍ୟବୋଧକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିଛନ୍ତି। ସେ ଖୁସି ପ୍ରକାଶ କରିଛନ୍ତି ଯେ ରାଷ୍ଟ୍ରପତି ତାଙ୍କୁ ରାଜ୍ୟସଭାକୁ ମନୋନୀତ କରିଛନ୍ତି। ସି. ସଦାନନ୍ଦନ ମାଷ୍ଟରଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ତାଙ୍କ ଜୀବନ ସାହସ ଏବଂ ଅନ୍ୟାୟ ବିରୁଦ୍ଧରେ ସଂଘର୍ଷର ପ୍ରତୀକ। ସେ ତାଙ୍କ ଶିକ୍ଷା ଏବଂ ସମାଜସେବା କ୍ଷେତ୍ରରେ ଅବଦାନକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ସେ ଯୁବ ସଶକ୍ତିକରଣ ପ୍ରତି ଅତ୍ୟନ୍ତ ସମର୍ପିତ।

ଏଫଏମ୍ ଛାତ୍ରୀ ଆତ୍ମହତ୍ୟା ମାମଲା

# ଅବସ୍ଥା ସଙ୍କଟାପନ୍ନ, ହୋଇପାରେ ଏୟାରଲିଫ୍ଟ

ଭୁବନେଶ୍ୱର, ୧୩।୭(ମହାଭାରତ): ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣାରେ ରାଜ୍ୟବ୍ୟାପୀ ନିଆଁ ଜଳୁଛି। ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ଓ ଆଗାମୀ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି ଏମ୍ସ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ନୂଆଦିଲ୍ଲୀରୁ ଫେରି ଆଜି ମୁଖ୍ୟମନ୍ତ୍ରୀ ଏମ୍ସ ଯିବା ସହ ପୀଡ଼ିତାଙ୍କ ବାପା ମାଙ୍କୁ ଭେଟି ଶାନ୍ତ୍ୱନା ଦେଇଛନ୍ତି। ଏଥିସହିତ ସ୍ୱାସ୍ଥ୍ୟବସ୍ଥାରେ ଟିକେ ଉନ୍ନତି ଆସିଲେ ଆବଶ୍ୟକ ହେଲେ ବିମାନ ଯୋଗେ ଛାତ୍ରୀ ଜଣଙ୍କୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯିବ ବୋଲି କହିଛନ୍ତି।

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଘଟଣାକୁ ଦୃଢ଼ ଭାବରେ ନିନ୍ଦା କରିବା ସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। କମିଟି ରିପୋର୍ଟ ଦେବା ପରେ ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ ଆଗାମୀ ଦିନରେ ଯେଭଳି କୌଣସି ଶିକ୍ଷାନୁଷ୍ଠାନରେ ଏଭଳି ଘଟଣା ନଘଟେ ସେ ଦିଗରେ ମଧ୍ୟ ପଦକ୍ଷେ ନିଆଯିବ। ଏଥି ସହିତ ମୁଖ୍ୟମନ୍ତ୍ରୀ ଏୟାରପୋର୍ଟରୁ ଏମ୍ସ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଏମ୍ସ ର ନିର୍ଦ୍ଦେଶକ ଏବଂ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହିତ ଆଲୋଚନା କରି ଥିଲେ। ଏହାସହିତ ଦିଲ୍ଲୀ ଏୟାରଲିଫ୍ଟ କରିବା ନେଇ ମଧ୍ୟ ଆଲୋଚନା ହୋଇଛି ବୋଲି ପୀଡିତାଙ୍କ ବାପା କହିଛନ୍ତି। ଦିଲ୍ଲୀ ଡାକ୍ତରୀ ଟିମ୍ ସହ ଭର୍ଚୁଆଲି ଆଲୋଚନା କରି ଉଚ୍ଚସ୍ତରୀୟ ଚିକିତ୍ସା କରାଯିବ। ଭେଣ୍ଟିଲେଟରରେ



ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖିବା ପରେ ହସ୍ପିଟାଲ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଛାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି। ଆହୁରି ୪୮ ଘଣ୍ଟା ଅବଜରବେଶନ ରହିବେ ଛାତ୍ରୀ। ଶରୀର ବାହ୍ୟ ଅଂଶରୁ ଯେଉଁ କ୍ଷତ ହୋଇଛି ସେଥିରୁ ଜଣାପଡୁଛି ୯୫ ପ୍ରତିଶତ ପୋଡ଼ିଯାଇଛି। ଶରୀରର ଅଧିକାଂଶ ଅଂଶରେ ଡ଼ିପ ବର୍ଣ୍ଣ ହୋଇଛି। ଶ୍ୱାସନଳିର କିଛି ଅଂଶ ମଧ୍ୟ ବିଶେଷ ଭାବରେ ପ୍ରଭାବିତ ହୋଇଛି। କାଲିଠାରୁ ଭେଣ୍ଟିଲେଟରର ସାହାଯ୍ୟରେ ଛାତ୍ରୀଙ୍କୁ ରଖାଯାଇଛି। ସ୍ୱାସ୍ଥ୍ୟ ଅବସ୍ଥାରେ ବିଶେଷ ପରିବର୍ତ୍ତନ ହୋଇନି। ଶରୀର ଇଣ୍ଟେଟରନାଲ ପାର୍ଟ ମଧ୍ୟରେ କିଡ଼ନୀ ଏବଂ ଲଙ୍ଗସ ପ୍ରଭାବିତ ହୋଇଛି। ମାତ୍ର ଇଂଟରନେଲ ପାର୍ଟ କେତେ ଅଧିକ କ୍ଷତ ହୋଇଛି ତାହା ଏବେ କହିବ କଷ୍ଟକର। ଅବସ୍ଥା ଗୁରୁତର ରହିଛି। ବର୍ଣ୍ଣ କେସ୍‌ରେ ଇନଫେକ୍ସନର ସମ୍ଭାବନା ଅଧିକ ଥିବାରୁ ଘର ଲୋକଙ୍କୁ ଦେଖିବାକୁ ମଧ୍ୟରେ ଛଡାଯାଇନାହିଁ। ପୀଡ଼ିତା ନିଃଶ୍ୱାସ ନେବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏୟାର ଲିଫ୍ଟିଙ୍ଗ ହେବ କି ନାହିଁ କମିଟି ନିଷ୍ପତି ନେବ। ବିଭିନ୍ନ ବିଭାଗ ଯେମିତିକି ବର୍ଣ୍ଣ ଏବଂ ପ୍ଲାଷ୍ଟିକ, ମେଡ଼ିସିନ ପଲମନାରୀ, କ୍ରିଟିକାଲ କେୟାର, କାର୍ଡିଓଲୋଜି, ନେଫରୋଲୋଜି,ନର୍ସିଙ୍ଗ ବିଭାଗର ବରିଷ୍ଠ ଡାକ୍ତରୀ ଟିମ୍ ଚିକିତ୍ସା କରୁଛନ୍ତି। ସକାଳୁ ଡ୍ରେସିଂ ହୋଇଥିବା ସୂଚନା ଦେଇଛନ୍ତି ନିର୍ଦ୍ଦେଶକ। ସୂଚନାଯୋଗ୍ୟ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ଦୁର୍ବ୍ୟବହାର କରୁଥିବା ନେଇ ବିଇଡି ଦ୍ୱିତୀୟ ବର୍ଷର ଛାତ୍ରୀ ଜଣକ ଅଧ୍ୟକ୍ଷ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କଲେଜ କର୍ତ୍ତୃପକ୍ଷ ଅଭିଯୁକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଶୀଘ୍ର ନେଇ ନଥିବାରୁ ଅଶାନ୍ତିରେ ଦିନ କାଟୁଥିଲେ। ଏହି ମାମଲାର କେଣସି ଦୃଷ୍ଟାନ୍ତମୂଳକ ସମାଧାନ ପାଇଁ ମଧ୍ୟ ଉଦ୍ୟମ କରାଯାଇନଥିଲା। ଏହି କାରଣରୁ ଛାତ୍ରୀ ଜଣକ ମାନସିକ ଚାପରେ ଥିଲେ। ଶେଷରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଶନିବାର ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ।

ଦେହରେ ନିଆଁ ଲାଗିବା ପରେ ଛାତ୍ରୀଜଣକ ଗୁରୁତର ଅବସ୍ଥାରେ ଛଟପଟ ହେଉଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ ପ୍ରାଥମିକ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଛାତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଦୁଇ ଜଣ ଛାତ୍ର ଆହତ ହୋଇଛନ୍ତି। ସେମାନେ ବାଲେଶ୍ବର ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି ଛାତ୍ରୀ ୧୨ ଦିନ ହେଲା ମାନସିକ ଚାପରେ ଥିଲେ।

## ତିନିଦିନ ଭିତରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୭(ମହାଭାରତ): ବାଲେଶ୍ୱର ଜିଲ୍ଲା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ମାମଲାରେ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ହସ୍ତକ୍ଷେପ କରିଛନ୍ତି। ନିଜ ଆଡ଼ୁ ମାମଲା ରୁଜୁ କରି ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କୁ ଅନୁସନ୍ଧାନ କରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛନ୍ତି। ତଦନ୍ତରେ କଣ କାର୍ଯ୍ୟାନୁଷ୍ଠାନ ନେଲେ ସେନେଇ ରିପୋର୍ଟ ୩ ଦିନ ଭିତରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ସିଡବ୍ଲ୍ୟୁ କହିଛନ୍ତି, ଛାତ୍ରୀ ଜଣଙ୍କ ଯୌନ ନିର୍ଯାତନା ଓ ଡିଗ୍ରି ହାସଲରେ ଅକୃତକାର୍ଯ୍ୟ ଧମକ ପାଇଛନ୍ତି। ବିଭାଗୀୟ ମୁଖ୍ୟଙ୍କ ଏପରି କାର୍ଯ୍ୟ ପାଇଁ ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିଛନ୍ତି। ତାଙ୍କର ଶରୀର ୯୦% ଶରୀର ପୋଡ଼ି ଯାଇଥିବାରୁ ଅବସ୍ଥା ସଂକଟାପନ୍ନ ରହିଛି। ବାଲେଶ୍ୱର ଏଫ୍‌ଏମ୍ କଲେଜ ମାମଲାରେ ଆଜି କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁର ୨ ଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। ଏହି ଟିମ୍‌ରେ ଡିଏସ୍‌ପି ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାମିଲ ଅଛନ୍ତି। କ୍ରାଇମବ୍ରାଞ୍ଚ ଡିଜିଙ୍କ ନିର୍ଦ୍ଦେଶରେ ନିଜ ପକ୍ଷରୁ ନିରୀକ୍ଷଣ ପାଇଁ ପହଞ୍ଚି ଘଟଣା ଉପରେ ଅନୁଧ୍ୟାନ କରିବୁ ବୋଲି ଡିଏସ୍‌ପି କହିଛନ୍ତି।

## ଶ୍ରୀମନ୍ଦିର ରୀତିନୀତିର ହେବ କପିରାଇଟ୍

ପୁରୀ, ୧୩।୭(ମହାଭାରତ): ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପାରମ୍ପରିକ ରୀତିନୀତି ଓ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଓଡ଼ିଶା ସରକାର ଏହାର କପିରାଇଟ୍ ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ବୋଲି ପୁରୀର ଗଜପତି ମହାରାଜ ଦିବ୍ୟସିଂହ ଦେବ ପ୍ରକାଶ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ପ୍ରଥମ ସେବକ ଭାବେ ପରିଚିତ ଗଜପତି ମହାରାଜ ଏକ ସାକ୍ଷାତକାରରେ ଏହା କହିଛନ୍ତି।



ଏହି ପଦକ୍ଷେପ ଏକ ସମୟରେ ଆସିଛି ଯେତେବେଳେ ବିଦେଶରେ ଇସ୍କନ ଦ୍ୱାରା ଶ୍ରୀ ଜଗନ୍ନାଥଙ୍କ ରୀତିନୀତିର ଅସମୟରେ ପାଳନ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଦିଘାରେ ଏକ ମନ୍ଦିରକୁ ଜଗନ୍ନାଥ ଧାମ ଭାବେ ଘୋଷଣା କରାଯାଇଥିବା ନେଇ ଭକ୍ତମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗଜପତି ମହାରାଜ ଏହାକୁ ପବିତ୍ର ଶାସ୍ତ୍ର ଓ ପ୍ରାଚୀନ ପରମ୍ପରାର ଗୁରୁତର ଉଲ୍ଲଂଘନ ବୋଲି ଅଭିହିତ କରିଛନ୍ତି।

ଗଜପତି ମହାରାଜ କହିଛନ୍ତି, ଶ୍ରୀ ଜଗନ୍ନାଥଙ୍କ ରୀତିନୀତି ଏବଂ ସାଂସ୍କୃତିକ ପରମ୍ପରା ଆମର ଅନନ୍ୟ। ଐତିହ୍ୟର ଅଂଶ ଏହାର ଅପବ୍ୟବହାର ବା ଅସମ୍ମାନ କୌଣସି ଭାବେ ବରଦାସ୍ତ କରାଯାଇ ପାରିବ ନାହିଁ। ଏହାକୁ ସୁରକ୍ଷିତ ରଖିବା ପାଇଁ ଓଡ଼ିଶା ସରକାର କପିରାଇଟ୍ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଘଟଣା ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପାରମ୍ପରିକ ରୀତିନୀତିର ସଂରକ୍ଷଣ ଏବଂ ଏହାର ଅପବ୍ୟବହାର ରୋକିବା ପାଇଁ ଆଇନଗତ ପଦକ୍ଷେପର ଆବଶ୍ୟକତାକୁ ପୁନର୍ବାର ଉଜାଗର କରିଛି। ସରକାରଙ୍କ ଏହି ଉଦ୍ୟମ ଜଗନ୍ନାଥ ସଂସ୍କୃତିର ପବିତ୍ରତା ଓ ଐତିହ୍ୟକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା କରାଯାଉଛି। ଏହି ଘଟଣା ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପାରମ୍ପରିକ ରୀତିନୀତିର ସଂରକ୍ଷଣ ଏବଂ ଏହାର ଅପବ୍ୟବହାର ରୋକିବା ପାଇଁ ଆଇନଗତ ପଦକ୍ଷେପର ଆବଶ୍ୟକତାକୁ ପୁନର୍ବାର ଉଜାଗର କରିଛି। ସରକାରଙ୍କ ଏହି ଉଦ୍ୟମ ଜଗନ୍ନାଥ ସଂସ୍କୃତିର ପବିତ୍ରତା ଓ ଐତିହ୍ୟକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା କରାଯାଉଛି।

## ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ଫଳପ୍ରଦ ହୋଇଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୭(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ତାଙ୍କ ଦିଲ୍ଲୀ ଗସ୍ତ ସାରି ଓଡ଼ିଶା ଫେରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଏୟାରପୋର୍ଟ ଠାରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ଗସ୍ତ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଉଦ୍ଦିଷ୍ଟ

### ଓଡ଼ିଶାର ବିକାଶ ନେଇ ଦୀର୍ଘ ୩୫ ମିନିଟ ଧରି ବିସ୍ତୃତ ଆଲୋଚନା

### ମାଈ ହାତୀ ମୃତ୍ୟୁ ନେଇ ତଦନ୍ତ ନିର୍ଦ୍ଦେଶ

ଥିଲା। ଏହା ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବା ସହିତ ଓଡ଼ିଶାର ବିକାଶ ନେଇ ଦୀର୍ଘ ୩୫ ମିନିଟ ଧରି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନା ଫଳପ୍ରଦ ହୋଇଥିବା ସହିତ ଆଗମୀ ଦିନରେ ଅନ୍ୟ ରାଜ୍ୟ ଗୁଡ଼ିକ ତୁଳନାରେ ଓଡ଼ିଶାର ବିକାଶ କିପରି ତ୍ୱରାନ୍ୱିତ ହେବ ସେଥି ଉପରେ ପର୍ଯ୍ୟବସିତ ଥିଲା। ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ର ଲକ୍ଷ୍ୟ ହାସଲ ଦିଗରେ



କାର୍ଯ୍ୟନ୍ତା ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବା ସହିତ ତାଙ୍କୁ ଭିଜନ ଡକୁମେଣ୍ଟ ପୁସ୍ତକ ପ୍ରଦାନ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଦଳର ସଙ୍ଗଠନ ମନ୍ତ୍ରୀ ବିଏଲ ସନ୍ତୋଷଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଏହି ଗସ୍ତ ସମୟରେ ସାକ୍ଷାତ କରିଥିଲେ। ସମ୍ବଲପୁର ରେଢ଼ାଖୋଲ ଫରେଷ୍ଟ ଡିଭିଜନର ନାକଟିଦେଉଳ ଅଞ୍ଚଳର ସରପାଲି ଗାଁ ରେ ଏକ ବ୍ୟକ୍ତିଙ୍କ ହୁକ ପକା ଘଟଣା ଯୋଗୁ ଆଜି ପ୍ରତ୍ୟୁଷରେ ଗୋଟିଏ ୫ ବର୍ଷର ମାଇ ହାତୀର ମୃତ୍ୟୁ ହୋଇଛି। ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଏ ଘଟଣାରେ ସଂପୃକ୍ତ କୌଣସି ବ୍ୟକ୍ତିଙ୍କୁ ଛଡ଼ା ଯିବ ନାହିଁ ଓ କଠୋର ଦଣ୍ଡ ବିଧାନ କରାଯିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏ ଘଟଣାର ତଦନ୍ତ ପାଇଁ ମନୋଜ ନାୟାରଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱରରୁ ନାକଟି ଦେଉଳ ଅଭିମୁଖେ ଗସ୍ତ କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଅଂଚଳର ଉଚ୍ଚ ପଦସ୍ଥ ବନ ବିଭାଗ ଅଧିକାରୀ ଓ ବିଦ୍ୟୁତ ବିଭାଗ ଅଧିକାରୀ ମାନେ ଘଟଣା ସ୍ଥଳକୁ ଯାଇ ଅନୁସନ୍ଧାନ କରୁଛନ୍ତି।

# ରେଳ ବଗିରେ ଲାଗିବ ସିସିଟିଭି କ୍ୟାମେରା

ନୂଆଦିଲ୍ଲୀ, ୧୩।୭(ପିଆଇବି): ସବୁଟ୍ରେନ୍ ବଗିରେ ସିସିଟିଭି କ୍ୟାମେରା ଲଗାଇବାକୁ ରେଳବାଇ ନିଷ୍ପତ୍ତିନେଇଛି। ପରୀକ୍ଷାମୂଳକ ଭାବରେ ଯାତ୍ରୀବାହୀ ଟ୍ରେନ ବଗିରେ ସିସିଟିଭି କ୍ୟାମେରା ସ୍ଥାପନର ସକାରାତ୍ମକ ଫଳାଫଳକୁ ଆଧାର କରି ଏହି ନିଷ୍ପତ୍ତି ନିଆଯାଇଛି। ଏହି ପଦକ୍ଷେପ ଯାତ୍ରୀଙ୍କ ସୁରକ୍ଷାରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଏହାଦ୍ୱାରା ଟ୍ରେନରେ ଅପରାଧ ଘଟାଉଥିବା ଦୁର୍ବୃତ୍ତ ଏବଂ ସଂଗଠିତ ଅପରାଧୀଦଳଙ୍କଠାରୁ ସରଳ ଯାତ୍ରୀଙ୍କୁ ସୁରକ୍ଷା ଦିଆଯାଇପାରିବ। କ୍ୟାମେରା ଲାଗିବା ପରେ ଏପରି ଘଟଣା ଯଥେଷ୍ଟ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଯାତ୍ରୀଙ୍କ ଗୋପନୀୟତା ରକ୍ଷା କରିବା ପାଇଁ ବଗିଦ୍ୱାର ନିକଟରେ ଥିବା ସର୍ବସାଧାରଣ ଯାତାୟାତ କ୍ଷେତ୍ରରେ ସିସିଟିଭି କ୍ୟାମେରା ସଂଯୋଗ କରାଯିବ।




କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ ଲୋକୋମୋଟିଭ୍ ଏବଂ ବଗିରେ ସିସି ଟିଭି କ୍ୟାମେରା ସଂଯୋଗର ଅଗ୍ରଗତି ସମୀକ୍ଷା କରିଥିଲେ। ୧୨ ଜୁଲାଇ, ୨୦୨୫ ଶନିବାର ଦିନ ଅନୁଷ୍ଠିତ ଏହି ବୈଠକରେ ରେଳ ବୋର୍ଡର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ରେଳ ଅଧିକାରୀମାନେ ବୈଠକରେ କହିଥିଲେ, ଉତ୍ତର ରେଳବାଇର ଲୋକୋ ଇଞ୍ଜିନ୍ ଏବଂ ବଗିରେ କ୍ୟାମେରାଲଗାଇବାରସଫଳ ପରୀକ୍ଷଣ କରାଯାଇଛି। ଏହାକୁ ଆଧାର କରି କେନ୍ଦ୍ର ରେଳମନ୍ତ୍ରୀ ସମସ୍ତ ୭୪ ହଜାରବଗିଏବଂ ୧୫ ହଜାର ଲୋକୋମୋଟିଭ୍‌ରେ ସିସି ଟିଭିକ୍ୟାମେରା ଲଗାଇବାକୁ ଅନୁମତି ଦେଇଛନ୍ତି। ପ୍ରତ୍ୟେକ ରେଳ ବଗିରେ ୪ଟି ଡୋମ୍ ସିସି ଟିଭିକ୍ୟାମେରା ଲଗାଯିବ। ପ୍ରତ୍ୟେକ ପ୍ରବେଶ ପଥରେ ୨ଟି ଏବଂ ପ୍ରତ୍ୟେକ ଲୋକୋମୋଟିଭ୍‌ରେ ୬ଟି ସିସି ଟିଭିକ୍ୟାମେରା ଲାଗିବ। ଏଥିରେ ଲୋକୋମୋଟିଭ୍‌ର ଆଗ, ପଛ ଏବଂ ଉଭୟ ପାର୍ଶ୍ୱରେ ଗୋଟିଏଲେଖାଏଁ କ୍ୟାମେରା ରହିବ।

ପ୍ରତ୍ୟେକ କ୍ୟାବ୍‌ରେ (ଆଗଏବଂ ପଛ) ଗୋଟିଏ ଡୋମ୍ ସିସି ଟିଭିକ୍ୟାମେରା ଲଗାଯିବ ଏବଂ ଡେସ୍କରେ ୨ଟି ମାଇକ୍ରୋଫୋନ୍ ଲଗାଯିବ। ଅଧିକାରୀମାନେ କହିଥିଲେ, ସର୍ବୋତ୍କୃଷ୍ଟ ମାନର ଏବଂ ଏସଟିକ୍ୟୁସିପ୍ରମାଣିତ ସିସିଟିଭି କ୍ୟାମେରାଗୁଡ଼ିକ ଲଗାଯିବ। କେନ୍ଦ୍ର ରେଳମନ୍ତ୍ରୀ ସର୍ବୋତ୍ତମ ଉପକରଣ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ରେଳ ଅଧିକାରୀମାନଙ୍କୁ ୧୦୦କିଲୋମିଟରରୁ ଅଧିକ ବେଗରେ ଏବଂ କମ୍ ଆଲୋକ ପରିସ୍ଥିତିରେ ଚାଲୁଥିବା ଟ୍ରେନ୍ ଗୁଡ଼ିକର ଉଚ୍ଚମାନର ଫୁଟେଜ୍ ରେକର୍ଡକରିବାନିଶ୍ଚିତ କରିବାକୁ ପରାମର୍ଶଦେଇଥିଲେ। କେନ୍ଦ୍ର ରେଳମନ୍ତ୍ରୀ ଇଣ୍ଡିଆଏଆଇ ମିଶନ୍ ସହିତ ସହଯୋଗରେ ସିସିଟିଭି କ୍ୟାମେରା ଦ୍ୱାରା କଏଦ ହୋଇଥିବା ତଥ୍ୟ ଉପରେ ଏଆଇର ବ୍ୟବହାର ଅନୁସନ୍ଧାନ କରିବାକୁ ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ।

ବଗିଗୁଡ଼ିକର ସାଧାରଣ ଗତିବିଧି କ୍ଷେତ୍ରରେ କ୍ୟାମେରା ଲଗାଇବାର ଲକ୍ଷ୍ୟ ହେଉଛି ଯାତ୍ରୀଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ଉନ୍ନତ କରିବା। ଗୋପନୀୟତାକୁ ଧ୍ୟାନରେ ରଖି, ଏହି କ୍ୟାମେରାଗୁଡ଼ିକ ଅପରାଧିକତତ୍ତ୍ୱମାନଙ୍କୁ ଚିହ୍ନଟ କରିବାରେ ମଧ୍ୟ ସାହାଯ୍ୟ କରିବ। ଭାରତୀୟ ରେଳବାଇର ଆଧୁନିକୀକରଣ ପ୍ରୟାସ ଏକ ନିରାପଦ, ସୁରକ୍ଷିତ ଏବଂ ଯାତ୍ରୀ-ଅନୁକୂଳ ଯାତ୍ରା ଅଭିଜ୍ଞତା ପ୍ରତି ଏହାର ପ୍ରତିବଦ୍ଧତାକୁ ନିରନ୍ତରଭାବେବ୍ୟକ୍ତକରିଆସୁଛି।

# ସୃଷ୍ଟି ହେଲା ଦୁଇ ଲଘୁଚାପ

ଭୁବନେଶ୍ୱର, ୧୩।୭(ମହାଭାରତ): ଉତ୍ତର ବଙ୍ଗୋପସାଗର ଓ ମଧ୍ୟପ୍ରଦେଶରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ନେଇ ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଭାବରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ବାଂଲାଦେଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

### ୩ ଦିନ ରାଜ୍ୟବ୍ୟାପୀ ବର୍ଷା

ରବିବାର ସନ୍ଧ୍ୟା ସମୟରେ ଉତ୍ତର ବଙ୍ଗୋପସାଗରର ପୂର୍ବ ଭାଗରେ ବାଂଲାଦେଶ, ପଶ୍ଚିମବଙ୍ଗ ଏବଂ ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆଗାମୀ କିଛି ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ସ୍ପଷ୍ଟ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମବଙ୍ଗ ଆଡ଼କୁ ଗତି କରିପାରେ, ଯାହା ଫଳରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା ପରବର୍ତ୍ତୀ ସମୟରେ ପଶ୍ଚିମ ଓଡ଼ିଶାରେ ମଧ୍ୟ ବର୍ଷାର ବିସ୍ତୃତି ବୃଦ୍ଧି କରିପାରେ।

ସେହିପରି, ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅନ୍ୟ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଲଘୁଚାପ ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଉତ୍ତର ଓଡ଼ିଶା ମଧ୍ୟ ଦେଇ ଏକ ନିମ୍ନଚାପ ରେଖା ସୃଷ୍ଟି କରିଛି, ଯାହା ଉତ୍ତର ବଙ୍ଗୋପସାଗର ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ବାଲେଶ୍ୱର ଜିଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ସୁନ୍ଦରଗଡ଼, ଝାଡ଼ସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି।

ଏହା ସହିତ ବଲାଙ୍ଗିର, ବରଗଡ଼, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ଦେଓଗଡ଼, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ବାଲେଶ୍ବର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଜୋର୍ ବର୍ଷା ସହିତ ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ଆସନ୍ତା ୧୬ ତାରିଖ ଯାଏ ସାରା ରାଜ୍ୟରେ ଏପରି ପାଣିପାଗ ଲାଗି ରହିବ। ଏନେଇ ଆଲର୍ଟ ରହିବାକୁ ପାଣିପାଗ ବିଭାଗ ସୂଚନା ଦେଇଛି।

ପାଣିପାଗ ବିଭାଗ ଅନୁସାରେ, ଏହି ଲଘୁଚାପକ୍ଷେତ୍ରଗୁଡ଼ିକ ଯୋଗୁଁ ଆଗାମୀ ୪-୫ ଦିନ ଯାଏଁ ଓଡ଼ିଶାର ଉତ୍ତର, ଉପକୂଳୀୟ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ବର୍ଷା ଜାରି ରହିବ ଏହା ସହ ଉପକୂଳ ଅଞ୍ଚଳରେ ଝଡା ପବନ ବୋହିବାର ମଧ୍ୟ ସମ୍ଭାବନା ରହିଛି। ପାଣିପାଗ ବିଭାଗ ସାଧାରଣ ଜନତାଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଛି ଏବଂ ନିମ୍ନାଞ୍ଚଳରେ ଜଳବନ୍ଦୀ ଆଶଙ୍କା ପ୍ରକାଶ କରିଛି।







## କାଜୁ ପନିର



ଆବଶ୍ୟକ ସାମଗ୍ରୀ: ପନିର , କାଜୁ ପେଷ୍ଟ, ପିଆଜ ରସୁଣ ପେଷ୍ଟ, ଏକ ଛୋଟ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ,ଏକ ବଡ଼ ଚାମଚ ଟମୋଟା ପ୍ୟୁରି, ହଳଦୀ, ଧନିଆ ପାଉଡର, କାଶ୍ମୀରି ଲଙ୍କା ପାଉଡର, ଏକ ବଡ଼ ଚାମଚ କ୍ରିମ୍, ଜିରା, ଗରମମସଲା, ଲୁଣ ସ୍ୱାଦ ଅନୁସାରେ, ଧନିଆପତ୍ର, ଭଜା ହୋଇଥିବା କାଜୁ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପନିରକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। କମ୍ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ କଟା ପିଆଜକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଯେତେବେଳେ ପିଆଜ ଭାଜି ହୋଇଯିବ ତାକୁ ଏକ ପ୍ଲେଟକୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପିଆଜ ଥଣ୍ଡା ହେଲା ପରେ ତାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। କଡେଇରେ ଜିରା, ପିଆଜ ପେଷ୍ଟ, ଅଦା କଞ୍ଚାଲଙ୍କା ପେଷ୍ଟ ଓ ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲା ପରେ ଟମାଟୋ ପ୍ୟୁରି ପକାନ୍ତୁ। ଟମାଟୋ ପ୍ୟୁରି ଭଲଭାବେ କଷି ହେଲା ପରେ ହଳଦୀ, ଧନିଆ ପାଉଡର, କାଶ୍ମୀର ମିର୍ଚ୍ଚ ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ମସଲା ଭଲଭାବେ କଷି ହୋଇଗଲା ପରେ ସେଥିରେ କ୍ରିମ୍, କାଜୁ ପେଷ୍ଟ, ଲୁଣ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ପରେ ପାଣି ଦେଇ ତାକୁ କିଛି ସମୟ ଫୁଟିବାକୁ ଦିଅନ୍ତୁ। ଏହି ଗ୍ରେଭି ଫୁଟିବା ମାତ୍ରେ କଟା ପନିରକୁ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ ଚୁଲା ବନ୍ଦ କରିଦିଅନ୍ତୁ। ଆଞ୍ଚ ବନ୍ଦ କରିବା ମାତ୍ରେ ଗରମମସଲା ମିଶାନ୍ତୁ। ଏବେ ଆପଣଙ୍କ କାଜୁ ପନିର ପ୍ରସ୍ତୁତ ହୋଇଗଲା। ପରେ ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରିସାରିବା ପରେ ପରଷନ୍ତୁ।

**ଖବର**

## ବିବାହର ୩ବର୍ଷ ପରେ ପରସ୍ପରଠାରୁ ଅଲଗା ହେବେ ପାୟଲ-ସଂଗ୍ରାମ୍



ଟିଭି ଏବଂ ବଲିଉଡରେ ନିଜର ପରିଚୟ ସୃଷ୍ଟି କରିଥିବା ପାୟଲ ରୋହତଗୀ ତାଙ୍କର ସ୍ପଷ୍ଟବାଦୀତା ଯୋଗୁଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ତାଙ୍କ ବୟାନ ପାଇଁ ତାଙ୍କୁ ବିବାଦର ସାମ୍ନା ମଧ୍ୟ କରିବାକୁ ପଡେ।ପାୟଲ ଟିଭି ଏବଂ ବଲିଉଡରୁ ଦୂରରେ ରହିଥିଲେ ବି ସୋସିଆଲ ମିଡିଆରେ ବହୁତ ସକ୍ରିୟ। ଅନେକ ସମୟରେ ସେ ସାମାଜିକ ଏବଂ ରାଜନୈତିକ ପ୍ରସଙ୍ଗରେ କଡ଼ା ମତାମତ ଦେଉଥିବା ଦେଖାଯାଏ। ଏବେ ପାୟଲ ରୋହତଗୀ ପୁଣି ଚର୍ଚ୍ଚାରେୟ କିନ୍ତୁ ଏଥର ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ।କୁହାଯାଉଛି ଯେ, ପାୟଲ ରୋହତଗୀଙ୍କ ତାଙ୍କ ସ୍ୱାମୀ ସଂଗ୍ରାମ ସିଂହଙ୍କୁ ଛାଡପତ୍ର ଦେବେୟ ଦୁହେଁ ୩ବର୍ଷ ପୂର୍ବେ ବିବାହ କରିଥିଲେ। ଅଭିନେତ୍ରୀ, ସଂଗ୍ରାମଙ୍କ କମ୍ପାନିରୁ ଇସ୍ତଫା ଦେବା ପରେ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଛି । ପାୟଲ ରୋହତଗୀ ତାଙ୍କ ସୋସିଆଲ ମିଡିଆରେ ସଂଗ୍ରାମ ସିଂହ ଚ୍ଚରିଟେବଲ୍ ଫାଉଣ୍ଡେସନର ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଥିବା ଜଣାଇଛନ୍ତି । ଏହି ଘୋଷଣା ପରେ ଦୁହିଁଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା ହୋଇଥିଲା ।ଏହି ଚର୍ଚ୍ଚା ମଧ୍ୟରେ ସଂଗ୍ରାମ୍ ପ୍ରତିକ୍ରିୟା ରଖି କହିଛନ୍ତି ଯେ, 'ଆମ ମଧ୍ୟରେ ଛାଡପତ୍ର ବିଷୟରେ କୌଣସି ଆଲୋଚନା ହୋଇନାହିଁ। ଆମେ ୧୪ ବର୍ଷ ଧରି ଏକାଠି ଅଛୁ ଏବଂ ସବୁବେଳେ ରହିବୁ। ମୁଁ ଭଲ କାମ କରିବା ଉପରେ ବେଶୀ ଧ୍ୟାନ ଦେଉଛି। ଛାଡପତ୍ର ଭଳି ଆଲୋଚନା ଉପରେ ମୋର ଧ୍ୟାନ ନାହିଁୟ ମୁଁ ଅନୁରୋଧ କରିବି ଯେ ଦୟାକରି ଏପରି କୌଣସି ଗୁଜବ ପ୍ରଚ୍ଚର କରନ୍ତୁ ନାହିଁ।'

## [illegible]



ଗୃହର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ବୃକ୍ଷ ଲଗାଇଲେ ଧନ ଏବଂ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ପରିବାରରେ ଶାନ୍ତି ବିରାଜମାନ କରିଥାଏ। ଉତ୍ତରପୂର୍ବ ଦିଗରେ ତୁଳସୀ ଗଛ ଲଗାଇଲେ ଘରେ ଲକ୍ଷ୍ମୀ ବିରାଜମାନ କରିଥାନ୍ତି । ପୂର୍ବ ଦିଗରେ ଫୁଲ ଗଛ, ସବୁଜ ଘାସ, ମୌସୁମୀ ଗଛ ଲଗାଇବା ଦ୍ୱାରା ପରିବାର ଲୋକେ ରୋଗରୁ ମୁକ୍ତ ହୋଇଥାନ୍ତି । ପାନ, ଚନ୍ଦନ, ହଳଦୀ, ଲେମ୍ବୁ ଆଦି ଗଛ ପଶ୍ଚିମ-ଉତ୍ତରକୋଣରେ ରଖିଲେ ପରିବାର ଲୋକଙ୍କ ମଧ୍ୟରେ ସ୍ନେହ ବୃଦ୍ଧି ହୋଇଥାଏ । ଦକ୍ଷିଣ-ପଶ୍ଚିମ କୋଣରେ କୁଣ୍ଡରେ କୌଣସି ଭାରୀ ଗଛ ଲଗାଇଲେ ଘରେ ସକାରାତ୍ମକ ବୃଦ୍ଧି ହେବା ସହ ଗୃହକର୍ତ୍ତା ଦୁଃଖରୁ ମୁକ୍ତି ପାଇଥାନ୍ତି । ପଳାସ, ନାଗକେଶକର, ଅରିଷ୍ଟ, ସମୀ ଆଦି ବୃକ୍ଷ ଲଗାଇବା ଦ୍ୱାରା ଘରେ ଶୁଭତା ବିରାଜମାନ କରିଥାଏ । ଘରୁ ବାହାରିବା ସମୟରେ ଡାହାଣ ପାର୍ଶ୍ୱରେ ସମୀ ଗଛ ଦେଖି କାର୍ଯ୍ୟାରମ୍ଭ କରିବା ଶୁଭ ଫଳ ପ୍ରାପ୍ତି ହୋଇଥାଏ । ଘରେ କୁଣ୍ଡରେ ଚମ୍ପା, ଜସ୍ମିନ୍, ଗୋଲାପ ଆଦି ବୃକ୍ଷ ଲଗାଇବା ଦ୍ୱାରା ଉତ୍ତମ ଫଳ ପ୍ରାପ୍ତି ହୋଇଥାଏ । ହେଲେ ଘର ଭିତରେ କଳା ଗୋଲାପ କିମ୍ବା ଲାଲ୍ ଗେଣ୍ଡୁ ଲଗାଇବା ଉଚିତ୍ ନୁହେଁ । ଅଧ୍ୟୟନ କକ୍ଷରେ ଧଳା ରଙ୍ଗର ଫୁଲ ଗଛ ଲଗାଇଲେ ସ୍ମରଣ ଶକ୍ତିରେ ବୃଦ୍ଧି ହୋଇଥାଏ । ଶୟନ କକ୍ଷରେ କୌଣସି ଗଛ ଲଗାଇବା ଉଚିତ୍ ନୁହେଁ ।

## ଶ୍ରାବଣ ମାସ: ଜାଣନ୍ତୁ କାଉଡିଆ କାହିଁକି କୁହନ୍ତି ବୋଲ୍ ବମ୍..

ଶ୍ରାବଣ ମାସରେ କାଉଡିଆ ମାନେ ଶୈବ ପୀଠକୁ ଯାଇ ମହାଦେବଙ୍କୁ ଜଳ ଅର୍ପଣ କରି ଥାଆନ୍ତି ।ମାତ୍ର ନିଶ୍ଚୟ ଦେଖିଥିବେ କାଉଡିଆ ମାନେ ବୋଲ୍ ବମ୍, ବମ୍ ଭୋଲେ କହି କହି ନିଜ ଯାତ୍ରା କରି ଥାଆନ୍ତି ୟ ମାତ୍ର ଏପରି କହିବାର କାରଣ କ'ଣ ଜାଣନ୍ତୁ..ଚଳିତ ବର୍ଷ ଶ୍ରାବଣ ମାସ ୧୧ ଜୁଲାଇ ୨୦୨୫ରେ ଆରମ୍ଭ ହୋଇଛି । ଶ୍ରାବଣ ମାସରେ କାଉଡିଆ ମହାଦେବଙ୍କୁ ପ୍ରସନ୍ନ କରିବା ପାଇଁ ପାଦରେ ଚ୍ଚଲି ଚ୍ଚଲି ଜଳ ଅର୍ପଣ କରି ଥାଆନ୍ତି । ଶ୍ରାବଣର ଶିବରାତ୍ରୀରେ ମଧ୍ୟ ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଏ । କାଉଡିଆ ମାନେ ଯାତ୍ରା ସମୟରେ ବମ୍ ବମ୍ ଭୋଲେ କହିଥାଆନ୍ତି । ବୋଲ୍ ବମ୍ କହିଥାଆନ୍ତି । ମାନ୍ୟତା ଅନୁଯାୟୀ ଏପରି କହିବା ଦ୍ୱାରା ଚ୍ଚଲି କରି ଯାତ୍ରା କରିବା ସମୟରେ କଷ୍ଟ ଅନୁଭବ ହୋଇନଥାଏ। ଭୋଳାଶଙ୍କର କାଉଡିଆଙ୍କ ଯାତ୍ରା ମଙ୍ଗଳମୟ କରି ଥାଆନ୍ତି। ବୋଲ୍ ବମ୍ ଶବ୍ଦରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ଓଁମକାରର ପ୍ରତୀକ ବୋଲି କୁହାଯାଏ । ଏହା ଏକ ସିଦ୍ଧ ମନ୍ତ୍ର । ଏହାକୁ ଗାନ କରିବା ଦ୍ୱାରା ଶ୍ରଦ୍ଧାଳୁ ନିକଟରେ ଏକ ଶକ୍ତି ଆସିଥାଏ। କୁହାଯାଏ ଯେଉଁ ସମୟରେ ପ୍ରଭୁ ହନୁମାନଙ୍କୁ ଶକ୍ତିର ଆବଶ୍ୟକତା ହୋଇଥାଏ, ସେ ରାମ ନାମ ଜପ କରନ୍ତି । ସେହିପରି କାଉଡିଆ ମାନେ ଥକି ପଡିଲେ ଓ ଅନ୍ୟ କାଉଡିଆଙ୍କୁ ଥକ୍କା ନଲାଗିବା ପାଇଁ ବୋଲ୍ ବମ୍ କହି ଥାଆନ୍ତି। ଶ୍ରାବଣ ଶିବରାତ୍ରୀ ଦିନ ଜଳାଭିଷେକ କରିବା ସହ ପୂଜାର୍ଚ୍ଚନା କଲେ ଅତ୍ୟନ୍ତ ଶୁଭଫଳ ମିଳିଥାଏ। ଚଳିତ ବର୍ଷ ୫ଟି ଶ୍ରାବଣ ସୋମବାର ପାଳନ ହେବ। ଏଥିରେ ଶ୍ରାବଣ ସୋମବାର, ପ୍ରଦୋଷ ବ୍ରତ, ଶ୍ରାବଣ ଶିବରାତ୍ରୀରେ ମହାଦେବଙ୍କୁ ପ୍ରସନ୍ନ କରିବା ପାଇଁ ବେଲପତ୍ର ଅର୍ପଣ କରିବା ସହ ଜଳାଭିଷେକ କରିବା ଦ୍ୱାରା ଶୁଭଫଳ ଓ ସଫଳତା ପ୍ରାପ୍ତି ହୋଇଥାଏ ।



## ମହର୍ଷି ବଶିଷ୍ଠଙ୍କ ଉଦାରତା



ଦିଗବିଜୟ ପରେ ରାଜା କୌଶିକ ରାଜଧାନୀ ଅଭିମୁଖେ ଫେରୁଥିଲେ। ବାଟରେ ବ୍ରହ୍ମଜ୍ଞାନୀ ମହର୍ଷି ବଶିଷ୍ଠଙ୍କ ଆଶ୍ରମ ପଡ଼ିଲା। ଭାବିଲେ, ମହାମୁନିଙ୍କ ଦର୍ଶନ କରିଦେଇଯିବେ। ଆଶ୍ରମ ଦ୍ୱାର ଦେଶରେ ପହଞ୍ଚିବା ପରେ ବଶିଷ୍ଠ ତାଙ୍କୁ ଭିତରକୁ ଆସି ଅନ୍ନ ଗ୍ରହଣ କରିବା ଲାଗି ଅନୁରୋଧ କଲେ। କୌଶିକ କହିଲେ, ମୁଁ ଏକା ନାହିଁ । ମୋ ସହିତ ଲକ୍ଷ ଲକ୍ଷ ସୈନ୍ୟ ହାତୀ, ଘୋଡ଼ା ରହିଛନ୍ତି । ଆପଣଙ୍କୁ ଅସୁବିଧା ହେବ। ବଶିଷ୍ଠ କହିଲେ, କିଛି ଅସୁବିଧା ନାହିଁ ! ଆପଣ ଆସନ୍ତୁ। ବଶିଷ୍ଠଙ୍କ ନିକଟରେ ଗୋମାତା କାମଧେନୁଙ୍କ ବାଛୁରୀ ନନ୍ଦିନୀ ଥିଲେ। ସେ କୌଶିକଙ୍କ ସମସ୍ତ ସେନାବାହିନୀ ଓ ହାତୀଘୋଡ଼ା ପାଇଁ ଖାଦ୍ୟ ଯୋଗାଡ଼ କରିଦେଲେ। ଏହା ଦେଖି ରାଜା କୌଶିକ ଆଶ୍ଚର୍ଯ୍ୟ ହେଲେ। ଯିବା ବେଳେ ଋଷି ବଶିଷ୍ଠ ତାଙ୍କୁ ଉପହାର ଯାଚିଲେ। ରାଜା କହିଲେ, ଆପଣ ଯଦି କିଛି ଦେବାକୁ ଚାହୁଁଛନ୍ତି, ତା'ହେଲେ ମୋତେ ଏହି ନନ୍ଦିନୀ ଗୋମାତାଙ୍କୁ ଦିଅନ୍ତୁ। କିନ୍ତୁ ବଶିଷ୍ଠ କହିଲେ, ଆପଣ ରାଜା ! ଆପଣଙ୍କ ପାଖରେ ସମସ୍ତ ସମ୍ବଳ ରହିଛି। ମୁଁ ଋଷି ! ସବୁକିଛି ତ୍ୟାଗ କରି ସନ୍ନ୍ୟାସୀ ଜୀବନଯାପନ କରୁଛି। ତେଣୁ ମୋର ସମ୍ବଳ ହେଉଛନ୍ତି ଏହି ନନ୍ଦିନୀ ଗୋମାତା। ତେଣୁ ମୁଁ ଏହାଙ୍କୁ ଆପଣଙ୍କୁ ଦେଇପାରିବି ନାହିଁ । ତା'ଛଡ଼ା ଗୋମାତା ନନ୍ଦିନୀ ଆପଣଙ୍କ ରାଜ୍ୟରେ ରହିଲେ ହୁଏତ' ଅନ୍ୟ କେଉଁ ରାଜା ଆପଣଙ୍କ ରାଜ୍ୟ ଉପରେ ଆକ୍ରମଣ କରିପାରନ୍ତି। ବଶିଷ୍ଠ ଏପରି ଅନେକ ବୁଝାଇଲେ ସୁଦ୍ଧା କୌଶିକ ବୁଝିଲେ ନାହିଁ। ସେ ବଳପୂର୍ବକ ନନ୍ଦିନୀଙ୍କୁ ନେଇଯିବା ଲାଗି ପ୍ରୟାସ କଲେ। ହେଲେ ନନ୍ଦିନୀଙ୍କ ଶରୀରରୁ ଲକ୍ଷ ଲକ୍ଷ ସୈନ୍ୟ ବାହାରିଲେ। ସେମାନେ କୌଶିକଙ୍କ ସେନାବାହିନୀର ବିନାଶ କଲେ। କୌଶିକଙ୍କୁ ପରାଜିତ ହୋଇ ଫେରିଯିବାକୁ ପଡ଼ିଲା। ଏହି ଘଟଣା କୌଶିକଙ୍କ ମନରେ ଗଭୀର ରେଖାପାତ କଲା। ସେ ରାଜ୍ୟସିଂହାସନ ତ୍ୟାଗ କରି କଠୋର ତପସ୍ୟା କଲେ। ବଶିଷ୍ଠଙ୍କ ପରି ବ୍ରହ୍ମଜ୍ଞାନୀ ହେବା ଲାଗି ତାଙ୍କ ମନରେ ଇଚ୍ଛା ଜାଗ୍ରତ ହେଲା। ସିଦ୍ଧି ପ୍ରାପ୍ତ କରିବା ପରେ ସେ ପୁଣି ବଶିଷ୍ଠଙ୍କ ଆଶ୍ରମକୁ ଫେରିଲେ। ସେତେବେଳେ ସେ ବିଶ୍ୱମିତ୍ରଙ୍କ ନାମରେ ପରିଚିତ ହୋଇସାରିଥିଲେ। ସିଦ୍ଧି ମିଳିଥିଲା କିନ୍ତୁ ଅହଂକାର ଯାଇନଥିଲା। ବଶିଷ୍ଠଙ୍କ ଆଶ୍ରମରୁ ପୁଣି ନନ୍ଦିନୀଙ୍କୁ ନେବା ଲାଗି ପ୍ରୟାସ କଲେ। ବଶିଷ୍ଠଙ୍କ ପୁତ୍ରମାନଙ୍କ ସହ ତାଙ୍କର ମୁହାଁମୁହିଁ ହେଲା। କୌଶିକ ସମସ୍ତଙ୍କୁ ହତ୍ୟା କଲେ। ବଶିଷ୍ଠ ଓ ତାଙ୍କ ପତ୍ନୀ ଜୀବନରେ ଦୁଃଖର କଳାବାଦଲ ଘୋଟି ଆସିଲା। ତଥାପି ଉଦାର, କ୍ଷମାଶୀଳ ବଶିଷ୍ଠ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ । ବିଶ୍ୱାମିତ୍ରଙ୍କୁ ଏଥର ମଧ୍ୟ ଖାଲି ହାତରେ ଫେରିଯାଇଥିଲେ। କାରଣ ସେତେବେଳକୁ ଗୋ-ମାତା ନନ୍ଦିନୀ ସ୍ୱର୍ଗପୁରୀକୁ ଚାଲିଯାଇଥିଲେ। ଅନ୍ୟପଟେ ବିଶ୍ୱାମିତ୍ରଙ୍କ ଏହି କୃତକର୍ମକୁ ଦେବତା, ଋଷି-ମୁନି ସମସ୍ତେ ବିରୋଧ କଲେ। ବିଶ୍ୱାମିତ୍ରଙ୍କ ଚେତା ପଶିଲା। ଅହଂକାରବଶତଃ ମହର୍ଷି ବଶିଷ୍ଠଙ୍କର ସେ ଯେଉଁ କ୍ଷତି କରିଛନ୍ତି ତା'ର ପ୍ରାୟଶ୍ଚିତ କରିବା ଲାଗି ସେ ପୁଣିଥରେ ତପସ୍ୟା କରିବା ଲାଗି ନିଷ୍ପତ୍ତି ନେଲେ। ହଜାର ହଜାର ବର୍ଷ ପର୍ଯ୍ୟନ୍ତ କଠୋର ତପସ୍ୟା ଚାଲିଲା। ତାଙ୍କର ତପଶକ୍ତି ଏତେ ପ୍ରଖର ହୋଇଗଲା ତା'ର ପ୍ରଭାବ ତିନି ପୁରରେ ବ୍ୟାପିଗଲା। ଶେଷରେ ବିଶ୍ୱାମିତ୍ର ତପଭଙ୍ଗ କରି ମହର୍ଷି ବଶିଷ୍ଠଙ୍କୁ କ୍ଷମା ଯାଚନା କରିବା ଲାଗି ମନସ୍ତ କଲେ। ତେଣୁ ସେ ବଶିଷ୍ଠ ମୁନିଙ୍କ ଆଶ୍ରମ ଅଭିମୁଖେ ଚାଲିଲେ । ସେଠାରେ ପହଞ୍ଚିବା ସମୟରେ ସନ୍ଧ୍ୟା ହୋଇସାରିଥିଲା। ଆଶ୍ରମରେ ମହର୍ଷି ବଶିଷ୍ଠ ଏବଂ ପତ୍ନୀ ଅରୁନ୍ଧତୀ ବସିଥିଲେ। ଅରୁନ୍ଧତୀ କହୁଥିଲେ, ସ୍ୱାମୀ! ଆଜି ଆକାଶରେ ଚନ୍ଦ୍ରଙ୍କ ଆଲୋକ କେତେ ସୁନ୍ଦର ଦିଶୁଛି। ଘନ ଅନ୍ଧାର ରାତ୍ରୀ ଚନ୍ଦ୍ରଙ୍କ ଆଲୋକରେ ଆଲୋକିତ ହୋଇ ଉଠୁଛି। ଚତୁର୍ଦ୍ଦିଗ ପ୍ରକାଶମାନ ହୋଇଉଠୁଛି । ତାଙ୍କ କଥା ଶୁଣି ମହର୍ଷି ବଶିଷ୍ଠ କହିଲେ, ନା ଦେବୀ! ପ୍ରକାଶ ଦେଖିବାର ଅଛି ତ' ମହର୍ଷି ବିଶ୍ୱାମିତ୍ରଙ୍କ ତପସ୍ୟାର ପ୍ରକାଶକୁ ଦେଖ। ଯାହା ଏବେ ତିନି ପୁରରେ ବ୍ୟାପିଯାଇଛି। ମହର୍ଷି ବଶିଷ୍ଠଙ୍କ ଉପମା ଶୁଣି ବିଶ୍ୱାମିତ୍ର ତୁରନ୍ତ ଯାଇ ତାଙ୍କ ପାଦ ତଳେ ପଡ଼ିଗଲେ। ସେ କରିଥିବା ପାପ ପାଇଁ ତାଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବା ଲାଗି ପ୍ରାର୍ଥନା କଲେ। ମହର୍ଷି ବଶିଷ୍ଠ କିନ୍ତୁ ତାଙ୍କୁ କ୍ଷମା ଦେଲେ। ଅନ୍ୟପଟେ ତପଶକ୍ତି ପାଇଁ ତାଙ୍କୁ ବ୍ରହ୍ମର୍ଷି ପଦବୀ ପ୍ରଦାନ କଲେ ।

## ତ୍ୱଚ୍ଚ କୁଂଚନ ଦୂର କରିବ ନଡିଆ ତେଲ

ସାଧାରଣତଃ ବୟସ ବଢ଼ିବା ସହ ଧୀରେ ଧୀରେ ସୌନ୍ଦର୍ଯ୍ୟ ମଧ୍ୟ ହ୍ରାସ ପାଇଥାଏ। ବିଶେଷ କରି ଏହାର ପ୍ରଭାବ ମୁଖ୍ୟତଃ ମୁହଁରେ ପ୍ରଥମେ ଦେଖାଯାଇଥାଏ। ଆଖି ତଳ କଳା ପଡିବା, ଚର୍ମ କୁଂଚନ ବା ରିଙ୍କଲ୍ସ ହେବା ଭଳି ସମସ୍ୟା ଆସିଥାଏ । ଏହି ସମସ୍ୟାକୁ ଦୂର କରିବା ପାଇଁ ଅନେକ ଲୋକେ ଡାକ୍ତରଙ୍କ ସହାୟତା ନେଇଥାନ୍ତି। ତେବେ କମ୍ ଖର୍ଚ୍ଚରେ ମଧ୍ୟ ଘରୋଇ ଉପଚ୍ଚରରେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ।



ଭଗୋଟିଏ ଚ୍ଚମଚ ଦହି ସହ ଗୋଟିଏ ଚ୍ଚମଚ ମହୁ ମିଶାନ୍ତୁ । ଏଥିରେ କିଛି ବୁନ୍ଦା ଗୋଲାପ ଜଳ ପକାଇ ଏକ ମିଶ୍ରଣ ତିଆରି କରନ୍ତୁ। ଏହାକୁ ୨୦ ମିନିଟ ଯାଏଁ ମୁହଁରେ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁରୁ ରିଙ୍କଲ୍ସ ଦୂର ହେବା ସହ ତ୍ୱଚ୍ଚ ସଫା ହୋଇଯାଇଥାଏ।

ଭ ଗୋଟିଏ ଚ୍ଚମଚ ନଡିଆ ତେଲରେ ଗୋଟିଏ ଚୁଟକି ହଳଦି ପାଉଡର ମିଶାନ୍ତୁ। ଏହି ମିଶ୍ରଣକୁ ରିଙ୍କଲ୍ସ ହୋଇଥିବା ସ୍ଥାନରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ।। ତେଲରେ ମୁହଁର ମାଲିସ କରନ୍ତୁ । ସକାଳୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ତ୍ୱଚ୍ଚ ହାଇଡ୍ରେଟ ହେବା ସହ ରିଙ୍କଲ୍ସ ଦୂର ହୋଇଥାଏ।

ଭ ଏଲୋବେରା ଜେଲ, ଦହି ଏବଂ କାକୁଡି ରସକୁ ଏକାଠି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୨୦ ମିନିଟ ଯାଏଁ ମାଲିସ କରି ଧୋଇ ଦିଅନ୍ତୁ।

ଭଦହିରେ କାକୁଡି ରସ ମିଶାଇ ୨୦ ମିନିଟ ପର୍ଯ୍ୟନ୍ତ ମୁହଁରେ ଏହି ପେଷ୍ଟକୁ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହ ଭିତରେ ୨ ରୁ ୩ ଥର ଏହି ଉପାୟକୁ କରନ୍ତୁ। ଏହାଦ୍ୱାରା ତ୍ୱଚ୍ଚର ଉଜ୍ଜ୍ୱଳତା ବଢ଼ିବା ସହ ମୁହଁରେ ପଡିଥିବା କୁଂଚନ ବା ରିଙ୍କଲ୍ସ ମଧ୍ୟ ଧୀରେ ଧୀରେ କମିଯିବ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ଏମ୍ସ ସମାବର୍ତ୍ତନ ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିବେ ରାଷ୍ଟ୍ରପତି

**ଭୁବନେଶ୍ୱର,୧୩।୭ (ମହାଭାରତ):** ଏମସ୍ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହ ଉତ୍ସବରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ଚଳିତ ମାସ ୧୪ ତାରିଖ, ସୋମବାର ଦିନ ଅନୁଷ୍ଠିତ ହେବାକୁ ଥିବା ଏହି ସ୍ମରଣୀୟ ଉତ୍ସବରେ ମହାମାନ୍ୟ ରାଷ୍ଟ୍ରପତି ମହୋଦୟାଙ୍କ ଉପସ୍ଥିତି ଛାତ୍ରଛାତ୍ରୀ, ଅଭିଭାବକ ତଥା ସମସ୍ତ ଏମ୍ସ ପରିବାରକୁ ଅନୁପ୍ରେରିତ କରିବା ନେଇ ମତରଖିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ଶିକ୍ଷାଗତ ଉତ୍କର୍ଷତା, ସମର୍ପଣ ଏବଂ ଦେଶ ପ୍ରତି ସେବା ମନୋଭାବକୁ ପ୍ରତିପାଦିତ କରୁଥିବା ଏହି ସମାବର୍ତ୍ତନ ଉତ୍ସବକୁ, ଏମ୍ସ ଭୁବନେଶ୍ୱର ପକ୍ଷରୁ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କୁ ସହୃଦୟତାର ସହିତ ସ୍ୱାଗତ କରିଛନ୍ତି ଡ. ବିଶ୍ୱାସ। ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହିତ ଓଡ଼ିଶାର ରାଜ୍ୟପାଳ ହରି ବାବୁ କମ୍ଭମ୍ପାଟି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସାଂସଦ (ଲୋକସଭା), ଭୁବନେଶ୍ୱର ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବେ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଚଳିତ ବର୍ଷ, ମୋଟ ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଗତଧାରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଏହି ସୂଚୀରେ, ୧୯୬ ଜଣ ଡାକ୍ତରୀ ଛାତ୍ରଛାତ୍ରୀ, ୧୫୮ ଜଣ ବିଶେଷଜ୍ଞ(ପିଜି) ଡାକ୍ତର, ୪୯ ଜଣ ସୁପର ସ୍ପେଷିଆଲିଟି(ଡିଏମ୍/ଏମ୍ସିଏଚ୍), ୨୧ ଜଣ ପୋଷ୍ଟ-ଡକ୍ଟରାଲ୍ ଫେଲୋ (ପିଡିଏଫ୍), ୧୧୬ ଜଣ ବିଏସ୍ସି ନର୍ସିଂ, ୬୨ଜଣ ବିଏସ୍ସି ପାରାମେଡିକାଲ୍, ୪୧ ଜଣ ଏମ୍ଏସସି ନର୍ସିଂ, ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ। ଅସାଧାରଣ ଶିକ୍ଷାଗତ ପ୍ରଦର୍ଶନର ସ୍ୱୀକୃତି ସ୍ୱରୂପ, ୧୭ ଜଣ ଡାକ୍ତରୀ ଛାତ୍ରଛାତ୍ରୀ, ଜଣେ ଏମଡି/ଏମ୍ଏସ, ଜଣେ ଡିଏମ୍/ଏମଏଚିଏଚ୍, ୩ ଜଣ ବିଏସ୍ସି ନର୍ସିଂ, ୭ ଜଣ ବିଏସ୍ସି ପାରାମେଡିକାଲ୍, ଦୁଇ ଜଣ ଏମ୍ଏସସି ନର୍ସିଂ ଛାତ୍ରଛାତ୍ରୀଙ୍କ ସମେତ ୩୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୫୯ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଏହି ଅବସରରେ ଡ. ପି.ଆର୍. ମହାପାତ୍ର (ଡିନ୍), ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ୍ ସରକାର (ଡିଡିଏ), ଡ. ସୁଦୀପ୍ତ ରଞ୍ଜନ ସିଂହ (କୁଳସଚିବ), ଡ. ଦିଲ୍ଲୀପ କୁମାର ପରିଡ଼ା (ମେଡିକାଲ୍ ଅଧୀକ୍ଷକ), ଏବଂ ଡ. ବିକାଶ ଭାଟିଆଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୦୦୩ ମସିହାରେ ମହାନ ଦୂରଦୃଷ୍ଟିସମ୍ପନ୍ନ ଜନନେତା ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା ପ୍ରତିଷ୍ଠିତ, ଏମସ ଭୁବନେଶ୍ୱର ଆଜି ମେଡିକାଲ୍ ଶିକ୍ଷା, ଗବେଷଣା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନ ହାସଲ କରିଛି। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ଗୁଡ଼ିକରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ବିଶ୍ୱାସର ପ୍ରତୀକ ପାଲଟିଛି।



ଉତ୍କର୍ଷତା ପ୍ରତି ଏମସ୍ ଭୁବନେଶ୍ୱରର ପ୍ରତିବଦ୍ଧତା ଏହାର ମାନ୍ୟତା ସ୍ପଷ୍ଟ କରିଥାଏ। ଖ୍ୟାତନାମା ଇଣ୍ଡିଆ ଟୁଡେ-ଏମଡିଆରଏ ସର୍ଭେ ୨୦୨୫ରେ ଏହି ଜାତୀୟ ପ୍ରତିଷ୍ଠାନ ଶ୍ରେଷ୍ଠ ମେଡିକାଲ କଲେଜ ମଧ୍ୟରେ ୧୨ ତମ ଏବଂ ଉଦୀୟମାନ ମେଡିକାଲ କଲେଜ ମଧ୍ୟରେ ଦେଶରେ ୨ୟ ସ୍ଥାନ ହାସଲ କରିଛି। ଏମସ ନୂଆଦିଲ୍ଲୀ ପରେ ଦେଶବ୍ୟାପୀ ନିଟ୍ ଯୋଗ୍ୟ ପ୍ରାର୍ଥୀଙ୍କ ଦ୍ୱିତୀୟ ପସନ୍ଦ ପାଲଟିଛି। ପ୍ରତିଷ୍ଠିତ ଏନ୍ଆଇଆରଏଫ୍ ୨୦୨୪ ରେ ୧୫ ତମ ସ୍ଥାନରେ ରହି ସଫଳତା ହାସଲ କରିଛି। ୨୦୨୧ରେ ଏହି କ୍ରମରେ ଏମ୍ସ ୩୧ତମ ସ୍ଥାନରୁ ସଫତଳାର ସହିତ ଉଚ୍ଚସ୍ଥାନକୁ ଉଠି ଚାଲିଛି। ଏମସ୍ ଭୁବନେଶ୍ୱର ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏହାର କ୍ୟାମ୍ପସକୁ ସହୃଦୟତାର ସହିତ ସ୍ୱାଗତ କରୁଛି। ରାଷ୍ଟ୍ରପତି ମହୋଦୟାଙ୍କ ଏହି ଗସ୍ତ ପ୍ରତ୍ୟେକ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିବା ଏହି ପବିତ୍ର ମାଟିର ଜଣେ ଆଦର୍ଶ ଝିଅ, ସାମାଜିକ ନେତୃତ୍ୱର ଏକ ଆଲୋକବର୍ତ୍ତିକା ଭାବରେ, ତାଙ୍କର ଯାତ୍ରା ସେହି ମୂଲ୍ୟଗୁଡ଼ିକୁ ପ୍ରତିଫଳିତ କରେ ଯେଉଁ ମୂଲ୍ୟବୋଧ ଏମସ୍ ଭୁବନେଶ୍ୱର ଏଠାରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଥିବା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ପ୍ରକାଶ କରିଛନ୍ତି। କୃତଜ୍ଞତା ଏବଂ ସମ୍ମାନର ସହିତ, ଆମେ ଏହି ଐତିହାସିକ ସମାବର୍ତ୍ତନ ସମାରୋହ ପାଳନ କ୍ଷଣକୁ ଅପେକ୍ଷା କରୁଛୁ, ଯାହା ଏକ ସମ୍ମାନ, ଆନନ୍ଦ ଏବଂ ନୂତନ ଆରମ୍ଭର ଦିନ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି।

# ସ୍ନାତକ ଓ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ

**ଭୁବନେଶ୍ୱର,୧୩।୭ (ମହାଭାରତ):** ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମର ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କର ଶ୍ରେଣୀଗୃହ ପାଠପଢ଼ା ଗତ ୧୦ ତାରିଖ ଠାରୁ ଆରମ୍ଭ ହୋଇଯାଇଛି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ସମୟ ସାରଣୀ ଅନୁଯାୟୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଜୁଲାଇ ୧୦ ତାରିଖରୁ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମର ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି।

ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ନାମଲେଖା ପ୍ରକିୟାର ଫେଜ୍-୧ ତୃତୀୟ ପର୍ଯ୍ୟାୟ ଶେଷହେବା ପର୍ଯ୍ୟନ୍ତ, ୧,୬୦,୨୫୫ ଜଣ ଛାତ୍ରଛାତ୍ରୀ ସ୍ନାତକ ଶ୍ରେଣୀରେ ନାମ ଲେଖାଇଥିବାବେଳେ ୧୮,୪୨୮ ଜଣ ଛାତ୍ରଛାତ୍ରୀ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି।

ସ୍ନାତକ ଶ୍ରେଣୀ ପାଇଁ ଫେଜ୍-୧ ସ୍ପଟ ଆଡ଼ମିଶନ ପ୍ରକ୍ରିୟା (ସ୍ପଟ ନାମଲେଖା ପ୍ରକିୟା) ଆସନ୍ତା ଜୁଲାଇ ୧୬ ତାରିଖରେ ସମାପ୍ତ ହେବ। ସେହିପରି ଭାବେ ସ୍ନାତକୋତ୍ତର ପାଠ୍ୟକ୍ରମର ଶେଷ ପର୍ଯ୍ୟାୟ ନାମ ଲେଖା ପ୍ରକିୟା ଆସନ୍ତା ଜୁଲାଇ ୨୫ ତାରିଖରେ ସମାପ୍ତ ହେବ।

ପ୍ରକାଶଯୋଗ୍ୟ ଯେ, ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ପାଠ୍ୟକ୍ରମକୁ ସଠିକ ସମୟରେ ଆରମ୍ଭ କରିବା ପାଇଁ ଶିକ୍ଷାବର୍ଷ-୨୦୨୫-୨୬ରେ ନାମଲେଖା ପ୍ରକିୟାକୁ ଶୀଘ୍ର ଆରମ୍ଭ କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ଫଳରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ସଠିକ ସମୟରେ ପାଠପଢ଼ା ଆରମ୍ଭ ହେବା ସହିତ ସଠିକ ସମୟରେ ପରୀକ୍ଷା କରାଯାଇ ଫଳାଫଳ ମଧ୍ୟ ଘୋଷଣା କରାଯାଇପାରିବ, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହେବେ।

# କିମ୍ସରେ କର୍କଟ ରୋଗର ସଫଳ ଚିକିତ୍ସା



**ଭୁବନେଶ୍ୱର,୧୩।୭ (ମହାଭାରତ):** ଓଡ଼ିଶାରେ କର୍କଟ ରୋଗ ଚିକିତ୍ସା ପାଇଁ ଏକ ବଡ଼ ସଫଳତା। ଅତ୍ୟାଧୁନିକ ଇଲେକ୍ଟ୍ରୋନ୍ ବିମ୍ ଥେରାପି (ଇବିଟି) ପଦ୍ଧତିରେ କିମ୍ସ ଅନ୍‌କୋଲୋଜି ବିଭାଗରେ ଜଣେ ରୋଗୀଙ୍କଠାରେ ଏହି ରୋଗର ସଫଳ ଚିକିତ୍ସା କରାଯାଇପାରିଛି। କ୍ୟୁଟେନିଅସ୍ ଟି-ସେଲ ଲିମ୍ଫୋମା ନାମକ ଏକ ପ୍ରକାରର କର୍କଟ ରୋଗ ସହ ଜନୈକ ରୋଗୀ ସଂଗ୍ରାମ କରୁଥିଲେ। ଏହା ରୋଗୀଙ୍କ ଚର୍ମରେ କ୍ଷତ ସୃଷ୍ଟି କରି ସମଗ୍ର ଶରୀରର ଏକାଧିକ ସ୍ଥାନରେ କିଛି କିଛି ସ୍ଥାନରେ ମାଂସ ବୃଦ୍ଧି ହୋଇ ଯନ୍ତ୍ରଣା ହେଉଥିଲା। କିମ୍ସକୁ ଆସିବା ପୂର୍ବରୁ ସେ ଏଥିରୁ ରକ୍ଷା ପାଇବା ପାଇଁ ଅସ୍ତ୍ରୋପଚାର କରିସାରିଥିଲେ ଏବଂ କେମୋଥେରାପି ମଧ୍ୟ କରିଥିଲେ। ରୋଗୀ ଜଣକ କିମ୍ସ କ୍ୟାନସର ସେଣ୍ଟରରେ ପହଞ୍ଚିବା ପରେ ଏକାଧିକ ନୋଡୁଲାର କ୍ଷତ ଯୋଗୁଁ ତାଙ୍କର ଯନ୍ତ୍ରଣା ହେବା ସହ ତରଳ ପଦାର୍ଥ ସ୍ରାବ ହେଉଥିଲା। କିମ୍ସ ବିଶେଷଜ୍ଞ ଡା ସ୍ମିତି ଦାସଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ତାଙ୍କର ପରୀକ୍ଷା କରିଥିଲେ। ଶେଷରେ ଆକ୍ରାନ୍ତ ସ୍ଥାନରେ ଇଲେକ୍ଟ୍ରୋନ ବିମ ଥେରାପି ପଦ୍ଧତିରେ ଚିକିତ୍ସା ପାଇଁ ଯୋଜନା କରିଥିଲେ। ଏହି ପ୍ରକ୍ରିୟାରେ ସାଧାରଣତଃ ଉଚ୍ଚ ଶକ୍ତିଯୁକ୍ତ ଇଲେକ୍ଟ୍ରନ୍‌କୁ ନେଇ ଏକ କେନ୍ଦ୍ରୀଭୂତ ବିମ ଜରିଆରେ ଆଖପାଖ ସୁସ୍ଥ ତନ୍ତୁ ଉପରେ ସର୍ବନିମ୍ନ ପ୍ରଭାବ ସହିତ ଚର୍ମରେ କର୍କଟ କୋଷଗୁଡ଼ିକୁ ନଷ୍ଟ କରିବା ପାଇଁ ବ୍ୟବହାର କରାଯାଏ। ନିରନ୍ତର ୩.୫ ସପ୍ତାହର ପ୍ରୟାସ ପରେ ରେଡିଏସନ୍ ଅଙ୍କୋଲୋଜି ଦଳ ଏହି ଚିକିତ୍ସା କରି ସଫଳତା ପାଇଥିଲେ। ଏବେ ରୋଗୀ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି।ଡା ସ୍ମିତି ଦାସଙ୍କ ନେତୃତ୍ୱରେ ଏହି ଅଭିଯାନରେ ଡା ମାନିକା ବର୍ମା, ଜୁନିଅର କନସଲଟାଣ୍ଟ ଶୁଭାଶିଷ ତ୍ରିପାଠୀ, କ୍ଲିନିକାଲ୍ ଆସିଷ୍ଟାଣ୍ଟ ଆଶିଷ ମସାନ୍ତ; ଅବନ୍ତୀ ଭୂୟାଁ, ବିକିରଣ ସୁରକ୍ଷା ଅଧିକାରୀ ଅସିତ ପାଣିଗ୍ରାହି, ଜେସମିନ୍ ଅହମ୍ମଦ, ବରିଷ୍ଠ ରେଡିଏସନ୍ ଥେରାପି ଟେକ୍ନୋଲୋଜିଷ୍ଟ କୃଷ୍ଣ ପ୍ରସାଦ ଶି, ଦିପ୍ତିମଞ୍ଜରୀ ଶା, ସୌହାର୍ଦ୍ଦ୍ୟ, ସୌରଭ, କିଶୋର ବିଶ୍ୱାଳ, ବିଶାଳ ତଥା ବିକିରଣ ଅଙ୍କୋଲୋଜି ବିଭାଗର ଅନ୍ୟ କର୍ମଚାରୀ ପ୍ରମୁଖ ସାମିଲ ଥିଲେ।

ଇବିଟି ହେଉଛି ଏକ ପ୍ରକାରର ବିକିରଣ ଚିକିତ୍ସା ଯାହା କର୍କଟ କୋଷଗୁଡ଼ିକୁ ନଷ୍ଟ କରିବା ପାଇଁ ଉଚ୍ଚ-ଶକ୍ତି ଇଲେକ୍ଟ୍ରନ ବ୍ୟବହାର କରାଯାଇଥାଏ। ଏହା ବିଶେଷ ଭାବରେ ଚର୍ମ କର୍କଟ, ସ୍ତନ କର୍କଟ, ଏଚଏନସି (ମଥା ଏବଂ ଗଳା କର୍କଟ) ଏବଂ ଚର୍ମ ଲିମ୍ଫୋମା ଭଳି ନିକଟତର ପୃଷ୍ଠ କର୍କଟ ପାଇଁ ଉପଯୋଗୀ। ଇବିଟିର ସଠିକତା ଏବଂ ନମନୀୟତା କମ୍ ପାର୍ଶ୍ୱ ପ୍ରତିକ୍ରିୟା ସହ ରୋଗ ଶୀଘ୍ର ଉପଶମ କରାଇଥାଏ।

# ବିଶ୍ୱରେ ଆହୁରି ତାପମାତ୍ରା ବୃଦ୍ଧି ପାଇବ ପ୍ରଭାବ

**ଭୁବନେଶ୍ୱର,୧୩।୭ (ମହାଭାରତ):** ୧୯୦୧ ମସିହା ଠାରୁ ଏପର୍ଯ୍ୟନ୍ତ ୨୦୨୪ ସବୁଠାରୁ ଉତପ୍ତ ବର୍ଷ ଥିଲା। ବିଶ୍ୱ ତାପନ ପ୍ରଭାବ ଯୋଗୁଁ ୨୦୧୦ ରୁ ୨୦୨୪ ୧୫ ବର୍ଷ ମଧ୍ୟରେ ଦଶ ବର୍ଷ ଅନ୍ୟ ବର୍ଷ ତୁଳନାରେ ଉତ୍ତପ୍ତ ବର୍ଷ ଭାବେ ପରିଗଣିତ ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ ଅନ୍ତର୍ଗତ ନ୍ୟାସ୍‌ନାଲ୍ ଓ୍ୱେଦର ଫେରକାଷ୍ଟିଂ ସେଂଟରର ପାଣିପାଗ ବିଶେଷଜ୍ଞ ଡକ୍ଟର ଅଖିଳ ଶ୍ରୀବାସ୍ତବ କହିଛନ୍ତି।। ଏହି ୫ଟି ବର୍ଷ ହେଉଛି ୨୦୨୪, ୨୦୧୬, ୨୦୦୯, ୨୦୧୦ ଏବଂ ୨୦୧୭।

ସେ କହିଛନ୍ତି ଯେ, ପ୍ରଚଣ୍ଡ ରୌଦ୍ର ତାପର ପ୍ରଭାବ କିଛି ବର୍ଷ ହେବ ଭୀଷଣ ଭାବେ ଅନୁଭୂତ ହେଉଥିବା ବେଳେ ମୃତ୍ୟୁ ଏବଂ କ୍ଷୟକ୍ଷତି ପରିପ୍ରେକ୍ଷୀରେ ଦ୍ୱିତୀୟ ବଡ଼ କାରଣ ପାଲଟିଛି ବୋଲି କହିଛନ୍ତି ଡକ୍ଟର ଶ୍ରୀବାସ୍ତବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଆୟୋଜିତ 'ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନ - ପ୍ରସଙ୍ଗ ଓ ସମ୍ଭାବନା' ଶୀର୍ଷକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗ



ଦେଇ ଏହା କହିଛନ୍ତି ଡକ୍ଟର ଶ୍ରୀବାସ୍ତବ। ଡକ୍ଟର ଶ୍ରୀବାସ୍ତବ କହିଛନ୍ତି ଯେ କେବଳ ଅଧିକ ତାପମାତ୍ରା ପ୍ରଚଣ୍ଡ ରୌଦ୍ର ତାପ ଉପୁଜାଇ ନାହିଁ ବରଂ ଅନ୍ୟାନ୍ୟ ପାଣିପାଗ ଜନିତ କାରଣରୁ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଡକ୍ଟର ଶ୍ରୀବାସ୍ତବ କହିଛନ୍ତି ଯେ ୨୦୦୦ ରୁ ୨୦୦୯ ବର୍ଷ ଗୁଡ଼ିକ ଅପେକ୍ଷା ୨୦୧୦ ରୁ ୨୦୧୯ ମଧ୍ୟରେ ରୌଦ୍ର ତାପର ସଂଖ୍ୟା ୨୪ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଏତଦ୍ ଜନିତ ମୃତ୍ୟୁ ମଧ୍ୟ ୨୭ ପ୍ରତିଶତ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ସୋଆ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଥିବା ବେଳେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ କହିଥିଲେ ଯେ ବିଶ୍ୱବିଦ୍ୟାଳୟ ଭାବେ ସମାଜର ହିତ ପାଇଁ କାର୍ଯ୍ୟ କରିବା ଏହାର ଦାୟିତ୍ୱ। ବର୍ତ୍ତମାନ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ତାପନ ଚିନ୍ତାର କାରଣ ପାଲଟିଥିବା ବେଳେ ଏ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀମାନେ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ନିଜ ନିଜ କ୍ଷେତ୍ରରେ ସଚେତନତାର ସୃଷ୍ଟି କରନ୍ତୁ ବୋଲି କୁଳପତି କହିଥିଲେ। ସୋଆ ପକ୍ଷରୁ ସେଂଟର ଫର ଏନଭାଇରନ୍‌ମେଂଟ ଆଣ୍ଡ କ୍ଲାଇମେଟ ଓ ସେଂଟର ଫର କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚର (ସିସିଏସ୍‌ଏ) ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି ବୋଲି ପ୍ରଫେସର ନନ୍ଦ କହିଥିଲେ। କାର୍ଯ୍ୟକ୍ରମର ଅର୍ଗାନାଇଜିଂ ଚେୟାର ତଥା ସିସିଏସ୍‌ଏର ଡିଷ୍ଟିଙ୍ଗୁଇସ୍‌ଡ ପ୍ରଫେସର ଉମା ଚରଣ ମହାନ୍ତି ସମ୍ମିଳନୀର ଉଦ୍‌ଯାପନୀ ବକ୍ତବ୍ୟ ରଖିବା ସହ ସମ୍ମିଳନୀରେ ଯେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ମୁଖକୁ ଆସିଛି ସେ ସମ୍ପର୍କରେ ସୂଚନା ଦେଇଥିଲେ।

# ରେଳ ମଣ୍ଡଳ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

**ଭୁବନେଶ୍ୱର,୧୩।୭ (ମହାଭାରତ):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପକ୍ଷରୁ ଗତକାଲି ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଇଅଛି ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସଂଖ୍ୟା ସମ୍ପର୍କିତ ସମସ୍ୟା ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ରେଳ କର୍ମଚାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବା। କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡକ୍ଟର (ଶ୍ରୀମତୀ) ସବିତା ସତପଥୀଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା, ଯିଏ ସ୍ଥାୟୀ ବିକାଶ ଏବଂ ପ୍ରଜନନ ସ୍ୱାସ୍ଥ୍ୟର ଗୁରୁତ୍ୱ ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ଅଭିଭାଷଣରେ, ସେ



ଜନସଂଖ୍ୟା ବୃଦ୍ଧି ଦ୍ୱାରା ଉପୁଜିଥିବା ଆହ୍ୱାନ ଗୁଡ଼ିକର ମୁକାବିଲା କରିବାରେ ଜନସଚେତନତା ଏବଂ ସ୍ୱାସ୍ଥ୍ୟସେବା ପଦକ୍ଷେପର ଭୂମିକା ଉପରେ ଆଲୋକପାତ କରିଥିଲେ।

ବିଭାଗୀୟ ଚିକିତ୍ସା ଅଧିକାରୀ ଡକ୍ଟର ଆର. ଏନ. ପଣ୍ଡା ମଧ୍ୟ ଏହି ଅବସରରେ ଯୋଗ ଦେଇ ପରିବାର ନିଯୋଜନ ଏବଂ ସ୍ୱାସ୍ଥ୍ୟ ସେବା ବିଷୟରେ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ଶିକ୍ଷା ଓ ସଚେତନତା ଦେବା ପାଇଁ ଚିକିତ୍ସା ବିଭାଗ ଦ୍ୱାରା ଗ୍ରହଣ କରାଯାଉଥିବା ପଦକ୍ଷେପ ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ବିଷୟରେ କହିଥିଲେ। ବିଶ୍ୱ ଜନସଂଖ୍ୟା ଦିବସ ୨୦୨୫ ପାଇଁ ନିଷ୍ପକ୍ଷ ଏବଂ ଆଶାବାଦୀ ବିଶ୍ୱରେ ସେମାନେ ଚାହୁଁଥିବା ପରିବାର ଗଠନ କରିବା ପାଇଁ ଯୁବପିଢ଼ିଙ୍କୁ ସଶକ୍ତ କରିବା ବିଷୟବସ୍ତୁ ଉପରେ ଏକ ସେମିନାର ଆୟୋଜନ କରାଯାଇଥିଲା ଏବଂ ପ୍ରଜନନ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉପଲବ୍ଧତା, ପରିବାର ନିଯୋଜନରେ ସମାନତା, ଲିଙ୍ଗଗତ ବୈଷମ୍ୟ ମୁକାବିଲା, ଜନସଂଖ୍ୟା ବୃଦ୍ଧି ଏବଂ ପରିବେଶ ଏବଂ ଦାରିଦ୍ର୍ୟ ଉପରେ ପ୍ରଭାବ ଉପରେ ସେମାନଙ୍କର ମତାମତ କହିବାକୁ କର୍ମଚାରୀମାନଙ୍କୁ ଉତ୍ସାହିତ କରାଯାଇଥିଲା।

# ଉତ୍କଳମଣି ମହାବିଦ୍ୟାଳୟରେ ବୃକ୍ଷରୋପଣ

**ଭୁବନେଶ୍ୱର,୧୩।୭ (ମହାଭାରତ):** ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଓଡ଼ିଶା ପରିବେଶ ସମିତି (ଓଇଏସ୍) ଆନୁକୂଲ୍ୟରେ ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ କାର୍ଯ୍ୟକ୍ରମ ସଫଳ ରୂପେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାଗୃହରେ ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ବନ ମହୋତ୍ସବ ପାଳନର ଗୁରୁତ୍ୱ ଏବଂ ଯୁବ ପିଢ଼ିଙ୍କର ଯୋଗଦାନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ଓ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ଼. ଜୟକୃଷ୍ଣ ପାଣିଗ୍ରାହୀ ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତିରେ ପ୍ରକୃତିର ସଂରକ୍ଷଣ ଏବଂ ବୃକ୍ଷରୋପଣ ମାଧ୍ୟମରେ ମାନବ ପରିବେଶରେ ସବୁଜିମା ବୃଦ୍ଧିର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ପ୍ରକୃତି ପ୍ରତି ଆମ ସମ୍ବେଦନଶୀଳତାରେ ବୃଦ୍ଧି ଉପରେ ବକ୍ତବ୍ୟ ରଖିଥିଲେ। ଜାତୀୟ ସେବା ଯୋଜନା ସଂଯୋଜକ ନୀରଦ ବରଣ ଖୁଣ୍ଟିଆ। ଏନ୍‌ଏସ୍‌ଏସ୍ ଛାତ୍ରଛାତ୍ରୀମାନଙ୍କର ପରିବେଶ ସୁରକ୍ଷାରେ ଥିବା ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରାଧ୍ୟାପିକା ଡ.




ସୁଜାତା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ଅଧ୍ୟାପକ ପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର କୋଷାଧ୍ୟକ୍ଷ ପ୍ର. ବି ସୀତାରାମ ପାତ୍ର, ପରିବେଶବିତ୍ ପ୍ରଦୀପ ଦଳାଇ, କବୟିତ୍ରୀ ସ୍ୱପ୍ନା ବେହେରା ଏବଂ ଇଂ ଗାନ୍ଧୀ ଚୌଧୁରୀ ନିଜନିଜର ମତ ଉପସ୍ଥାପନ କରିଥିଲେ।

# କଳିଙ୍ଗ କଳା ପଥର ଖଣି ନିଲାମ ମୂଲ୍ୟ ଧାର୍ଯ୍ୟ ଠାରୁ ଅଧିକ

**ଭୁବନେଶ୍ୱର,୧୩।୭ (ମହାଭାରତ):** ଖୋର୍ଦ୍ଧା ନିକଟବର୍ତ୍ତୀ ଟାପଙ୍ଗ ଅଂଚଳ ରେ ଥିବା କଳିଙ୍ଗ କଳା ପଥରଖଣି ର ନିଲାମ ମୂଲ୍ୟ ଧାର୍ଯ୍ୟ ଠାରୁ ଅଧିକ ହୋଇଥିବାରୁ ଆଂଚଳିକ ପାହାଡ଼ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କ ରେ ଆଂଚଳିକ କ୍ରସର ମାଲିକ ସଙ୍ଘ ଟାପଙ୍ଗ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀ ରେ ସଙ୍ଘ ର କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ସାମନ୍ତରାୟ କହିଛନ୍ତି ପୂର୍ବରୁ ୧୭୦ ଟଙ୍କା କ୍ୟୁବିକ ମିଟର ପିଛା ଥିବାବେଳେ ଖଣି ନିର୍ଦ୍ଦେଶାଳୟ ତରଫରୁ କଳିଙ୍ଗ କଳା ପଥର ଖଣି ର କ, ଖ, ଗ ଖଣି ଗୁଡିକର ମୂଲ୍ୟ ଧାର୍ଯ୍ୟ ଠାରୁ ଅତ୍ୟଧିକ ହୋଇଛି। ଯାହା ୩୫୪ ଟଙ୍କା +୧୩୦ ଏବଂ ସରକାରଙ୍କର



ନୀତିନିୟମ ଅନୁସାରେ ବି ୫୦୦ ଟଙ୍କା କ୍ୟୁବିକ୍ ମିଟର ହେଇଥିବାବେଳେ ସେହି ଖଣି ନିଦ୍ରେଦଶାଳୟ ର ଇସ୍ତାହାର ରେ ଟାଙ୍ଗେଣୀ କଳା ପଥର ଖଣି ର ମୂଲ୍ୟ ୧୭୦ ଟଙ୍କା କ୍ୟୁବିକମିଟର ପିଛା ରହିଛି।ଆଂଚଳିକ ପାହାଡ଼ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କଳିଙ୍ଗ କଳା ପଥର ଖଣି ର ବର୍ଦ୍ଧିତ ଧାର୍ଯ୍ୟ ମୂଲ୍ୟ କୁ ପ୍ରତ୍ୟାହାର କରାଯାଇ ପୂର୍ବ ଭଳି ୧୭୦ ଟଙ୍କା କ୍ୟୁବିକ ମିଟର ପିଛା ମୂଲ୍ୟ ରଖାଯାଉ ରାଜ୍ୟ ସରକାର ଙ୍କୁ ଅନୁରୋଧ କରାଯାଇଛି। ଉକ୍ତ ଖଣିର ନିଲାମ ରେ ଭାଗ ନେଇଥିବା ସମସ୍ତ ସଦସ୍ୟ ମାନଙ୍କୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି କି ବର୍ଦ୍ଧିତ ମୂଲ୍ୟ ରେ ନିଲାମ ନେଲେ ଟାପଙ୍ଗ ଏବଂ ତାହାର ଆଖପାଖ ଅଂଚଳ ରେ ଥିବା ୩୬୭ କ୍ରସର କୁ କଂଚମାଲ ବର୍ଦ୍ଧିତ ଦର ରେ ନେଇ ଚାଲି ପାରିବ ନାହିଁ। ଅଂଚଳ ର ବେକାର ସଂଖ୍ୟା ବହୁ ମାତ୍ରା ରେ ବୃଦ୍ଧି ପାଇବ ଏବଂ ପ୍ରତେକ୍ଷ ଓ ପରୋକ୍ଷ ଭାବରେ କ୍ରସର ଶିଳ୍ପ ଉପରେ ନିର୍ଭର କରୁଥିବା ବ୍ୟବସାୟୀ ମାନଙ୍କର ଆର୍ଥିକ ଅବସ୍ଥା ସଙ୍କଟାପନ୍ନ ହେବ। ଏଣୁ ନିଲାମ ରେ ଭାଗନେଇଥିବା ବ୍ୟକ୍ତି ମାନେ ଆଂଚଳିକ ପାହାଡ଼ କ୍ରିୟାନୁଷ୍ଠାନ କମିଟି ସହ ଯୋଗାଯୋଗ କରି ବର୍ଦ୍ଧିତ ଦର କୁ ପ୍ରତ୍ୟାହାର କରିବା ପାଇଁ ସରକାର ନିକଟରେ ଦାବୀ ଉପସ୍ଥାପନା କରିବାକୁ ଅନୁରୋଧ କରାଯାଇଛି। ବର୍ଦ୍ଧିତ ଦରରେ କୌଣସି ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନିଲାମ ନେଲେ ତାକୁ ଆଂଚଳିକ ପାହାଡ଼ କ୍ରିୟାନୁଷ୍ଠାନ କମିଟି ତୀବ୍ର ବିରୋଧ କରିବବୋଲି ଏହି ସାମ୍ବାଦିକ ସମ୍ମିଳନୀ ରେ ଶ୍ରୀଯୁକ୍ତ ସାମନ୍ତରାୟ କହିଛନ୍ତି।

# ସାମସଙ୍ଗ ସ୍କିଲ ଡେ଼ଭଲପମେଣ୍ଟ ସେଣ୍ଟର ଶୁଭାରମ୍ଭ

**ଭୁବନେଶ୍ୱର,୧୩।୭ (ମହାଭାରତ):** ସାମସଙ୍ଗ ସେମିକଣ୍ଡକ୍ଟର ଇଣ୍ଡିଆ ରିସର୍ଚ୍ଚ (ଏସଏସଆଇଆର) ଆଜି ଏହାର ପ୍ରଥମ ସାମସଙ୍ଗ ସ୍କିଲ ଡେ଼ଭଲପମେଂଟ ସେଂଟର, କୋଲାର ଗୋଲ୍ଡ ଫିଲ୍ଡ, କର୍ଣ୍ଣାଟକ ସ୍ଥିତ ସରକାରୀ ପଲିଟେକ୍‌ନିକ ଠାରେ ଉଦ୍‌ଘାଟନ କରିଛି। କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପଦକ୍ଷେପର ଅଂଶବିଶେଷ ଭାବରେ, ଏସଏସଆଇଆର ପାଂଚଟି ଉନ୍ନତ ଜ୍ଞାନକୌଶଳରେ ନିର୍ମିତ ପ୍ରୟୋଗଶାଳାର ବିକାଶକୁ ସମର୍ଥନ କରିବ ଯାହାର ପ୍ରମୁଖ ଲକ୍ଷ୍ୟ ଆର୍ଟିଫିସିଆଲ ଇଂଟେଲିଜେନ୍‌ସି (ଏଆଇ)/ ଯାନ୍ତ୍ରିକୀ ଶିକ୍ଷଣ (ଏମଏଲ), ସାଇବର ସୁରକ୍ଷା, ଅଟୋମେସନ, ରୋବୋଟିକ୍ସ ଏବଂ କୋର ଇଞ୍ଜିନିୟରିଙ୍ଗ ବିଭାଗ ଇତ୍ୟାଦି ଗୁଡ଼ିକ ପାଇଁ ହାତ ପାହାନ୍ତାରେ ବିଭିନ୍ନ ଶିକ୍ଷାର ସୁବିଧା ଯୋଗାଇବା। ଏଭଳି ଏକ ବିଶେଷ ପଦକ୍ଷେପ ସାମସଙ୍ଗର ଦେଶର ଅପହଂଚ ସ୍ଥାନ ଗୁଡ଼ିକରେ ଯୁବବର୍ଗ ମାନଙ୍କୁ ସଶକ୍ତ କରାଇବାର ବଚ୍ନବଦ୍ଧତା ସହିତ ସମ୍ମିଳିତ ହୋଇ, ପରିବର୍ତ୍ତନ ତଥା ଭବିଷ୍ୟତର ନବୀକରଣକୁ ତ୍ୱରାନ୍ୱିତ କରିବା ସହିତ ଯାନ୍ତ୍ରିକୀ ଏବଂ ନବୀକରଣର ଆବେଗତା ରଖୁଥିବା ପ୍ରତ୍ୟେକ ପୃଷ୍ଠଭୂମିରୁ ଆସୁଥିବା ବିଦ୍ୟାର୍ଥୀ ମାନଙ୍କୁ ପ୍ରତିପୋଷଣ କରିବା ଏହାର ଉଦ୍ଦେଶ୍ୟ। ଏଭଳି ସଂଗଠନ ଜରିଆରେ ସାମସଙ୍ଗ ସେହି ଯୁବବର୍ଗ ମାନଙ୍କ ମାନସିକତାକୁ ସଶକ୍ତ କରାଇବାର ମନୋଭାବ, ଶିକ୍ଷାର ମାନ ବୃଦ୍ଧି ତଥା ସମଗ୍ର ଦେଶରେ ବୈଜ୍ଞାନିକ ଆକାଂକ୍ଷିତାର ସଂସ୍କୃତି ତଥା ଉତ୍କଣ୍ଠା ଏବଂ ନବୀକରଣକୁ ଆହୁରି ବ୍ୟାପକ କରାଇବା ଦିଗରେ ଏକ ଉତ୍ସର୍ଗୀକୃତ ପ୍ରତିଷ୍ଠାନ ଅଟେ। ଉଦ୍‌ଘାଟିତ ହୋଇଥିବା ଏହି ପାଂଚଟି ନୂତନ ପ୍ରୟୋଗଶାଳା ଆଧୁନିକ ଯନ୍ତ୍ରାଂଶ ସହିତ ବିଭିନ୍ନ ପ୍ରକାର ସରଞ୍ଜାମ ସୁବିଧାକୁ ନେଇ ସଜ୍ଜିତ ହେବ। ପରବର୍ତ୍ତି ଅବସ୍ଥାରେ ଏହା ନବୀନତମ ଇକୋସିଷ୍ଟମ ଗୁଡ଼ିକୁ ସକ୍ଷମ କରିବା ସହିତ ଏହାର ଶିକ୍ଷା ପାଠକ୍ରମର ଅଂଶବିଶେଷ ଭାବରେ ଶିଳ୍ପ-ସକ୍ଷମକାରୀ କୌଶଳ ଜରିଆରେ ବିଦ୍ୟାର୍ଥୀ ମାନଙ୍କ ବିକାଶ, ଉନ୍ନତି ତଥା ସେମାନଙ୍କୁ ଏହି ଜ୍ଞାନକୌଶଳ ଦିଗରେ ସାହାଯ୍ୟ କରିବ। ଏକ ବହୁବିଧ ଶୃଙ୍ଖଳିତ ଆଭିମୁଖ୍ୟ ଅଧିନରେ ବିଦ୍ୟାର୍ଥୀମାନେ ଏଠାରୁ ବାସ୍ତବ ଅଭିଜ୍ଞତା ପାଇପାରିବେ।

ବାଲାଜୀ ସୌରୀରାଜନ, ଇଭିପି ଏବଂ ଏମଡ଼ି, ଏସଏସଆଇଆର ମତବ୍ୟକ୍ତ କରି କହିଛନ୍ତି, "ଏଭଳି ଏକ ପଦକ୍ଷେପ କର୍ଣ୍ଣାଟକର ଗ୍ରାମାଂଚଳ କ୍ଷେତ୍ରରେ ରହୁଥିବା ବିଦ୍ୟାର୍ଥୀ ମାନଙ୍କ ପାଇଁ ହାତ ପାହାଁନ୍ତାରେ ଉପଲବ୍ଧ ହେଉଥିବା ବିଭିନ୍ନ କୌଶଳ ଗୁଡ଼ିକ ସକ୍ଷମତା ଦିଗରେ ଏକ ପ୍ରମୁଖ ପଦକ୍ଷେପ କହିଲେ ଭୁଲ ହେବ ନାହିଁ। ଆମେ ସମ୍ପୂର୍ଣ୍ଣ ଭାବରେ ଭାରତ ସରକାରଙ୍କର କୁଶଳ ଦକ୍ଷତା ଅଭିଯାନର ଏଭଳି ପଦକ୍ଷେପକୁ ସମର୍ଥନ କରିବା ସହିତ ଡ଼ିଜିଟାଲ ବିଭାଜିକରଣରେ ରହିଥିବା ସେତୁ ପାଇଁ ବଚ୍ନବଦ୍ଧ ଅଟୁ। ଏଆଇ ଏବଂ ଆଇଓଟି ତଥା ଏ ସମ୍ପର୍କିତ ଅନ୍ୟାନ୍ୟ ଜ୍ଞାନକୌଶଳ ଯାହା ଏଠାରୁ ଆସିଥାଏ ସେ ଦିଗରେ ବିଦ୍ୟାର୍ଥୀ ମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟ ନେଇ ଆମର ଲକ୍ଷ୍ୟ ଏକ ସମୟହୀନ ସୁଯୋଗ ସୃଷ୍ଟି କରିବା ଯାହାକି ବିଶ୍ୱସ୍ତରୀୟ ଡ଼ିଜିଟାଲ ଅର୍ଥନୈତିକ କ୍ଷେତ୍ରରେ ଭାରତକୁ ସୁରକ୍ଷା ପ୍ରଦାନ କରିପାରିବ।"

## ‘ଆବାସ’ରେ ଦୁର୍ନୀତି

କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଂଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଯୋଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା। ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି। ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ। ଏକଥା ସତ ଯେ, ଦେଶରେ ଲୋକସଂଖ୍ୟା ବଢୁଛି ଏବଂ ପ୍ରତିବର୍ଷ ନୂଆ ପରିବାର ସୃଷ୍ଟି ହେଉଛି। ତେଣୁ ଗୋଟିଏ ପରିବାରକୁ ଆଜି ଗୋଟିଏ ଘର ଯୋଗାଇ ଦେଲେ ସେହି ପରିବାର ସବୁଦିନ ଉପକୃତ ହେବନି। କାଲି ପିଲାମାନେ ବଡ଼ ହୋଇ ନିଜର ସ୍ୱତନ୍ତ୍ର ପରିବାର କଲେ ସେମାନଙ୍କ ପାଇଁ ମଧ୍ୟ ନୂଆ ଘର ଆବଶ୍ୟକ।

## କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

॥ ସୌମେନ୍ଦ୍ର ଜେନା ॥

“ *ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା ।*

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ତିଆରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ ‘ଦାଫେଙ୍ଗ୍ କାଓ’ ନାମକ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା । ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ। କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି । ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍‌କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ । କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ମାସ ସମୟ ଲାଗିବ। ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ । ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ । ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି । ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି । ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି । ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା, ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ । ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା । ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଟେଙ୍ଗ୍‌ଚେନ୍‌ଫେଙ୍ଗ୍ (ନାନ୍‌ତୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା । ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ଫିତୋଫାନ ହୋଇଛି । ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ ।


ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩


## ଗୋପବନ୍ଧୁ ଦୀନବନ୍ଧୁ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ। ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତ୍ତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା। ଗୋପବନ୍ଧୁ ଥିଲେ ରୂପାଦେଇପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର। ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ। ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ ‘ଗୋପ ଦିନେ ଭାରି ବଡ଼ ଲୋକ ହେବ। ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ।’ ପଣ୍ଡିତଙ୍କ କଥା ସତ ହେଲା। ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା। ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ। ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ। ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା। ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ଠାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ। ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି। ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ। ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ। ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ।

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଥିଲା ଉତ୍କଳ ପ୍ରାଣ

॥ ବାଦଲ ଭୂୟାଁ ॥

ଗୋପବନ୍ଧୁଙ୍କ କର୍ମ ଓ ତ୍ୟାଗର କ୍ଷେତ୍ର। ଓଡ଼ିଆ ଭାଷା ଆଜି ଏଠାରେ ଦ୍ୱିତୀୟ ରାଜ୍ୟ ଭାଷାର ମର୍ଯ୍ୟାଦା ପାଇଛି। ଉତ୍କଳମଣିଙ୍କ ପ୍ରଧାନ ଓ ପ୍ରଥମ କର୍ମଭୂମି ଥିଲା ସିଂହଭୂମ। କଟକ, ପୁରୀ, ବାଲେଶ୍ୱର ଅଞ୍ଚଳରେ ୧୯୨୦ ପର୍ଯ୍ୟନ୍ତ ସେଥିଲେ ଜଣେ ସମାଜସେବୀ। ଗାଁ ଗାଁ ବୁଲି ବଢ଼ି, ମରୁଡ଼ି ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଧରି ଚୁଡ଼ା, ଚାଉଳ ବାଣ୍ଟୁଥିଲେ। ସିଂହଭୂମର ଚକ୍ରଧରପୁର ଠାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନାହିଁ। ଏଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ସମୟର ରାଜନେତା ମାନଙ୍କୁ ବିରୋଧ ଏଇ ସିଂହଭୂମ ମାଟିରୁ କରିଥିଲେ। କଂଗ୍ରେସ ଦଳର ବାର୍ତ୍ତାକୁ ପ୍ରଚାର ପ୍ରସାର କରି ସେ ସମୟର ନେତା ମାନଙ୍କ ଭିତରେ ମଧ୍ୟରେ ହୋଇପାରିଥିଲେ ଅଗ୍ରଣୀ। ଗୋପବନ୍ଧୁଙ୍କ ଅତି ଆଦରର କର୍ମପୀଠ ସିଂହଭୂମ ଓଡ଼ିଆ ଜାତି ପାଇଁ ଏକ ତୀର୍ଥ ଭୂମିଠୁଁ କମ ନଥିଲା। ୧୯୨୩ ବେଳର କଥା। ସେ ସମୟରେ ଜମିଦାର ମାନଙ୍କର ସେପରି ଥାଟବାଟ ନଥାଏ। ନାମ ଓ ସଞ୍ଜ୍ଞା ସାର ହୋଇ ରହିଯାଇଥିଲେ ରାଜ ପରିବାର, କର୍ପୁର ଉଡିଯାଇ କନା ପଡ଼ି ରହିଥିବା ପରି କଥା। ନାଁ ଥିଲା ଅର୍ଥର ପ୍ରାବଲ୍ୟ ନାଁ କ୍ଷମତା, ପ୍ରତିପତ୍ତି। ଇଂରେଜ ମାନଙ୍କ କଡ଼ା ଶାସନ ଫଳରେ ଜମିଦାର ମାନଙ୍କର ଗୌରବ, ଗାଥା ସବୁ ଅସ୍ତମିତ ହୋଇ ଆସିଥିଲା। ୧୯୧୨ ମସିହାରେ ବିହାର ସହିତ ଏ ଅଞ୍ଚଳକୁ ମିଶେଇ ଦେବା ଫଳରେ ଓଡ଼ିଆ ଭାଷା, କଳା, ସଂସ୍କୃତି ସୁଦ୍ଧ ଲୋପ ପାଇବା ଉପରେ ଥିଲା। କେରା ଆସି ଗୋପବନ୍ଧୁ ଦେଖିଲେ ବିହାରୀମାନେ ଓଡ଼ିଆ ଭାଷାର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରପଞ୍ଚ ଚଳେଇଛନ୍ତି ଜମିଦାର ଠାକୁର ଲକ୍ଷ୍ମୀ ନାରାୟଣଙ୍କଠୁ ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ। ଓଡ଼ିଆ ମାରଣ ନୀତି ତାଙ୍କ ମନ ମଗଜକୁ ଦଗ୍ଧ କରିଦେଇଥିଲା। ସିଂହଭୂମର ବିସ୍ତୃତି ଅଞ୍ଚଳ ଭ୍ରମଣ କରି, ଚାଇବସା, ଚକ୍ରଧରପୁର, ପୋଡାହାଟ, ଷଢ଼େଇକଳା, ଖରସୁଆଁ ଓ ବହଳାଗୋଡ଼ାର ପଞ୍ଚରୁଲିଆ, ଚୟନପୁର, ଆନନ୍ଦପୁର, ଧଳଭୂମ ଆଦି ଅଞ୍ଚଳକୁ ଆସି ସେଠାକାର ବିଶିଷ୍ଟ ଓଡ଼ିଆ ମାନଙ୍କ ସହିତ ସମନ୍ୱୟ ରକ୍ଷା କରି କିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ହୋଇପାରିବ ତାର ସରଜମିନ ତଥ୍ୟ ଗ୍ରହଣ କରି ଉପରସ୍ଥ ବ୍ରିଟିଶ ଶାସକ ମାନଙ୍କୁ ବୁଝାଇ ଥିବାର କଥା ନଜରକୁ ଆସେ।

ୟୁରୋପରେ ବିଶ୍ୱଯୁଦ୍ଧ ଲାଗି ରହିଥିଲା ବେଳେ ସେ ଏଠାରେ ପଇସିକିଆ ଫଣ୍ଡର ଅବଧାରଣା ଆରମ୍ଭ କରିଥିଲେ। କାରଣ ତାଙ୍କ ଦ୍ୱାରା ସ୍ଥାପିତ ଓଡ଼ିଆ ବିଦ୍ୟାଳୟ ସବୁ ଅର୍ଥ ଅଭାବରୁ ବନ୍ଦ ହୋଇନଯାଉ। ୧୭.୧୧.୧୯୨୭ ତାରିଖ ସମାଜରେ ସେ ଲେଖିଥିଲେ ଅର୍ଥ ଅଭାବପରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ କରାଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଏତେ ବେଳକୁ ଭାଙ୍ଗିଗଲାଣି। ମୁଁ ସେଥିରେ ମର୍ମାହତ। ୧୯୨୨ ପରେ ଗୋପବନ୍ଧୁ ସିଂହଭୂମ ଆଡ଼କୁ ଆଉ ପ୍ରାୟ ଆସି ନାହାନ୍ତି। ତଥାପି କଟକ, ପୁରୀ ଆଦି ଅଞ୍ଚଳରେ ରହି ମଧ ସେ ସିଂହଭୂମ ଓଡ଼ିଆ ଆନ୍ଦୋଳନ ପ୍ରତି ଆନ୍ତରିକ ଦୃଷ୍ଟି ରଖିଥିଲେ। ଏ ବିଷୟରେ ୨୨.୧୧.୧୯୨୭ ସଂଖ୍ୟା ସମାଜରେ ପ୍ରକାଶିତ।

ସିଂହଭୂମର ବିଶିଷ୍ଟ କବି ଦିଲ୍ଲୀପ ଷଡ଼ଙ୍ଗୀ, ଦେବାନନ୍ଦ ବଟ କବିତାରେ ଗୋପବନ୍ଧୁଙ୍କ ବିଷୟରେ ଲେଖିଥିଲେ, କଟକ ଠୁ ଶହ ଶହ ମାଇଲ ଏ ପାରେ, ଏଇ ସିଂହଭୂମରେ ଯେବେ ଥାପେ ତୁମ ଘଟ, ପୂଜା ପାଇଁ ତୁମରି କଳସ, ଜଣେ ମତେ ପ୍ରଶ୍ନ କଲେ କିଏ ଥିଲେ ଗୋପବନ୍ଧୁ ଦାସ ? ଜଣେ ସମ୍ବାଦିକ ଗୋପବନ୍ଧୁ ଶତ ବାର୍ଷିକ ପାଳିତ ପାଳନ ଅବସରରେ ପଚାରିଥିବା ପ୍ରଶ୍ନ ଗୋପବନ୍ଧୁ କିଏ ଥିଲେ ? ଉତ୍ତରରେ କବି ଦିଲ୍ଲୀପ ଷଡ଼ଙ୍ଗୀ ଏକଥା ଲେଖିଥିଲେ। ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି।


୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫,


## ନକାରାତ୍ମକ ବ୍ୟବହାର ଅବସାଦର କାରଣ

॥ ଡାକ୍ତର ସମ୍ରାଟ କର ॥

ସୂର୍ଯ୍ୟପ୍ରକାଶ ବହୁ ଦିନ ପରେ ଫୋନ କରି ତାଙ୍କ ବ୍ୟସ୍ତତା ଜଣାଇଲେ। ତାଙ୍କ ସାନ ଭାଇ ବେଳେ ବେଳେ ଉତ୍ତେଜିତ ହୋଇ ଅନ୍ୟମାନଙ୍କ ପ୍ରତି ବିରକ୍ତିକର ମନ୍ତବ୍ୟ ଦେବା ସହ ଉତ୍ତେଜିତ ହୋଇ ହିଂସାତ୍ମକ କାର୍ଯ୍ୟକଳାପ କିଛି କରିଦେଉଛି। ଯାହାଫଳରେ ତାହା ବ୍ୟକ୍ତିଗତ ଜୀବନ ଓ କର୍ମମୟ ଜୀବନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇସାରିଲାଣି। ମୁଁ ତାଙ୍କ ବ୍ୟସ୍ତତା ସବୁ ଜାଣି କହିଲି ବାସ୍ତବରେ ଏହା ହେଉଛି, ଅନ୍ୟର କ୍ଷତି କରୁଥିବା ନକାରାତ୍ମକ ବ୍ୟବହାର କିମ୍ବା କଥାକୁ ମନୋବିଜ୍ଞାନରେ ଟକ୍ସିକ ବିହେଭିୟର ବୋଲି କୁହାଯାଉଛି। ଏହାଦ୍ୱାରା ଭାବନାତ୍ମକ ଭାବେ ଜଣେ ବ୍ୟକ୍ତି ଆହାତ ହୋଇଥାଏ। ଯାହାକି ମାନସିକ ସ୍ତରରେ ଅସନ୍ତୁଳନ ସୃଷ୍ଟି କରେ। ଏହି ଟକ୍ସିକ ବିହେଭିୟର ଅନେକ ପ୍ରକାର ହୋଇଥାଏ। ଯଥା କାହାକୁ ଧମକାଇବା, ଉକ୍ତ ବ୍ୟକ୍ତିର ଭାବନାକୁ ଆଘାତ ଦେବା, ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ମନ୍ତବ୍ୟ ଦେବା, ଅନ୍ୟର ଆଚରଣକୁ ତାଚ୍ଛଲ୍ୟ କରି କହିବା, ଅତ୍ୟଧିକ ରାଗିଯାଇ କାହାକୁ ଆକ୍ରମଣ କରିବା ଇତ୍ୟାଦି। ଏଭଳି ବ୍ୟବହାର ଦ୍ୱାରା ପୀଡ଼ିତ ଥିବା ବ୍ୟକ୍ତିର ଭାବନାତ୍ମକ ସ୍ୱାସ୍ଥ୍ୟ ଗଭୀର ଭାବେ ପ୍ରଭାବିତ ହୋଇଥାଏ, ଯାହାକି ଚିନ୍ତା, ଅବସାଦ, ଏଙ୍ଗଜାଇଟି ଏବଂ ନିଜ ପ୍ରତି ହୀନମନ୍ୟତା ଭାବ ସୃଷ୍ଟି କରେ। ଏହା କେବଳ ପୀଡ଼ିତ ବ୍ୟକ୍ତିଙ୍କ କ୍ଷେତ୍ରରେ ନୁହେଁ, ଟକ୍ସିକ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ କ୍ଷତି ପହଞ୍ଚାଇ ଥାଏ ବୋଲି ଏବେ ଏକ ନୂତନ ପରୀକ୍ଷଣରୁ ଜଣାପଡ଼ିଛି। କାରଣ ସବୁବେଳେ ଏଭଳି ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କରେ ଏକ ନକାରାତ୍ମକ ଭାବନାର ଏକ ଫିଡବ୍ୟାକ ସଂଗୃହୀତ ହୋଇରହିଥାଏ। ଏହା ଧୀରେ ଧୀରେ ମସ୍ତିଷ୍କର ଦକ୍ଷତା ଉପରେ ପ୍ରଭାବ ପକାଏ ଏବଂ ଅସୁସ୍ଥ ମସ୍ତିଷ୍କ ଦ୍ୱାରା ଶାରୀରିକ କାର୍ଯ୍ୟପ୍ରଣାଳୀରେ ଅସନ୍ତୁଳନ ଦେଖାଯାଏ। ଉକ୍ତ ବ୍ୟକ୍ତିଙ୍କ ଠାରେ ଅବସାଦ, ଚିନ୍ତା, ଚିଡ଼ଚିଡ଼ାପଣ ଏବଂ ହାଇପରସେନ୍ସିଟିଭିଟି ଦେଖାଯାଏ। ଅନ୍ୟମାନଙ୍କ ସହ ଦୁର୍ବ୍ୟବହାର କରିବା ଦ୍ୱାରା ସେଲଫ ୱର୍ଥ, ବା ଆତ୍ମସମ୍ମାନ ମଧ ହାନି ହୋଇଥାଏ। ଏହା ଯୋଗୁଁ ନିଜ ଭିତରେ ଲଜ୍ୟାବୋଧ, ଅପରାଧ ଭାବନା ଓ ଆତ୍ମ ସନ୍ଦେହର ଭାବନା ଅନୁଭୂତ ହୋଇଥାଏ। ଟକ୍ସିକ ବିହେଭିୟର ଯୋଗୁଁ ନିଜ ଭିତରେ ଅଧିକ ଦିନ ପର୍ଯ୍ୟନ୍ତ ନିଜ ଭିତରେ ଏକ ନିରାଶାବୋଧ ମଧ ଅନୁଭୂତ ହୋଇଥାଏ। ଟକ୍ସିକ ବିହେଭିୟର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ସହିତ କେହି ମିଶିବାକୁ ପସନ୍ଦ କରନ୍ତି ନାହିଁ। ତେଣୁ ସେମାନେ ଧୀରେ ଧୀରେ ଏକୁଟିଆ ହୋଇଯାନ୍ତି, ଯାହାଦ୍ୱାରା ସେମାନେ ଅବସାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରିବାକୁ ମଧ ପଛାଇ ନଥାନ୍ତି। ଟକ୍ସିକ ବିହେଭିୟରର କୌଣସି ଲକ୍ଷଣ ଜଣାପଡୁ ନଥିଲେ ଅନ୍ୟମାନଙ୍କ ସହିତ କିଭଳି ବ୍ୟବହାରକୁ ଟକ୍ସିକ କୁହାଯାଏ ତାହାର କିଛି ନିର୍ଦ୍ଦିଷ୍ଟ ତଥ୍ୟ ରହିଛି। ଯଥା ଅନ୍ୟ କାହାର ବ୍ୟବହାର, ବିଚାର ଓ ଭାବନା ସହିତ ଖେଳିବା କିମ୍ବା ନିଜର କର୍ତ୍ତୃତ୍ୱ ଜାହିର କରିବା, ନିଜ ତ୍ରୁଟି ପାଇଁ ସବୁବେଳେ ଅନ୍ୟମାନଙ୍କୁ ଦୋଷ ଦେବା, ନିଜର ଭୁଲ ମାନିବାକୁ ସବୁବେଳେ ମନା କରିବା, ନିଜର କାମ ପାଇଁ ଅନ୍ୟମାନଙ୍କ ଉପରେ ଲଦି ଦେବା, ଅନ୍ୟ ସହିତ ଛଳକପଟ କରିବା, ଅନ୍ୟମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ ନକରିବା, ଅନ୍ୟର ଭାବନାକୁ ଆଘାତ କରିବା, ଅନ୍ୟମାନଙ୍କ ପ୍ରତି ଗାଳି ବା ଅପଶବ୍ଦ ବ୍ୟବହାର କରିବା କିମ୍ବା ହାଥ ଉଠାଇବା ଇତ୍ୟାଦି ଟକ୍ସିକ ବିହେଭିୟର ଅନ୍ତର୍ଗତ। ତେଣୁ ଏଭଳି ଦୁର୍ବ୍ୟବହାର କରିବାର ମନୋବୃତ୍ତିକୁ ପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ। କାରଣ ଏହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ।

ଏ କ୍ଷେତ୍ରରେ ଲୋକଟିର ପାଖ ଲୋକମାନଙ୍କର ଗୁରୁଦାୟିତ୍ୱ ରହିଛି। ସେମାନେ ସବୁବେଳେ ପୀଡ଼ିତ ଜଣଙ୍କ ପ୍ରତି ବିରକ୍ତିକର ବ୍ୟବହାର ନଦେଖାଇ ଉତ୍ତମ ବ୍ୟବହାର ସହ ତାଙ୍କ ପାଇଁ ଏକ ଭଲ ରୁଟିନ ଜୀବନ ତିଆରି କରନ୍ତୁ। ତାଙ୍କ ଖାଇବା, ବିଶ୍ରାମ ଓ କର୍ମବ୍ୟସ୍ତତା ସମ୍ପର୍କରେ ମଧ ସଚେତନ ରୁହନ୍ତୁ। ଅଧିକ କୌଣସି ସମସ୍ୟା ଦେଖାଗଲେ ବା ପରିସ୍ଥିତି ଜଟିଳ ଅନୁଭବ କଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।


ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ନା ଜବ ଡିମାଣ୍ଡ, ନା ମାଷ୍ଟର ରୋଲ, ଚିଙ୍ଗୁଡ଼ିଶର ମନରେଗା ରାସ୍ତା ହରିବୋଲ



ଜୁନାଗଡ଼, (ମହାଭାରତ):ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିଶର ଗ୍ରାମ ପଞ୍ଚାୟତ ଅଧୀନ ଡ଼ିଫିକଲ୍ଟ ପାଣି ଗାଁରୁ ମାକରଶୋଲା ମନରେଗା ଯୋଜନାରେ ନିର୍ମାଣ ହେଉଥିବା ଜଣା ପଡ଼ିଛି। ଏହି ରାସ୍ତା ଜୁନାଗଡ଼ ବନ ବିଭାଗ ଆୟତରେ ରହିଥିବା ବେଳେ, ଜନ ସାଧାରଣଙ୍କ ଗମନା ଗମନ ସୁବିଧା ପାଇଁ ସରକାରଙ୍କ ଅନୁରୋଧ କ୍ରମେ ନୂତନ ରାସ୍ତା ନିର୍ମାଣ ପାଇଁ ଧାର୍ଯ୍ୟ ହୋଇଥିଲା। ବନ ବିଭାଗର ରେଜୁଲେସନ ଅନୁଯାୟୀ ସଂପୃକ୍ତ ରାସ୍ତାକୁ ସମ୍ପୂର୍ଣ୍ଣ ଭାବରେ ସଫା କରି ଏହି ଏଠି ନୂତନ ରାସ୍ତା କାମ ଆରମ୍ଭ ବା ନିର୍ମାଣ କରିବା କଥା । ହେଲେ ଏଠି ମନରେଗା ପୁରା ଓଲଟା,ଉକ୍ତ ରାସ୍ତାକୁ ନିର୍ମାଣ କରିବା ପାଇଁ ମନରେଗା ଯୋଜନାରେ ପଞ୍ଚାୟତ ସମିତି ଜୁନାଗଡ଼ ପକ୍ଷରୁ ଚିଙ୍ଗୁଡ଼ିଶର ଡିଫିକଲ୍ଟ ପାଣି ଗାଁରୁ ମାକରଶୋଲା ସରକାରଙ୍କ ନିୟମ ଅନୁଯାୟୀ ଅଞ୍ଚଳର ଶ୍ରମିକ କାର୍ଯ୍ୟ ଅନୁସାରେ ସେହି ପ୍ରତିସତ ମାଟି ମାରି,ମାଟି ବୋହି କାମ କରିବାର ନିୟମ ରହିଥିଲେ ହେଁ,କିଛି ଅସାଧୁ କର୍ମଚାରୀ ମାନଂକ ପାଇଁ ନୀରିହ ଗରିବ ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ବାଧ ହେଉଛନ୍ତି। ସଂପୃକ୍ତ ଏହି ରାସ୍ତାକୁ ପ୍ରଥମେ ସୂଚନା ଫଳକ ନିର୍ମାଣ କରି ସୁଚନା ଲେଖି, ଡିମାଣ୍ଡ ଓ ମାଷ୍ଟରରୋଲ୍ ତିଆରି କରି କାର୍ଯ୍ୟ ଆରମ୍ଭ କରିବା ନିୟମ ରହିଥିବା ବେଳେ, ପଞ୍ଚାୟତ ବିଭାଗ ତଥା ଜି ଆର୍ ଏସ ମହୋଦୟ ଟ୍ରାକ୍ଟର ଓ ଜେଶିବି ସାହାଯ୍ୟରେ ପୁରା କାମ ଶାରିଦେଇଥିବା ଅଭିଯୋଗ ହୁଏ। ଅନ୍ୟ ପକ୍ଷେ ଉକ୍ତ କାର୍ଯ୍ୟକୁ ତଦାରଖ କରିଥିବା ଯନ୍ତ୍ରୀ କାହା ସ୍ୱାର୍ଥରେ, କେଉଁ କାରଣରୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ବିଭାଗୀୟ ଯନ୍ତ୍ରୀ ମହଦୟ ନିଜ କାର୍ଯ୍ୟ ରତ ଏରିଆରେ ୫୦ ପ୍ରତିଶତ କାମରେ ବିନା ସୂଚନା ଫଳକରେ କାର୍ଯ୍ୟ କରୁଥିବା ଥିବା ଲୋକେ ଅଭିଯୋଗ କରନ୍ତି। ନବ ନିର୍ମିତ ଏହି ନାରେଗା ରାସ୍ତା ନିର୍ମାଣରେ ଜାଣି ଶୁଣି କାର୍ଯ୍ୟକୁ ଫାଙ୍କିବା ପାଇଁ ୟେ ଉଦ୍ୟମ କରୁ ନାହାଁନ୍ତି ତୋ ! ନା ୱେଜ ପେୟମେଣ୍ଟ ସରିଲା ପରେ ମେଟେରିଆଲ ବୁକ୍ କରି ଭାଗ ବଣ୍ଟାରେ ଛନ୍ଦି ହେଇଛନ୍ତି,ତାହା ଏହି କାର୍ଯ୍ୟର ସମ୍ପୂର୍ଣ ବିଲ ହେଲା ପରେ ଜଣା ପଡ଼ିବ। ତେବେ ଏନେଇ କାର୍ଯ୍ୟକୁ ତଦାରଖ କରୁଥିବା ଯନ୍ତ୍ରୀ ମିଶ୍ର ସାରଙ୍କୁ ଫୋନ୍ ଯୋଗେ ୯୪୩୮୫୦୦୪୩୯ ପ୍ରତିକ୍ରିୟା ଲୋଡିଥିଲେ ହେଁ କୌଣସି ଉତ୍ତର ମିଳିପାରି ନାହିଁ।ନିର୍ମାଣଧିନ ଏହି ପ୍ରକଳ୍ପକୁ ଜିଲ୍ଲା ପ୍ରଶାସନ ତଥା ଏକ ଭିଜିଲାନ୍ସ ତଦନ୍ତ କରିବା ପାଇଁ ସର୍ବ ସାଧାରଣରେ ଦାବି ହେଉଛି ।

## ପ୍ରଗତି ପରିଷଦ ପକ୍ଷରୁ ଭିନ୍ନକ୍ଷମଙ୍କୁ ଛତା ବଣ୍ଟନ




ଜଟଣୀ, (ମହାଭାରତ) : ସମାଜର ଅଗ୍ରଣୀ ଅନୁଷ୍ଠାନ ଜଟଣୀ ପ୍ରଗତି ପରିଷଦ ପକ୍ଷ୍ୟରୁ ଆଜି ୧୦୦ଜଣ ଭିନ୍ନକ୍ଷମ ଅସହାୟ ଓ ଦିନ ମଜୁରୀ କରି ଗୁଜୁରାଣ ମେଣ୍ଟାଉଥିବା ଲୋକମାନଙ୍କୁ ପ୍ରଚଣ୍ଡ ଖରା ଓ ବର୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଛତା ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବ ଜଟଣୀର ମାନ୍ୟବର ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା ଏବଂ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମେଡ଼ିସିନ ସ୍ପେଶାଲିଷ୍ଟ ଡାକ୍ତର ବିଶ୍ୱନାଥ ପାଢ଼ୀ, ମୁଖ୍ୟ ବକ୍ତା ଭାବେ ଆଇନଜୀବୀ ବିଜୟ ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ତଥା ପ୍ରତିଷ୍ଠାତା ବାବୁ ହୋତା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏଭଳି ଲୋକ ହିତକର କାର୍ଯ୍ୟ ଆଗକୁ ଆହୁରି ଜାରୀ ରହିବ ବୋଲି ସମ୍ପାଦକ ବାବୁ ହୋତା କହିଛନ୍ତି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ପ୍ରଦୀପ ମହାପାତ୍ର, ଉପସଭାପତି ରବୀନ୍ଦ୍ର ଜେନା ଉପଦେଷ୍ଟା ଜ୍ଞାନଭୂଷଣ ସାହୁଙ୍କ ସମେତ ଅନୁଷ୍ଠାନର ମାନସ ଶତପଥୀ, ନିରଞ୍ଜନ ମହାପାତ୍ର, ସୁଦର୍ଶନ ସାହୁ, ରାଜୀବ ମହାନ୍ତି, ସଞ୍ଜୟ ବିଶୋଇ,ତନୁଜା ଗୁପ୍ତା, ସୌମେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

## ମା' ଗୃହରୁ ଗର୍ଭବତୀ ମହିଳାଙ୍କୁ ଚଲାଇ ଚଲାଇ ଡାକ୍ତରଖାନା ନେବା ଘଟଣାରେ ସରପଞ୍ଚ ଅଭିଯୋଗ



କରଞ୍ଜିଆ, (ମହାଭାରତ) : ଠାକୁରମୁଣ୍ଡା ବ୍ଲକ ରୁଗୁଡ଼ିବେଡା ଗାଁ ସ୍ଥିତ ମା ଗୃହ ରୁ ଦେଢ କିମି ଦୂର ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପାଦ ରେ ଚଲାଇ ଚଲାଇ ଆଦିବାସୀ ଗର୍ଭବତୀଙ୍କୁ ନିଆଯାଉଥିବା ଅମାନବୀୟ ବୋଲି କହିବା ସହ ସରପଞ୍ଚ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶଯେ, ଠାକୁରମୁଣ୍ଡା ବ୍ଲକ ପାଇଁ ରୁଗୁଡ଼ିବେଡା ଗ୍ରାମରେ ରହିଛି ମା ଗୃହ କ୍ଷ ଆଦିବାସୀ ଅଧ୍ୟୁଷିତ ପାହାଡ଼ଘେରା ଅପାତତଃ ଅପହଞ୍ଚ ଗାଁ ମାନଙ୍କରୁ ଆସନ୍ନ ପ୍ରସବା ମହିଳାଙ୍କୁ ପ୍ରସବ ତାରିଖର ୭ ଦିନ ପୂର୍ବରୁ ଆଣି ମା ଗୃହରେ ରଖାଯାଉଛି । ସେମାନଙ୍କୁ ଆବଶ୍ୟକୀୟ ସେବା, ସୁଷମ ଖାଦ୍ୟ ଏବଂ ଉପଯୁକ୍ତ ସମୟରେ ଡାକ୍ତରଖାନା ଆଣି ନିରାପଦ ପ୍ରସବରେ ସହାୟତା କରିବା ମୁଖ୍ୟ ଉଦ୍ଦେଶ୍ୟ । ମାତ୍ର ପରିଚାଳନା ବିଭ୍ରାଟ ନେଇ ଅଭିଯୋଗ ଉଠିଛି । ଠିକ ଭାବେ ଖାଦ୍ୟ , ମିଳୁନଥିବା ଅଭିଯୋଗ କରିଛନ୍ତି ଗର୍ଭବତୀ ମା ।ଗର୍ଭବତୀ ମା ମାନଙ୍କୁ ଦୈନିକ ଚଲାଇ ଚଲାଇ ଦେଢ କିମି ଦୂର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚେକଅପ୍ ପାଇଁ ନିଆଯାଉଛି । ମା ଗୃହକୁ ବାଇକ ଆମ୍ବୁଲାନ୍ସ ମଧ୍ୟ ଯୋଗାଇ ଦିଆଯାଇଛି । ସେଥିରେ ଗ୍ରାମାଞ୍ଚଳରୁ ଆଣିବା ପରେ ଉପଯୁକ୍ତ ସେବା ଯୋଗାଇ ଦିଆଯାଉନଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିବା ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି । ଚାଲି ଚାଲି ଯିବା କେତେଦୂର ଠିକ ଏବଂ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି । ଏ ବିଷୟରେ ଜିଲ୍ଲାପାଳ ଏବଂ ସିଡ଼ିଏମଓ ବାରିପଦାଙ୍କୁ ମଧ୍ୟ ଅବଗତ କରିଛନ୍ତି ବୋଲି ପ୍ରକାଶ କରିଥିଲେ ।

## ବିଭାଗୀୟ ଅପାରଗତା ପାଇଁ କେନାଲ ସଫା ପ୍ରହସନରେ ପରିବର୍ତ୍ତନ



ଅସ୍ତରଙ୍ଗ, (ମହାଭାରତ) : ବର୍ଷା ଦିନ ଆଗରୁ ଅସ୍ତରଙ୍ଗ ଅଞ୍ଚଳର ସମସ୍ତ କେନାଲ ସଫା ଆରମ୍ଭ ହୋଇଛି ମାତ୍ର ଅସ୍ତରଙ୍ଗ ଗୁଡୁମଣୀ ନିକଟରେ ପାଖାପାଖି ୨ କିଲୋମିଟର ପର୍ଯ୍ୟନ୍ତ କେନାଲ ଖନନ ରେ ଅନିୟମିତତା ସାମ୍ନା କୁ ଆସିଛି, ଚାଷୀ ମାନଙ୍କ କ୍ଷେତ କୁ ପାଣି ଆସିବା ପାଇଁ ସରକାର ଙ୍କ ଏହି କେନାଲ ବ୍ୟବସ୍ଥା କୁ ବାଟମାରଣା କରାଯାଉଛି ବୋଲି ସ୍ଥାନୀୟ ଅଞ୍ଚଳ ର ଅନେକ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଖରିଫ ଫସଲ ଚାଷ ଆରମ୍ଭରୁ କେନାଲ ସଫେଇ ହୋଇଛି କିନ୍ତୁ ଏହି କେନାଲ ର ପାଣି ଚାଷ ଜମିକୁ ଯାଇପାରିବନି ବୋଲି ସ୍ଥାନୀୟ ଚାଷୀ ନରେନ୍ଦ୍ର ମଲ୍ଲିକ ଗଣମାଧ୍ୟମ ସାମ୍ନା ରେ ସୂଚନା ଦେଇଛନ୍ତି। ବର୍ତ୍ତମାନ କେନାଲ ତଳୁ ଏଭଳି ସଫେଇ ହୋଇଛି ନିର୍ଦ୍ଧାରିତ ଓସାର ଦେଖିବାକୁ ମିଳୁନି, କେବଳ ଅନାବନା ଘାସ ଓ ଗଛ ଲତା କୁ ଚଞ୍ଚା ହୋଇଛି। ଜୀଏବି ଏହି କେନାଲ କୁ ଦେଖିବ ସେ ନିଶ୍ଚୟ ଜାଣିପାରିବ କେବଳ ସରକାର ଙ୍କୁ ଆଖିଠାର ମରାଯାଇ ବିଲ୍ ଚମ୍ପଟ କରିବା ଉଦ୍ଦେଶ୍ୟ ବୋଲି ଜଣାପଡୁଛି। ଚାଷୀ ମାନଙ୍କ ବୃହତ ଉଦ୍ଦେଶ୍ୟ ଚାଷ କ୍ଷେତ୍ର କୁ ପାଣି, ଯଦି ଏହି ପାଣି ଆସିବା ମାଧ୍ୟମ କେନାଲ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ତାହେଲେ ଏଠି କାହାକୁ ଦୋଷ ଦିଆଯିବ ? ଖାଲି ମେସିନ ପଶୁଛି ଆଖିଠାର ମାରିବା ଭଳି କାର୍ଯ୍ୟ କରୁଛି। ତାହେଲେ ଅନ୍ୟ ପକ୍ଷ ରେ ପ୍ରଶ୍ନ ଉଠୁଛି ଯେ ସରକାରଙ୍କ ଜଳସମ୍ପଦ ବିଭାଗ ଯେଉଁ ସଂସ୍ଥାକୁ ଏହି କାର୍ଯ୍ୟ ସମ୍ପାଦନ କରୁଛନ୍ତି କିନ୍ତୁ ଏହି କାର୍ଯ୍ୟ ଯଥାର୍ଥ ରେ ଠିକ୍ କି ଭୁଲ କାର୍ଯ୍ୟ ସମୟ ରେ ଯାଞ୍ଚ କରୁନାହାନ୍ତି। ଯାହା ଫଳରେ ସମ୍ପୃକ୍ତ ସଂସ୍ଥା କାର୍ଯ୍ୟ ସାରି ବିଲ୍ ନେଇଯାଉଛନ୍ତି କିନ୍ତୁ ଏହାର କୁ ପ୍ରଭାବ ସିଧାସଳଖ ପଡୁଛି ସାଧାରଣ ଲୋକଙ୍କ ଉପରେ ।ଏହି ବାବଦରେ ନିମାପଡା ଜଳସମ୍ପଦ ଅଧୀନ କାକଟପୁର ଜଳସମ୍ପଦ ବିଭାଗୀୟ ଅଧିକାରୀ ରାକେଶ ସାହୁ ଙ୍କ ମତାମତ ନେଇଥିଲୁ, ସେ କହିଛନ୍ତି ଯେ ଏହି ଘଟଣା ଉପରେ ଆମ ପାଖରେ କିଛି ଅଭିଯୋଗ ମଧ୍ୟ ଆସିଛି ଆମେ ଖୁବ ଶୀଘ୍ର ଘଟଣା ସ୍ଥଳକୁ ଯାଇ ଉକ୍ତ କେନାଲ ଖନନ କୁ ଯାଞ୍ଚ କରାଯିବ ଓ ତା ସହିତ ସମ୍ପୃକ୍ତ ଠିକା ସଂସ୍ଥା କୁ ଏ ବାବଦରେ ରିପୋର୍ଟ ମଗାଯିବ ।

## ବିଦ୍ୟୁତ ତାର ସଂସ୍ପର୍ଶରେ ହାତୀର ମୃତ୍ୟୁ, ଜଣେ ଅଟକ

ରେଢାଖୋଲ, (ମହାଭାରତ) : ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମାଈ ହାତୀର ମୃତ୍ୟୁ । ରେଢାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ଟିକିଲିପଡ଼ା ଗାଁ ଜଙ୍ଗଲରେ ଚାଷ ଜମିକୁ ସୁରକ୍ଷା ପାଇଁ ବିଦ୍ୟୁତ ତାର ବିଛା ଯାଇଥିଲା । ଏହି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମାଈ ହାତୀର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଘଟଣା ସ୍ଥଳରେ ବନବିଭାଗ ତଦନ୍ତ ଚଳାଉଥିବା ବେଳେ ଜଣକୁ ଅଟକ ରଖିଥିବା ଜଣାପଡିଛି । ସୂଚନା ଯୋଗ୍ୟ ଏହାକୁ ମିଶାଇ ଗୋଟିଏ ବର୍ଷ ମଧ୍ୟରେ ନାକଟିଦେଉଳ ସଦର ବନଖଣ୍ଡରେ ୫ଟି ହାତୀର ମୃତ୍ୟୁ ଘଟିଲାଣି । ୧୦ ମାସ ପୂର୍ବରୁ ଚହଟାପଦା ନିକଟରେ ଗୋଟିଏ ଏବଂ ୮ମାସ ପୂର୍ବରୁ ଘୋଷରାମାଳ ଗ୍ରାମ ବୁରୋମାଳ ଜଙ୍ଗଲରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିଲା । ଉଭୟ ଘଟଣାରେ ବିଦ୍ୟୁତ ହିଁ ପ୍ରମୁଖ କରଣ ବୋଲି ସ୍ପଷ୍ଟ ହୋଇଛି ।

## ସାହିତ୍ୟ ପୁନଃଜୀବିତ କରିବାକୁ ବେଳାଭୂମି ସାହିତ୍ୟ ସଂସଦର ପ୍ରଚେଷ୍ଟା

ଅସ୍ତରଙ୍ଗ, (ମହାଭାରତ) :ପୁରୀଜିଲ୍ଲା ର ଅଗ୍ରଣୀ ସାହିତ୍ୟ ସଂସଦ ଅସ୍ତରଙ୍ଗ ବ୍ଲକ ର ବେଳାଭୂମି ସାହିତ୍ୟ ସଂସଦ ର ବାର୍ଷିକ ଉତ୍ସବ ରବିବାର ଦିନ ଅସ୍ତରଙ୍ଗ ସ୍ଥିତ ପିର ଜାହାନିଆ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଅଛି । ଓଡିଶା ସରକାର ଙ୍କର ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ବେଳାଭୂମି ସାହିତ୍ୟ ସଂସଦ ର ମିଳିତ ଆନୁକୂଲ୍ୟରେ ସଂସଦର ସଭାପତି ।ଚିତ୍ତ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଚଳଚିତ୍ର ଓ ସୁନାମ ଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମ, ଶିକ୍ଷାବିତ ଶଶୀଧର ପଣ୍ଡା, ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ କୁମାର ପଟନାୟକ, ଅବସର ପ୍ରାପ୍ତ ପ୍ରଶାସକ ଅଶୋକ କୁମାର ଶତପଥୀ, ସାମ୍ବାଦିକ ରାଜ କିଶୋର ସ୍ୱାଇଁ, ବ୍ୟଙ୍ଗ କବି ସମ୍ପଦ ରଥ, ସରପଞ୍ଚ କ୍ଷୀରୋଦ କାଣ୍ଡି, ପ୍ରମୁଖ ଅତିଥି ଭାବେ ଯୋଗ ଦାନ କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରମୁଖ ପ୍ରଚାର ସହ ପ୍ରସାର ଦିଗରେ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିର୍ଣ୍ଣ ଆଭିମୁଖ୍ୟ ଉପରେ ଆଲୋଚନା କରିବା ସହ, ଆଜିର ଦିନରେ ବେଳାଭୂମି ସାହିତ୍ୟ ସଂସଦ ର ଓଡ଼ିଆ ସାହିତ୍ୟ ଜଗତରେ ଏହି ଭଳି କାର୍ଯ୍ୟକ୍ରମ କୁ ଭୂୟସି ପ୍ରଶଂସା କରିଥିଲେ । ବେଳାଭୂମି ସାହିତ୍ୟ ସଂସଦ ର ସମ୍ପାଦକ ଶ୍ରୀ ଦୁଃଶାସନ ନାୟକ ପ୍ରାରମ୍ଭରେ ବିବରଣୀ ପାଠ କରିବା ସହ, ଆଗାମୀ ଦିନରେ ସଂସଦ ଗ୍ରହଣ କରିବାକୁ ଯାଉଥିବା ବିଭିର୍ଣ୍ଣ କାର୍ଯ୍ୟକ୍ରମ ଉପରେ ସମ୍ୟକ ସୂଚାନା ପ୍ରଦାନ କରିଥିଲେ । ସଂସଦ ର ସଂଯୋଜକ ଶ୍ରୀ ଶୋଭାକାର ବେହେରା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ବରଗଡ଼ ରୁ ଆସିଥିବା ବିଜେପୁର କଂସ ମହାରାଜ ତାଙ୍କ ଅଭିନୟ ମାଧ୍ୟମ ରେ ସାହିତ୍ୟ ଓ ହଜିଯାଇଥିବା ପୁରାଣ କୁ ପୁନଃ ଉଦ୍ଧାର କରିବାକୁ ଆଧୁନିକ ଯୁବ ପିଢୀଙ୍କୁ ଉଦବୋଧନ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୬୦ ଜଣ କବି ଓ କବିୟତ୍ରୀଙ୍କୁ ମାନ ପତ୍ର, ଉତ୍ତରୀୟ ଓ ଫୁଲ ତୋଡା ଦିଆ ଜାଇ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରା ଯାଇଥିଲା।

## ଏ.ଆଇ.ଡି.ୱ଼ାଇ.ଓ ପକ୍ଷରୁ ଦୁଇ ଦିନିଆ ଯୁବ ଶିବିର ଉଦଯାପିତ




ଅନୁଗୁଳ (ମହାଭାରତ): ସମସ୍ତ ବେକାରଙ୍କୁ କର୍ମ ନିଯୁକ୍ତି, ମହିଳା ମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ମଦ, ଡ୍ରଗ୍ସ ଓ ବ୍ରାଉନ ସୁଗାର ଭଳି ମାରାତ୍ମକ ମାଦକ ଦ୍ରବ୍ୟକୁ ନିଷିଦ୍ଧ କରିବା ଏବଂ ଅଶ୍ଳୀଳତା ଓ ଅପସଂସ୍କୃତି ପ୍ରଚାର ପ୍ରସାର ବନ୍ଦ କରିବା ଦାବିରେ ଭାରତବର୍ଷର ଲଢୁଆ ଯୁବ ସଂଗଠନ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଯୁଥ୍ ଅର୍ଗାନାଇଜେସନ୍ (ଏ.ଆଇ.ଡି.ୱ଼ାଇ.ଓ) ପକ୍ଷରୁ ଦୁଇ ଦିନିଆ ଯୁବ ଶିବିର ନାଲକୋନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂଗଠନର କେନ୍ଦ୍ରୀୟ କମିଟି ସମ୍ପାଦକ ଅମରଜିତ୍ କୁମାର ରକ୍ତ ପତାକା ଉତ୍ତୋଳନ ପରେ କାର୍ଯ୍ୟକର୍ତ୍ତା ମାନେ ବିଭିନ୍ନ ପ୍ରଗତିଶୀଳ ଆନ୍ଦୋଳନରେ ଶହୀଦ ହୋଇଥିବା ବ୍ୟକ୍ତି ବିଶେଷଙ୍କ ସ୍ମୃତିରେ ଶହୀଦ ବେଦୀରେ ମାଲ୍ୟାର୍ପଣ କରିଥିଲେ। ସଂଗଠନର ରାଜ୍ୟ ସଭାପତି ମାନସ ପାଳ ଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଯୁବ ଶିବିରରେ ରାଜ୍ୟ ସମ୍ପାଦକ କେଦାରନାଥ ସାହୁ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଆମ ଦେଶର ବେକାର ସମସ୍ୟା, ମହିଳା ଙ୍କ ସୁରକ୍ଷା ଏବଂ ବିଶ୍ୱବ୍ୟାପୀ ଯୁଦ୍ଧ ସ୍ଥିତି ସମ୍ପର୍କରେ ଚିଠା ପ୍ରସ୍ତାବ ଉପସ୍ଥାପନ କରାଯାଇ ବ୍ୟାପକ ଚର୍ଚ୍ଚା ଆଲୋଚନା ବିଭିନ୍ନ ସ୍ଥାନରୁ ଆସିଥିବା ଯୁବ ପ୍ରତିନିଧିମାନଙ୍କ ଦ୍ୱାରା କରାଯାଇଥିଲା। ସଂଗଠନର କେନ୍ଦ୍ରୀୟ କମିଟିର ସମ୍ପାଦକ ମଣ୍ଡଳୀ ସଦସ୍ୟ ମଳୟ ପାଲ ଏବଂ ଅଫିସ ସମ୍ପାଦକ ବିଜୟାନନ୍ଦ ମଲ୍ଲିକ ଯୋଗଦେଇ ସାମ୍ପ୍ରତିକ ସମୟରେ ଭାରତବର୍ଷର ଯୁବ ଜୀବନର ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିବାସହ ସଂଗଠନର ୬୦ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ଦୀର୍ଘସ୍ଥାୟୀ ଯୁବ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ସଂଗଠନକୁ ମଜବୁତ୍ କରି ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ। ଯୁବ ଶିବିରର ଶେଷ ଅଧିବେଶନରେ ଏସ୍.ୟୁ.ସି.ଆଇ(ସି)ର କେନ୍ଦ୍ରୀୟ କମିଟି ସଭ୍ୟ ତଥା ଓଡ଼ିଶା ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ସମାଜ ପ୍ରଗତିରେ ଯୁବ ସମାଜର ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ପ୍ରଚଳିତ ସମାଜ ବ୍ୟବସ୍ଥାରେ ଯୁବକ ଯୁବତୀ ମାନଙ୍କୁ ସମସ୍ତ ଦିଗରୁ ପଙ୍ଗୁ କରିଦେବା ପାଇଁ ଶାସକ ଶ୍ରେଣୀର ଚକ୍ରାନ୍ତ ବିରୋଧରେ ସଚେତନ ଓ ସଂଗଠିତ ହେବାକୁ ଆହ୍ୱାନ କରିଥିଲେ। ଅତୀତର ମନିଷୀ ମାନଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ଯୁବ ଜୀବନକୁ ଶୃଙ୍ଖଳିତ କରିବା ସହ ସାମାଜିକ ଦାୟିତ୍ୱ ବହନ କରିବା କ୍ଷେତ୍ରରେ ଯୁବକମାନେ ଆଗେଇ ଆସିବା ବର୍ତ୍ତମାନ ସମୟରେ ଜରୁରୀ ଆବଶ୍ୟକତା ବୋଲି ସେ ମତବ୍ୟକ୍ତ କରିଥିଲେ। ଶେଷରେ ସଂଗଠନର ପ୍ରତିଷ୍ଠାତା ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ଗାନ ମଧ୍ୟ ଦେଇ ଯୁବ ଶିବିର ଉଦଯାପିତ ହୋଇଥିଲା।

## ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା, ଛାତ୍ର ଯୁବ ମହିଳା ସଂଗଠନ ମାନଙ୍କ ମିଳିତ ବିକ୍ଷୋଭ




ଅନୁଗୋଳ, (ମହାଭାରତ) : ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ ଘଟଣା ପାଇଁ କଲେଜ କର୍ତ୍ତୃପକ୍ଷ ଓ ପୁଲିସର ନିଷ୍କ୍ରିୟତା, ଏହାସହ ବାଲେଶ୍ୱର ସାଂସଦଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛି ଅଲ୍ ଇଣ୍ଡିଆ ଡି.ଏସ.ଓ । ଦିନକୁ ଦିନ ନାରୀ ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର କୁ ବିରୋଧ ସହିତ ଯେଉଁ ଭଳି ଭାବରେ ଜଣେ ଛାତ୍ରୀଙ୍କୁ ଦୀର୍ଘ ଦିନ ଧରି କଲେଜ ମଧ୍ୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା ତାହାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି । ଆଜି ଅଲ୍ ଇଣ୍ଡିଆ ଡି.ଏସ.ଓ ,ଅଲ୍ ଇଣ୍ଡିଆ ଡି.ୟାଇ.ଓ ,ଅଲ୍ ଇଣ୍ଡିଆ ଏମ.ଏସ.ଏସ ର ଅନୁଗୋଳ ଶାଖାର ସଦସ୍ୟ ମାନେ ନାଲକୋ ଟାଉନସିପ ଛକ ଠାରେ ଛାତ୍ରୀ ଙ୍କ ନ୍ୟାୟ ପ୍ରତିବାଦ ରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଛାତ୍ରୀ ଜଣକ ଜୁଲାଇ ୧ରେ ଲିଖିତ ଭାବେ ଅଧ୍ୟାପକଙ୍କ ବିରୁଦ୍ଧରେ ଯୌନ ଉତ୍ପୀଡ଼ନର ଅଭିଯୋଗ ଆଣିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇନଥିଲେ । ଫଳରେ ଛାତ୍ରୀ ଜଣକ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ। ଯାହାକୁ ପ୍ରତାପ ଷଡ଼ଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ବିଡ଼ମ୍ବନାର କଥା ଶ୍ରୀ ଷଡ଼ଙ୍ଗୀ ଛାତ୍ରୀ ଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ଘଟଣାକୁ ହାଲୁକାରେ ନେବା ଦ୍ୱାରା ଛାତ୍ରୀ ଜଣକ ୧୨ ଦିନ ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ବାଧ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ଛାତ୍ରୀ ଜଣଙ୍କ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ । ତେବେ ଜଣେ ସାଧାରଣ ଛାତ୍ରୀ ସରକାରଙ୍କଠୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ? ଛାତ୍ରୀ ଜଣଙ୍କ ଏବିଭିପିର ସଦସ୍ୟା ହୋଇଥିଲେ ମଧ ଆମ ପାଇଁ ନାରୀର ସୁରକ୍ଷା ଓ ସମ୍ମାନ ସର୍ବୋପରି ବୋଲି ଛାତ୍ର ସଂଗଠନ ଦାବି କରିଛନ୍ତି । ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ରାଜ୍ୟ ର ବିଭିନ୍ନ ପ୍ରାନ୍ତରେ ସଂଗଠନ ତରଫରୁ ବିକ୍ଷୋଭ କରାଯିବାକୁ ନିଷ୍ପତ୍ତି ହୋଇଥିବା ଛାତ୍ର ନେତା ନାରାୟଣ ନାୟକ ପ୍ରକାଶ କରିଛନ୍ତି । କଲେଜ ଅଧ୍ୟକ୍ଷ ଦୋଷୀଙ୍କୁ ସୁରକ୍ଷା ଦେବା ପାଇଁ ଚେଷ୍ଟା କରୁଥିବା ବେଳେ ତାଙ୍କୁ ତତକ୍ଷଣାତ ଗିରଫ କରାଯାଉ ବୋଲି ପ୍ରତ୍ୟେକ ରେ ଦାବି କରିଛି। ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ଏମ୍ସ ର ନିର୍ଦ୍ଦେଶକ ଛାତ୍ରୀ ଙ୍କ ଅବସ୍ଥା ଅତି ଗୁରୁତର ଥିବା କହିବା ସହିତ ୧୦ ଜଣିଆ ଡାକ୍ତରୀ ଦଳ ତାଙ୍କର ଚିକିତ୍ସା କରୁଥିବା ପ୍ରକାଶ କରିଛନ୍ତି। ସେହିଭଳି ଆଗାମୀ ୨୪ ଘଣ୍ଟା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିଛନ୍ତି।

## ଅଜଣା ଗାଡି ଧକ୍କାରେ ବୃଦ୍ଧା ମୃତ

କରଞ୍ଜିଆ, (ମହାଭାରତ) : ରବିବାର ଭୋର ସମୟରେ ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତା ର କେନ୍ଦୁଜିଆଣି ହାଟ ନିକଟରେ କୌଣସି ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧା ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି ।ମୃତ ବୃଦ୍ଧା ଜଣକ ହେଉଛନ୍ତି କେନ୍ଦୁଜିଆଣି ଗ୍ରାମର ଶ୍ରୀଧର ପାତ୍ରଙ୍କ ସ୍ତ୍ରୀ ପାର୍ବତୀ ପାତ୍ର ବୋଲି ଜଣାପଡ଼ିଛି ।ବୃଦ୍ଧାଙ୍କୁ ଧକ୍କା ଦେଇ ଅଜଣା ଗାଡି ଖସି ପଳାଇ ଯାଇଥିବା ବେଳେ ରାସ୍ତା ଉପରେ ଶବ ପଡି ରହିଥିଲା ।ପରେ ରାସ୍ତା ରେ ଯାଉଥିବା ଲୋକେ ଓ ସ୍ଥାନୀୟ ଲୋକମାନେ ଦେଖିବା ପରେ ପୋଲିସ କୁ ସୂଚନା ଦେଇଥିଲେ। ଖବର ପାଇ ଠାକୁରମୁଣ୍ଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରେ ପଡିରହିଥିବା ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।ଧକ୍କା ଦେଇ ଖସି ପଳାଇ ଯାଇଥିବା ଗାଡି ର କୌଣସି ସନ୍ଧାନ ମିଳିପାରି ନାହିଁ।

## ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ କରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାରଙ୍ଗ, (ମହାଭାରତ): ବାଲିଅନ୍ତା ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ ଅଧିନରେ ଥିବା ଜଗନ୍ନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟଶ୍ରୀ କର ଗତ ଜୁନ ମାସରେ ଅବସର ଗ୍ରହଣ କରିଥିଲେ। ଏହି ଅବସରରେ ଗତ ଶନିବାର ଦିନ ସ୍କୁଲ ପରିସରରେ ବିଦ୍ୟାଳୟ ଆଲୁମୁନି କମିଟି ସଭାପତି ପ୍ରଶାନ୍ତ କୁମାର ପରିଜା ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ରାଉତରାୟ ଉଦ୍ୟମରେ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା ।ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଅଞ୍ଚଳର ବିଶିଷ୍ଟ ମୁରବୀ ତଥା ଗାୟକ ସୁଧାକର ଯୁଧିଷ୍ଠିର ପରିଜାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର(କଟକ)ର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶିକା ପ୍ରଜ୍ଞା ପରମିତା ଜେନା, ସମ୍ମାନିତ ଅତିଥି ଭାବେ ପଞ୍ଚବଟୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅତସୀ ମିଶ୍ର,ପଞ୍ଚବଟୀ ଉପ୍ରା କ୍ଲଷ୍ଟର ସି.ଆର.ସି.ସି. ସୋମନାଥ ଭୋଇ,ଗ୍ରାମ୍ୟ କମିଟି ସଭାପତି ସନାତନ ପରିଜା, ପ୍ରଧାନ ଶିକ୍ଷୟିତ୍ରୀ ଜାପିକା ବେହେରା ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟଶ୍ରୀ କରଙ୍କ ଧର୍ଯ୍ୟ, ନିଷ୍ଠା,ସମୟାନୁବର୍ତ୍ତୀ,କର୍ତ୍ତବ୍ୟ ପରାୟଣାତାକୁ ପ୍ରଶଂସା କରିବା ସହିତ ଏହା ଅନ୍ୟ ଶିକ୍ଷକ ମାନଙ୍କ ପାଇଁ ଉଦାହରଣ ପାଲଟିବ ବୋଲି କହିଥିଲେ ।କାର୍ଯ୍ୟକ୍ରମରେ ପଞ୍ଚବଟୀ ଉପ୍ରା କ୍ଲଷ୍ଟର ମନ୍ଦାରିଆ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ପଣ୍ଡା ଅତିଥି ପରିଚୟ କରିଥିବା ବେଳେ ଶିକ୍ଷାବିତ ଅଶୋକ ପୃଷ୍ଟି ମଙ୍ଗଳାଷ୍ଟକ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନେ ସହଯୋଗ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀମାନେ ଏହି ସଭାରେ ନିଜର ପ୍ରିୟ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ପ୍ରକାରର ଉପହାର ପ୍ରଦାନ କରିବା ସ ?ହିତ ତାଙ୍କ ଦିର୍ଘ ନିରାମୟ ଜୀବନ କାମନା କରିଥିଲେ । ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା । ପରିଶେଷରେ ବିରାଟ ପାଟୁଆରରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟଶ୍ରୀ କରଙ୍କୁ ଗ୍ରାମ ଭ୍ରମଣ କରାଯାଥିଲା ।

## ହିନ୍ଦୋଳରେ ପୁଣି ଜୀବନ ନେଲା ଦନ୍ତା

ହିନ୍ଦୋଳ, (ମହାଭାରତ): ହାତୀ ଆକ୍ରମଣରେ ମଣିଷ ମାରିବାରେ ସମସ୍ତ ରେକର୍ଡ ପାର କରିଥିବା ହିନ୍ଦୋଳ ବନାଞ୍ଚଳ ଅଧୀନରେ ପୁଣି ହାତୀ ଦଳି ଦେଲା ଜଣକୁ। ଖବରରୁ ପ୍ରକାଶ ହିନ୍ଦୋଳବ୍ଲକ ବାଲିମିଥାନାର ଠୋକର ଗ୍ରାମର ସ୍ୱର୍ଗତ ଯୁଜେଇ ମାଝୀଙ୍କ ପୁଅ ଖେନା ମାଝୀ(୮୦) ଆଜି ସକାଳ ୧୨ଟାରେ ଗ୍ରାମନିକଟସ୍ଥ ଖାଲତଇଲା ବନ୍ଧ ନିକଟ ବିଲକୁ ଯାଇଥିବାବେଳେ ହଟାତ ଦନ୍ତାହାତୀ ହାବୁଡ଼ରେ ପଡିବାରୁ ହାତୀ ଖେନାକୁ ଶୁଣ୍ଢରେ କଚାଡି ଦଳି ଦେଇଥିଲା ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ତେବେ ବିଳମ୍ବରେ ପରିବାର ଜାଣିବାରୁ ଖବର ପାଇ ଉଦ୍ଧାର କରି ବନବିଭାଗକୁ ଜଣାଇ ଥିଲେ ତେବେ ବନବିଭାଗ ଓ ପୋଲିସ ଖବର ପାଇ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି ଏବଂ ଉପଯୁକ୍ତ କ୍ଷତିପୂରଣ ଦେବାପାଇଁ ପ୍ରତିଶୃତି ଦେଇଛନ୍ତି। ତେବେ ବନବିଭାଗର ଅପାରଗତା, ଅବହେଳା, ସ୍ଥାଣୁତା ପାଇଁ ବାରମ୍ବାର ଦୈନିକ ହାତୀ ଆକ୍ରମଣରେ ମୃତ୍ୟୁ ହେଉଥିଲେ ହେଁ ବନବିଭାଗ ଅଧିକାରୀ କର୍ମଚାରୀ କ୍ଷମତାର ଅପବ୍ୟବହାର କରି ନିରୀହ ଜନସାଧାରଣଙ୍କୁ ମିଥ୍ୟାକେଶ ରେ ଫସାଇ ଅସଲି ଆସାମୀ ମାନଙ୍କପାଇଁ ସୁଯୋଗ ସୃଷ୍ଟିକରୁ ଥିବାରୁ ଜଙ୍ଗଲ ମାଫିଆ, ଦୁର୍ଦ୍ଧାନ୍ତ ଶିକାରୀ ଖସିବାର ସୁଯୋଗ ହେଉଛି ଏବଂ ଜଙ୍ଗଲ ବିଭାଗରେ ଦୁର୍ନୀତି ଚରମସୀମାରେ ଥିବାବେଳେ ବିଭାଗ ବାହାବା ନେଉଥିବା ହିନ୍ଦୋଳ ଉପଖଣ୍ଡରେ ଆଲୋଚନା ହେବାସହ ଜନସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ଏବଂ ତୀବ୍ର ନିନ୍ଦା କରାଯିବାସହ ତୁରନ୍ତ ସ୍ଥାୟୀ ପ୍ରତିକାର ପାଇଁ ରାଜ୍ୟ ସରକାରଙ୍କୁ ଦାବି ଜୋର ଧରିଛି ।

## ଯୁବକଙ୍କ ମୃତଦେହ ଉଦ୍ଧାର

ଦାନଗଦି: (ମହାଭାରତ) ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ତ୍ରିଜଙ୍ଗା ପଞ୍ଚାୟତ ର ସିଙ୍ଗାଗାଡ଼ିଆ ଗାଁ ଜଙ୍ଗଲ ଜମି ରେ ହୋଇଥିବା ଏକ ବିରାଟ କଲୋନୀ ଭିତରେ ଏକ ଅଘଟଣ ହୋଇଛି, ଖବର ମୁତାବକ କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ଜିନ୍ଦଲ ଷ୍ଟିଲ କମ୍ପାନୀ ର କୋକ ଓଭନ ସାଇଡ ରେ କାମ କରୁଥିବା ଗ୍ଲୋବାଲ ଷ୍ଟିଲ ଆଣ୍ଡ ପାୱାର କମ୍ପାନୀ ରେ କାର୍ଯ୍ୟରତ ଯୁବକ ଜଣଙ୍କ ର ଭଡା ଘରେ ମୃତ୍ୟୁ ହୋଇଛି, ଯୁବକ ଜଣଙ୍କ ହେଲେ ନୟାଗଡ ଜିଲ୍ଲା ଗୋଟିପାଲି ଗାଁ ର ଶରତ ଜେନା ଙ୍କ ପୁଅ ମନୋରଞ୍ଜନ ଜେନା (୨୪), ସେ ଚିଲର ଅପରେଟର ଭାବେ ଛ ମାସ ହେବ କାମ କରୁଥିଲା,ସେ ତାଙ୍କର ସହଯୋଗୀ ଚାରି ଜଣ ଗୋଟେ ରୁମ ରେ ରହୁଥିଲେ, ଆଜି ମନୋରଞ୍ଜନ ଏ ସିଫ୍ଟ ଡିୟୁଟି କରିବାକୁ ଯାଇଥିଲା, ତାଙ୍କ ରୁମ ର ଦୁଇଜଣ କପିଳାସ ଯାଇଥିଲେ, ଆଉ ଜଣେ ବି ସିଫ୍ଟ ଡିୟୁଟି ଯାଇଥିଲା, ଅପରାହ୍ନ ସମୟରେ ତାଙ୍କ ଦୁଇଜଣ ରୁମମେଣ୍ଟ କପିଳାସ ରୁ ଫେରି ଦେଖିଲା ବେଳେ ରୁମ ର କବାଟ ଦିଆଯାଇଛି, କବାଟ ଠେଲି ଦେଖିଲା ବେଳେକୁ ସେ ଫ୍ୟାନ ରେ ଏକ ପ୍ଲାଷ୍ଟିକ ରଶିରେ ଝୁଲିଛି, ତାକୁ ବଞ୍ଚାଇବା ପାଇଁ ଦୁଇ ସାଙ୍ଗ ପ୍ଲାଷ୍ଟିକ ରଶି କୁ ଏକ ଛୁରୀ ରେ କାଟିଦେଲେ, ସେ ତଳେପଡିଗଲା,ତାପରେ ଦେଖିବା ବେଳେକୁ ସେ ମରିଯାଇଛି, ଦାନଗଦି ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରୀ ରଖିଛି

## ପାରାଦୀପ ଡିଷ୍ଟ୍ରିକ୍ଟ ଆନୁକୂଲ୍ୟରେ ଓଡିଶା କ୍ରିକେଟ୍ ଆସୋସିଏନ୍ ଦ୍ୱାରା ଇଣ୍ଟର ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ



ପାରାଦୀପ-୧୨।୦୭- ପାରାଦୀପ ବନ୍ଦର ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ପରିସରରେ ଓଡିଶା କ୍ରିକେଟ୍ ଆସୋସିଏସନ୍ ଦ୍ୱାରା ଇଣ୍ଟର ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶନିବାର ଠାରୁ ଆରମ୍ଭ ହୋଇଛି । ପାରାଦୀପ ଅଂଚଳର ୯ ଗୋଟି ସ୍କୁଲ୍ ଏଥିରେ ଅଂଶ ଗ୍ରହଣ କରିଛଁ । ପାରାଦୀପ ବନ୍ଦର ମୁଖ୍ୟ ଅର୍ଥପରାମର୍ଶଦାତା ତଥା ପାରାଦୀପ ପୋର୍ଟ ସ୍ପୋର୍ଟସ୍ କାଉନସିଲ୍ର ସଭାପତି ଧର୍ମେନ୍ଦ୍ର ନାଥ ସୋନ୍ଧି, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ପ୍ରଥମ ମ୍ୟାଚ୍ ଅରବିନ୍ଦ ଇଣ୍ଟିଗ୍ରାଲ ଉଜୁକେସନ୍ ଓ ଡିଏଭି ସ୍କୁଲ ପାରାଦୀପ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଡିଏଭି ସ୍କୁଲ ପ୍ରଥମେ ବ୍ୟାଟିଙ୍ଗ କରି ୩୭.୧ ଓଭରେଏ ୧୮୦ ରନ୍ କରିଥିଲେ । ଜବାବରେ ଅରବିନ୍ଦ ଇଣ୍ଟିଗ୍ରାଲ ଉଜୁକେସନ୍ ୧୩ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୩୭ ରନ୍ କରିଥିଲେ । ଫଳରେ ଡିଏଭ ସ୍କୁଲ୍ ୧୪୩ ରନ୍ରେ ବିଜୟ ଲାଭ କରିଥିଲେ । ଦ୍ୱିତୀୟ ମ୍ୟାଚ୍ ଦିଲ୍ଲୀ ପବ୍ଲିକ ସ୍କୁଲ୍ ଓ ବେଥାନୀ କନଭେନ୍ଟ ସ୍କୁଲ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦିଲ୍ଲୀ ପବ୍ଲିକ ସ୍କୁଲ୍ ପ୍ରଥମେ ବ୍ୟାଟିଙ୍ଗ କରି ୨୧.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୩ ରନ୍ କରିଥିଲେ । ଜବାବରେ ବେଥାନୀ କନଭେନ୍ଟ ସ୍କୁଲ୍ ୨୮.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୯ ରନ୍ କରିଥିଲେ । ଦିଲ୍ଲୀ ପବ୍ଲିକ ସ୍କୁଲ୍ ୪ରନ୍ ରେ ମ୍ୟାଚ୍ ବିଜୟ ଲାଭ କରିଥିଲେ । ଏହି ମ୍ୟାଚ୍କୁ ଅମ୍ପାୟାର ଭାବେ ପରିଚାଳନା କରିଥିଲେ ସନ୍ଦିପ୍ ଶେଖର ବେହେରା, ରବିନ୍ଦ୍ର ରାଉତ, ନିହାର ରଂଜନ ପାଲ, ଲକ୍ଷ୍ମୀକା' ନାୟକ, ଅଜିତ୍ ଦାସ, ସୁର୍ଯ୍ୟକା' ଜେନା । ବନ୍ଦର କ୍ରିଡା ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ, ସହ ସମ୍ପାଦକ ଧ୍ରୁନଚନ୍ଦ୍ର ତରାଇ, ଶିଶିର କୁମାର ପତି ପ୍ରମୁଖ ସମସ୍ତ ବ୍ୟବସ୍ଥା ପରିଚାଳନା କରିଥିଲେ ।

## ଶରତ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ

ହିଞ୍ଜିଳିକାଟୁ, (ମହାଭାରତ) : ହିଞ୍ଜିଳିକାଟୁ ଠାରେ ସ୍ୱର୍ଗତ ଶରତ ମିଶ୍ରଙ୍କ ୨୦ତମ ଶ୍ରଦ୍ଧାଞ୍ଜଳି ସମାରୋହରେ ଯୋଗଦେଇ ତାଙ୍କର ଅମୂଲ୍ୟ ଯୋଗଦାନକୁ ସ୍ମରଣ କଲେ ଲୋକପ୍ରିୟ ବାଣିଜ୍ୟ ପରିବହନ ଓ ଇସ୍ପାତ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ପଶୁସମ୍ପଦ ଓ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଅନିତା ଶୁଭ ଦର୍ଶନୀ, ଆସ୍କା ସାଂଗଠନିକ ସଭାପତି ବିଜୟ ସ୍ୱାଇଁ, ଘୁମୁସର ସାଂଗଠନିକ ଜିଲ୍ଲା ସଭାପତି ନୀଳମାଧବ ପାତ୍ର, ମାନ୍ୟବର କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ସେଠୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସାନଖେମୁଣ୍ଡି ବିଧାୟକ ପ୍ରାର୍ଥୀ ଉତ୍ତମ ପାଣିଗ୍ରାହୀ, ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର ଏବଂ ବରିଷ୍ଠ ବିଜେପି ନେତା, ଆଇନଜୀବୀ ।

## ପାଚିକା ନିଯୁକ୍ତି ବିଳମ୍ବ: ଏହାରି ପଛରେ ପ୍ରଧାନ ଶିକ୍ଷୟତ୍ରୀଙ୍କ ରହିଛି କି ସ୍ୱାର୍ଥ ?



ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ରହିଥିବା ଜାକେଡ଼ା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶିମିଳିସାହିରେ ଅବ୍ୟବସ୍ଥା ଦେଖାଦେଇଛି ।ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମିନତୀ କୁମାରୀ ତ୍ରିପାଠୀ ଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ବିଦ୍ୟାଳୟରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି ।ପିଲାଙ୍କ ପାଠପଢା ଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟା ଲାଗି ରହିଛି । ଶ୍ରୀମତୀ ତ୍ରିପାଠୀ ବିଦ୍ୟାଳୟରେ ବହୁ ବର୍ଷ ରହି ଆସିଥିବାରୁ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ କହୁଛନ୍ତି ।କିରାଣୀ ରବୀନ୍ଦ୍ର କୁମାର ହୁତା ଏବଂ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମିନତୀ କୁମାରୀ ତ୍ରିପାଠୀ ଉଭୟ ସ୍ୱାମୀ,ସ୍ତ୍ରୀ ହୋଇଥିବାରୁ ବିଦ୍ୟାଳୟରେ ଏକଛତ୍ର ବାଦ ଶାସନ ଚଳାଉଥିବା ଦେଖିବାକୁ ମିଳିଛି ।ଏପରିକି ବିଦ୍ୟାଳୟରେ ପରିଚାଳନା କମିଟି ଗଠନରେ ଜାଲିଆତି,କିରାଣୀ ନିଯୁକ୍ତିରେ ବହୁ ଦୁର୍ନୀତି,ପିଲାମାନଙ୍କ ଷ୍ଟାଇପେଣ୍ଟ ଟଙ୍କା ହଡ଼ପ କରିଥିବା ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିବାକୁ ମିଳିଛି ।ଏହି ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ଓ ଅଞ୍ଚଳବାସୀ ମାନେ ପୂର୍ବରୁ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି ଜିଲ୍ଲା ପ୍ରଶାସନ ଅଧିକାରୀ କୌଣସି ଆକ୍ସନ ନେଉନଥିବା କହିଛନ୍ତି ।ଯାହାକି ସମସ୍ତଙ୍କ ମନରେ ଅସନ୍ତୋଷ ଦେଖାଦେଇଛି ।ବର୍ତ୍ତମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଦ୍ୟାଳୟରେ ପଢୁଥିବା ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେବା ପାଇଁ ଚଳିତ ବର୍ଷ ରାଜ୍ୟ ସରକାର ଘୋଷଣା କରିଥିଲେ ।ଏହାପରେ ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ବ୍ୟବସ୍ଥା ଚାଲିଛି ।ଏଥିପାଇଁ ଗ୍ରୀଷ୍ମ କାଳୀନ ଛୁଟି ପୂର୍ବରୁ ବିଭିନ୍ନ ବିଦ୍ୟାଳୟରେ ପାଚିକା ପଦବୀ ପୂରଣ ପାଇଁ ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଚିଠି ନଂ ୨୩୫ ତା ୨୯.୦୩.୨୦୨୫ ରିଖରେ ସମସ୍ତ ବିଦ୍ୟାଳୟକୁ ଚିଠି ହୋଇଥିଲା। ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ବିଜ୍ଞାପନ ବାହାର କରି ପାଚିକା ପଦବୀ ମଧ୍ୟ ପୂରଣ କରି ସାରିଲେଣି । କିନ୍ତୁ ଜାକେଡ଼ା ଉଚ୍ଚ ବିଦ୍ୟାଳୟରେ ଦେଖାଦେଇଛି ପାଚିକା ନିଯୁକ୍ତିରେ ବିଳମ୍ବ ।ଅନ୍ୟପଟେ ନୂଆଗାଁ ବ୍ଲକ ଶିକ୍ଷା ବିଭାଗ ଚିଠି ସଂଖ୍ୟା-୯୨୯, ତା ୨୨.୦୪.୨୦୨୫ ରିଖ ଏବଂ ବିଦ୍ୟାଳୟ ଝଗଡଉ ବୈଠକ ନଂ- ୧୭ ତା ୧୯.୦୪.୨୦୨୫ ରିଖ ଅନୁଯାୟୀ ପାଚିକା ନିଯୁକ୍ତି ପାଇଁ ନିର୍ଦ୍ଧାରିତ ୭ଦିନ ମଧ୍ୟରେ ତା ୨୯.୦୪.୨୦୨୫ ରିଖ ସୁଦ୍ଧା ପାର୍ଥୀନୀମାନେ ଦରଖାସ୍ତ ଆବେଦନ ନିମନ୍ତେ ତା ୨୩.୦୪.୨୦୨୫ ରିଖ ବିଜ୍ଞାପନ ବାହାରିଥିଲା। ବହୁ ଦିନ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟରେ ପାଚିକା ନିଯୁକ୍ତି ହୋଇ ନାହାନ୍ତି। ଯାହାକି ବିଦ୍ୟାଳୟର ପିଅନ ମାନେ ମଧ୍ୟାହ୍ନ ଭୋଜନ ରୋଷେଇ କରୁଥିବା ଦେଖିବାକୁ ମିଳିଛି ।ଶ୍ରୀମତୀ ମିନତୀ କୁମାରୀ ତ୍ରିପାଠୀଙ୍କ ଏହାରି ପଛରେ କ'ଣ ରହିଛି କି ସ୍ୱାର୍ଥ ? ଯାହା ଫଳରେ ବିଦ୍ୟାଳୟରେ ପାଚିକା ନିଯୁକ୍ତି କରିବାରେ କରୁଛନ୍ତି ବିଳମ୍ବ ? ଏହାକୁ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଏଥି ସହିତ ଜିଲ୍ଲା ଶିକ୍ଷା ଅଧିକାରୀ ତୁରନ୍ତ ତଦନ୍ତ କରନ୍ତୁ ବୋଲି ଅଞ୍ଚଳବାସୀଙ୍କ ଦାବୀ ରହିଛି ।ଦେଖାଯାଉ ଶ୍ରୀମତୀ ତ୍ରିପାଠୀ ବିଦ୍ୟାଳୟରେ ପାଚିକା ପଦବୀ ପୂରଣ କେବେ କରିବେ ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା।

## ସମସ୍ୟା ଘେରରେ ଜଳଛାୟା ପ୍ରକଳ୍ପ ତଥା ମୃତ୍ତିକା ସଂରକ୍ଷଣ ବିଭାଗ




ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମ। ପାରଳାଖେମୁଣ୍ଡିରେ ଥିବା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ତଥା ମୃତ୍ତିକା ସଂରକ୍ଷଣ ବିଭାଗର କାର୍ଯ୍ୟାଳୟ ଟି ସମସ୍ୟା ଘେରରେ ଥିବ। ଦେଖିବାକୁ ମିଳିଛି। ସରକାରଙ୍କ ଯୋଜନା ବାଟ ହୁଡୁଛି ।ସରକାର ଜିଲ୍ଲାର ବିକାଶ ସକାଶେ କୋଟି କୋଟି ଟଙ୍କା ଅନୁଦାନ ଦେଉଛନ୍ତି କିନ୍ତୁ ତାହା କିପରି କାର୍ଯ୍ୟକାରୀ ହେଉଛି ଯାଞ୍ଚ କରିବ। ଆବଶ୍ୟକ ରହିଛି ବିଭିନ୍ନ ଯୋଜନ ବାଟ ହୁଡୁଛି। ଏଠାରେ କାର୍ଯ୍ୟରତ କର୍ମଚାରୀ ଦୀର୍ଘ ବର୍ଷ ହେଲା ବଦଳି ହେଉ ନାହାଁନ୍ତି ଯାହା ଫଳରେ ଜିଲ୍ଲାରେ ବିକାଶ ହେଉ ନାହିଁ ।କିଏ ତ ଦଶ ବର୍ଷ ତ କିଏ ତା ଠାରୁ ଅଧିକ ବର୍ଷ ରହିଛନ୍ତି । ସରକରଙ୍କ ନିୟମ ତିନି ବର୍ଷ କିନ୍ତୁ ଏଠାରେ ଦୀର୍ଘ ବର୍ଷ ହେଲା କାର୍ଯ୍ୟରତ ଏମାନଙ୍କୁ ସରକାରଙ୍କ ନିୟମ ନାହିଁ। ସରକାର ସ୍ୱଛତା ଉପରେ ଗୁରୁତ୍ୱ ଦେଉଥିବା ବେଳେ ଲୋକଙ୍କ ସରକାରର ଏହିକି ନୀତି କର୍ମ ଚାରୀଙ୍କୁ ବଦଳି ହେଉନାହିଁ ସେମାନଙ୍କୁ ସୁରକ୍ଷ। କିଏ ଦେଉଛି ଯାହା ଫଳରେ ସେମାନେ ଅନ୍ୟତ୍ର ବଦଳି ନ ହୋଇ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗ ହେଉଛି। ଗଣତନ୍ତ୍ର ଶାସନରେ ଏପରି ହେବା ଶୋଭନିୟ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

## ତୈଳ ବିଶୋଧନାଗାର ପରିସରରୁ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର, ପ୍ରତିବାଦରେ ରାସ୍ତାରୋକ



ପାରାଦୀପ, (ମହାଭାରତ) : ପାରାଦୀପ ତୈଳ ବିଶୋଧନାଗାର ପରିସରରୁ ଜନୈକ ଯୁବକଙ୍କ ମୃତ ଦେହ ଝୁଲ'। ଅବସ୍ଥାରେ ଉଦ୍ଧାର ହୋଇଛି । ଯାହାକୁ ନେଇ ପରିବାର ଲୋକ, ଗ୍ରାମବାସୀ ଓ ସହକର୍ମୀମାନେ ସନ୍ଦେହ ପ୍ରକଟ କରିବା ସହିତ କ୍ଷତିପୂରଣ ଦାବୀ କରିବା ସହିତ ବିଶୋଧନାଗାର ଆଗରେ ଧାରଣା ଦେଇଥିଲେ । ଘଟଣାରୁ ପ୍ରକାଶଯେ, କେନ୍ଦ୍ରାପଡା ଜିଲ୍ଲା ପାଟଳିପଙ୍କ ଗ୍ରାମର ଉଲ୍ଲାସ ଦାସ ପାରାଦୀପ ତୈଳ ବିଶୋଧନାଗାର ଅଧିନରେ ଥିବା ଠିକାସଂସ୍ଥା ଅପରେସନାଲ ଏନର୍ଜି ଗ୍ରୁପ୍ ଇଣ୍ଡିଆ ଲିମିଟେଡ୍ରେ ଇଲେକ୍ଟ୍ରିସିଆନ୍ ଭାବେ ଦୀର୍ଘ ୧୫ ବର୍ଷ ହେବ କାର୍ଯ୍ୟ କରୁଥିଲେ । ସବୁ ଦିନ ପରି ଉଲ୍ଲାସ କାମ କରିବା ପାଇଁ ଘରୁ କମ୍ପାନୀକୁ ଆସିଥିଲେ । ରାତିରେ କାମ କରୁଥିବା ସାଇଡ୍ରେ ତାଙ୍କର ମୃତଦେହ ଝୁଲୁଥିବା କିଛି ସହକର୍ମୀ ଦେଖିବା ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ସକାଳୁ ପରିବାର ଲୋକେ ଆସି ତୈଳ ବିଶୋଧନାଗାର ସମ୍ମୁଖରେ ଧାରଣା ଦେଇଥିଲେ । ସହକର୍ମୀଙ୍କ କହିବା କଥା ଯେଉଁ ସ୍ଥାନରେ ଉଲ୍ଲାସଙ୍କର ମୃତ ଦେହ ଝୁଲୁଥିଲା ସେହି ସ୍ଥାନକୁ ଏକୁଟିଆ କେହି ଯାଆନ୍ତି ନାହିଁ । ସେହି ସ୍ଥାନରୁ ଉଲ୍ଲାସଙ୍କ ମୃତଦେହ ଝୁଲୁଥିବା ନେଇ ସମସ୍ତେ ସନ୍ଦେହ କରିବା ସହିତ ଉଲ୍ଲାସଙ୍କୁ କେହି ହତ୍ୟା କରି ଝୁଲେଇ ଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ । ପରିବାରକୁ କ୍ଷତିପୂରଣ ଦେବାକୁ ଅଡି ବସିଥିଲେ । ଅପରାହ୍ନରେ ଆଲୋଚନା ପରେ ପରିବାରକୁ କ୍ଷତିପୂରଣ ମିଳିବା ସହିତ ମୃତକଙ୍କ ପତ୍ନୀଙ୍କୁ ନିଯୁକ୍ତି ଓ ପିଲାଙ୍କ ପାଠପଢା ଦାୟିତ୍ୱ ସଂପୃକ୍ତ କମ୍ପାନୀ ନେବା ପାଇଁ ଘୋଷଣା କରିବା ପରେ ପୋଲିସ୍ ମୃତ ଦେହ ବ୍ୟବଛେଦ ନିମନ୍ତେ ପଠାଇଥିବା ଜଣାପଡିଛି ।

## ଗଡିଗାଁ ପଞ୍ଚାୟତର ଦୁଇ ରାସ୍ତା ବେହାଲ

କପ୍ତିପଦା, (ମହାଭାରତ) : କପ୍ତିପଦା -ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ବ୍ଲକ ଗଡିଗାଁ ପଞ୍ଚାୟତ ମହ୍ଲୁର ପଦା ଓ ଗଡି ସାହି ରାସ୍ତା ଅତ୍ୟନ୍ତ ଶୋଚ଼ନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷାରେ ରାସ୍ତାରେ ପାଣି ଜମିବା ସହ ରାସ୍ତା ସାରା କାଦ ପଚ଼ ପଚ଼ ହୋଇପଡ଼ିଛି। ଏପରି କି ପାଦ ଚଲା ଲୋକଟି ରାସ୍ତାରେ ଯିବା କଷ୍ଟକର । ଏହି ରାସ୍ତା ଦେଇ ମହ୍ଲୁରପଦା,ଗୁହିରାଡୁବା,ସ୍କୁଲ ସାହି, ବଢେଇପହଁରା ସାହିର ଲୋକେ ଯାଆସ କରିଥାନ୍ତି ।ବସବାସ କରୁଥିବା ପ୍ରାୟ ୪୦ଟି ପରିବାର ପାଇଁ ବିକଳ୍ପ ରାସ୍ତା ନାହିଁ । ସେହିପରି ଉକ୍ତ ପଞ୍ଚାୟତର ଆର ଡ଼ି ରାସ୍ତା ଠାରୁ ଗଡିସାହି ପର୍ଯ୍ୟନ୍ତ ରାସ୍ତା ସମାନ ଧରଣର ହୋଇଥିବା ବେଳେ ପ୍ରାୟ ୪୦ ଭୋଟର ବାସ କରନ୍ତି। ଏହି ରାସ୍ତା ଦେଇ ସ୍ଥାନୀୟ ମେଡ଼ିକାଲ, ସ୍କୁଲ ଓ ଅଙ୍ଗନବାଡ଼ି କୁ କୁନି କୁନି ପିଲାମାନେ ଯାଉଛନ୍ତି । ତେବେ ଦୀର୍ଘ ବର୍ଷ ଧରି ମାଟି କିମ୍ବା ମୋରମ ନପଡିବା ଯୋଗୁଁ ଏହି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି ଅଭିଯୋଗ କହିଛନ୍ତି ଗ୍ରାମବାସୀ। ଏଣୁ ତୁରନ୍ତ ଏହି ରାସ୍ତା ଦୁଇଟି ମରାମତି ପାଇଁ ଦାବୀ ରହିଛି ।ଏ ନେଇ ସରପଞ୍ଚ ପଦ୍ମନାଭ ରାଉତ ଙ୍କୁ ପଚାରିବାରୁ ରାସ୍ତାର କିଛି ଅଂଶ କାମ ହୋଇଛି, ଅବଶିଷ୍ଟ ରାସ୍ତା ବର୍ଷା ଋତୁ ପରେ କାମ ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି।

## କରିତ୍କର୍ମା ଠକ ମାନସର ଫିଟୁଛି ଗୁମର: ଧମକ ଦେଇ ଆଇଆଇସିଙ୍କ ଠରୁ ନେଇଛି ଲକ୍ଷେ

ନୟାଗଡ଼, (ମହାଭାରତ) : ନୟାଗଡ଼ ଟାଉନ ଥାନା ପୁଲିସ ଗିରଫ କରିଥିବା ମେଳାମ୍ବ ଗାଁର ମାନସ ରାଉତ ର ଠକେଇ ପେଡ଼ି ଧୀରେ ଧୀରେ ଖୋଲିବା ଆରମ୍ଭ କରିଛି। କେବଳ ସେ ଚାକିରି ଦେବାକୁ କହି ଯୁବକ ଯୁବତୀଙ୍କୁ ଠକିଛି, ତାହା ନୁହେଁ ତା' ଠକେଇ ଜାଲରେ ଜିଲ୍ଲାର ଏକାଧିକ ପୁଲିସ ଓ ପ୍ରଶାସନିକ ଅଧିକାରୀ ରହିଛନ୍ତି। ଜିଲ୍ଲାରେ କାର୍ଯ୍ୟରତ ଜଣେ ଇନ୍ସପେକ୍ଟର ଙ୍କୁ କାର୍ଯ୍ୟାନୁଷ୍ଠାନର ଧମକ ଦେଇ ସେ ଲକ୍ଷେ ଟଙ୍କା ନେଇଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବର୍ତ୍ତମାନ ଗର୍ଭବତୀ ଥିବା ତାଙ୍କ ପତ୍ନୀଙ୍କ ଚିକିତ୍ସା ପାଇଁ ଜିଲ୍ଲାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏକ ଘରୋଇ ନର୍ସିଂହୋମକୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଠକ ମାନସ କେତେ 'ପାୱାରଫୁଲ୍' ଥିଲା ତାହା ସହଜରେ ଅନୁମାନ କରାଯାଇପାରେ। ଭୁବନେଶ୍ୱରରେ ମାନସ ରହି ନିଜ ନେଟୱାର୍କ ଚଳାଉଥିଲେ ଥିଲେ ମଧ୍ୟ ନୟାଗଡ଼ ଜିଲ୍ଲାର ବରିଷ୍ଠ ପୁଲିସ ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ସେ ଟାର୍ଗେଟ୍ କରୁଥିଲା। ରଣପୁର ଥାନା ଅଞ୍ଚଳରେ ଜଣେ ସବ୍-ଇନ୍ସପେକ୍ଟର




♦ ଜିଲ୍ଲା ପୁଲିସର ସବ୍-ଇନ୍ସପେକ୍ଟରଙ୍କ ଠାରୁ ସେ ଜିଲ୍ଲା ପୁଲିସର ♦ ସମସ୍ତ ଖବର ସଂଗ୍ରହ କରି ଅଧିକାରୀ ମାନଙ୍କୁ ନିଜ ଜାଲରେ ଫସାଉଥିଲା
♦ ମାନସ ଠକୁଥିବା ଟଙ୍କାରେ ଏସ୍ଆଇଙ୍କର ଭାଗ
ତଦନ୍ତ ପରିସରଭୁକ୍ତ ହୋଇପାରନ୍ତି ଏସ୍ଆଇ

(ଏସ୍.ଆଇ) ଙ୍କଠାରୁ ସେ ଜିଲ୍ଲା ପୁଲିସରେ ଘଟୁଥିବା ସମସ୍ତ ଖବର ସଂଗ୍ରହ କରି ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିଜ ଜାଲରେ ଫସାଉଥିଲା। ଉକ୍ତ ଏସ୍.ଆଇ ଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଗଲେ, ଆହୁରି ବହୁତ ତଥ୍ୟ ପଦାକୁ ଆସିବ। ମାନସ ଠକୁଥିବା ଟଙ୍କାରେ ଏହି ଏସ୍ ?.ଆଇ ଙ୍କର ଭାଗ ଥିଲା କି ନାହିଁ, ଏହା ଜଣାପଡ଼ିଯିବ। ଜିଲ୍ଲାର କାର୍ଯ୍ୟରତ ଜଣେ ଥାନା ଇନ୍ସପେକ୍ଟର ଚାରିଟି ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଛାଡ଼ି ଦେଇଥିବା ଖବର ଉକ୍ତ ଏସ୍ ?.ଆଇ ଙ୍କ ଠାରୁ ମାନସ ପାଇଥିଲା। ସେ ତୁରନ୍ତ ଉକ୍ତ ଇନ୍ସପେକ୍ଟର ଙ୍କୁ ଯୋଗା ଯୋଗ କରି ନିଜେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଚାକିରି କରିଥିବା ଦର୍ଶାଇବା ସହ ନିଜର ଗୃହ ବିଭାଗ ଚାକେରି କରିଥିବା ଜାଲ ପରିଚୟପତ୍ର କୁ ଉକ୍ତ ଇନ୍ସପେକ୍ଟର ଙ୍କ ନିକଟକୁ ପଠାଇଥିଲା। ତୁରନ୍ତ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହି ସେ ତାଙ୍କୁ ଧମକାଇ ଥିଲେ। ଏଥିରୁ ବର୍ତ୍ତିବା ପାଇଁ ହେଲେ ସେ ଇନ୍ସପେକ୍ଟରଙ୍କୁ ମୋଟା ଅଙ୍କର ଟଙ୍କା ଦେଇ ମାମଲାକୁ ରଫାଦଫା କରିବା ପାଇଁ କହିଥିଲା। ଫଳରେ ଇନ୍ସପେକ୍ଟର ଜଣକ ଭୟଭୀତ ହୋଇ ତାଙ୍କୁ ଲକ୍ଷେ ଟଙ୍କା ଦେଇଥିବା ଜଣାପଡ଼ିଛି। ଭୁବନେଶ୍ୱରରେ ରହୁଥିଲେ ମଧ୍ୟ ଗର୍ଭବତୀ ଥିବା ପତ୍ନୀଙ୍କର ସମସ୍ତ ଚିକିତ୍ସା ସେ ନୟାଗଡ଼ରେ କରାଉଥିଲା। ଜିଲ୍ଲାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ଘରୋଇ ନର୍ସିଂହୋମରେ ତାଙ୍କର ସମସ୍ତ ଚିକିତ୍ସା ଓ ସ୍ୱାସ୍ଥ୍ୟବାସ୍ଥା ଯାଞ୍ଚ ସମ୍ପୂର୍ଣ୍ଣ ମାଗଣା କରାଯାଉଥିଲା କେବଳ ସେତିକି ନୁହେଁ, ଜିଲ୍ଲା ପ୍ରଶାସନର ଆଉ ଜଣେ ବରିଷ୍ଠ ମହିଳା ଅଧିକାରୀ ସଚିବାଳୟରେ ମାନସଙ୍କୁ ବାରମ୍ବାର ଭେଟୁଥିବା ଚର୍ଚ୍ଚା ଚାଲିଛି। ଏହି ପ୍ରଶାସନିକ ଅଧିକାରୀ ମାନେ ମାନସକୁ କାହିଁକି ଏତେ ସୁବିଧା ସୁଯୋଗ ଯୋଗାଇ ଦେଉଥିଲେ, ତାହା ଜଣାପଡୁନାହିଁ। ମାନସର ଗିରଫଦାରୀ ପରେ ଏବେ ସେମାନଙ୍କ ଭିତରେ ଛନ ?କା ପଶିଛି। ନିଜର ଚାଲିଚଳଣୀ ଓ ବାଚାତୁରୀରେ ସେ ଅନେକଙ୍କୁ ଫସାଇପାରୁଥିଲା । ତାକୁ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର କେବଳ ଜଣେ କର୍ମଚାରୀ ଛଡ଼ା, ସଚିବାଳୟର ବିଭିନ୍ନ ଦପ୍ତରରେ ତା'ର ଲବି ଭଲ ଥିବା ଅନୁମାନ କରୁଥିଲେ। ଏହାର ଫାଇଦା ମାନସ ଉଠାଉଥିଲା। କାହା କ୍ଷମତା ବଳରେ ମାନସ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ସଚିବାଳୟ ଭିତରକୁ ପ୍ରବେଶ କରୁଥିଲା, ତାହାର ତଦନ୍ତ କରାଯିବା ଆବଶ୍ୟକ ମାନସଙ୍କ ପରି ଆହରି ଠକ ମଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ଅନ୍ୟ ସରକାରୀ ଦପ୍ତରରେ ନିଶ୍ଚିତ ଭାବେ ଘୂରି ବୁଲୁଥିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ରାଧିକା ଯାଦବ ହତ୍ୟା ମାମଲା, ଝିଅକୁ ମାରିବା ପରେ କଣ କହିଲେ ବାପା



ଟେନିସ୍ ଖେଳାଳି ରାଧିକା ଯାଦବଙ୍କ ବାପା ଦୀପକ ଯାଦବ ସବୁଠାରୁ କଠୋର ଦଣ୍ଡ ପାଇଁ ଅନୁରୋଧ କରିଛନ୍ତି ଏବଂ କହିଛନ୍ତି ଯେ ଏହି ସପ୍ତାହର ଆରମ୍ଭରେ ତାଙ୍କ ଝିଅକୁ ହତ୍ୟା କରିଥିବା ଅଭିଯୋଗରେ ତାଙ୍କୁ ଫାଶୀ ଦିଆଯିବା ଉଚିତ, ପରିବାରର ଜଣେ ସମ୍ପର୍କୀୟ କହିଛନ୍ତି । ଶନିବାର ଦିନ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ, ରାଧିକାଙ୍କ କାକା ବିଜୟ ଯାଦବ କହିଛନ୍ତି ଯେ ପରିବାରର କୌଣସି ସଦସ୍ୟ ଜାଣି ନାହାଁନ୍ତି ଯେ କ'ଣ ଭୁଲ ହୋଇଛି ଏବଂ ତାଙ୍କ ସାନ ଭାଇ ଦୀପକ ତାଙ୍କ ଝିଅକୁ ହତ୍ୟା କରିଛି । ତେବେ ଏହି ଘଟଣାରେ ବିଜୟ କହିଛନ୍ତି ଦୀପକ ତାଙ୍କ ଝିଅକୁ ବହୁତ ଭଲ ପାଉଥିଲେ । ପରିବାରରେ ଆଜି ପର୍ଯ୍ୟନ୍ତ କେହି ଜାଣି ନାହାଁନ୍ତି ଯେ କ'ଣ ଭୁଲ ହୋଇଛି। ଯେତେବେଳେ ମୁଁ ତାଙ୍କ ସହିତ ବ୍ୟକ୍ତିଗତ ଭାବରେ କଥା ହେଲି, ସେ କହିଲେ ଯେ ସେ 'କନ୍ୟା ବଧ' କରିଛନ୍ତି ଏବଂ ଏଥିପାଇଁ ତାଙ୍କୁ ଦଣ୍ଡ ମିଳିବା ଉଚିତ । ସେ କହିଲେ ଯେ ତାଙ୍କ ଝିଅକୁ ହତ୍ୟା କରିବା ପାଇଁ ତାଙ୍କୁ ଫାଶୀ ଦିଆଯିବା ଉଚିତ ବିଜୟ କହିଛନ୍ତି । ବିଜୟ ସ୍ପଷ୍ଟ ଭାବରେ ଅସ୍ୱୀକାର କରିଥିଲେ ଯେ ରାଧିକା ଏକ ଟେନିସ୍ ଏକାଡେମୀ ଚଳାଉଛନ୍ତି । ମୁଁ ଜାଣେ ଯେପର୍ଯ୍ୟନ୍ତ କୌଣସି ଏକାଡେମୀ ନଥିଲା, ତା'ପରେ ତାଙ୍କ ଏକାଡେମୀ ବନ୍ଦ କରିବା ପାଇଁ ତାଙ୍କ ଉପରେ କୌଣସି ପ୍ରକାରର ଚାପ ପକାଇବାର ପ୍ରଶ୍ନ ଉଠୁନାହିଁ । ସେ ବିଭିନ୍ନ ସ୍ଥାନରେ ପିଲାମାନଙ୍କୁ ପାଠ ପଢ଼ାଉଥିଲେ । ସେ ପ୍ରଥମେ ଏଠାରେ ଖେଳୁଥିଲେ, ତା'ପରେ ସମାଜର ପିଲାମାନେ ତାଙ୍କ ପାଖକୁ ଆସିବା ଆରମ୍ଭ କଲେ ଏବଂ ସେ ସେମାନଙ୍କୁ ତାଲିମ ଦେବା ଆରମ୍ଭ କଲେ ସେ କହିଛନ୍ତି । ଗୁରୁବାର ଦିନ ଗୁରୁଗ୍ରାମର ସେକ୍ଟର ୫୭ ସ୍ଥିତ ସୁଶାନ୍ତ ଲୋକ ଅଞ୍ଚଳରେ ଥିବା ପରିବାରର ଦୁଇ ମହଲା ଘରେ ରାଧିକାଙ୍କୁ ତାଙ୍କ ବାପା ଅତି ନିକଟରୁ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଶନିବାର ଦିନ ଦୀପକଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପୋଲିସ ପୂର୍ବରୁ କହିଥିଲା ଯେ ରାଧିକା ଏକ ଟେନିସ୍ ଏକାଡେମୀ ଚଳାଉଥିଲେ, ଯାହା ଉଭୟଙ୍କ ମଧ୍ୟରେ ବିବାଦର କାରଣ ପାଲଟିଥିଲା କାରଣ ଦୀପକଙ୍କୁ ପ୍ରାୟତଃ ତାଙ୍କ ଝିଅର ରୋଜଗାରରେ ଜୀବିକା ନିର୍ବାହ କରିବା ପାଇଁ ଉପହାସ କରାଯାଉଥିଲା । ବିଜୟ କିନ୍ତୁ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ଅଭିଯୁକ୍ତ ତାଙ୍କ ଝିଅକୁ ବହୁତ ଭଲ ପାଉଥିଲେ ଏବଂ ତାଙ୍କ କ୍ୟାରିୟର ପାଇଁ କେବଳ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନଥିଲେ, ବରଂ ତାଙ୍କ ପାଇଁ ତାଙ୍କର ସମସ୍ତ ସମୟ ମଧ୍ୟ ଉତ୍ସର୍ଗ କରିଥିଲେ ।

## ଫୋନ୍ ଗିଳିଦେଲେ କଏଦୀ

ନୂଆଦିଲ୍ଲୀ : ଶିବମୋଗା କେନ୍ଦ୍ରୀୟ କାରାଗାରରୁ ଆସିଲା ଆଶ୍ଚର୍ଯ୍ୟଜନକ ଘଟଣା। ଜଣେ କଏଦୀ ଏକ ମୋବାଇଲ୍ ଫୋନ୍ ଗିଳି ଦେଇଛନ୍ତି । ଅସ୍ତ୍ରୋପଚାର ପରେ ତାଙ୍କ ପେଟରୁ ବାହାର କରାଯାଇଥିଲା ମୋବାଇଲ୍ । ସୂଚନା ଅନୁଯାୟୀ, ଅଭିଯୁକ୍ତ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଶିବମୋଗା କେନ୍ଦ୍ରୀୟ କାରାଗାରରେ ସଜା କାଟୁଛନ୍ତି । ନିକଟରେ ଧରାପଡ଼ିବା ଭୟରେ ସେ ମୋବାଇଲ୍ ଫୋନ୍ ଗିଳି ଦେଇଥିଲେ । ଜୁନ୍ ୨୪ ତାରିଖରେ, ୩୦ବର୍ଷୀୟ କଏଦୀ ଦୌଲତ ଓରଫ ଗୁଣ୍ଡୁ ଜେଲ କର୍ମଚାରୀଙ୍କ ନିକଟରେ ପେଟ ଯନ୍ତ୍ରଣା ଅଭିଯୋଗ କରିଥିଲେ। କିନ୍ତୁ, ହସ୍ପିଟାଲକୁ ଯିବା ପରେ ସତକଥା ଜଣାପଡିଲା । ପଥର ନୁହେଁ ପେଟରେ ଥିଲା ଫୋନ୍ । ଡାକ୍ତରମାନେ ଅସ୍ତ୍ରୋପଚାର ମାଧ୍ୟମରେ ତାଙ୍କ ପେଟରୁ ତିନି ଇଞ୍ଚ ଲମ୍ବା ଏବଂ ଗୋଟିଏ ଇଞ୍ଚ ଚଉଡା ଫୋନ୍ ବାହାର କରିଥିଲେ । କଏଦୀଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତାର ପ୍ରାସଙ୍ଗିକ ଧାରା ଅନୁଯାୟୀ ଏକ ଫୌଜଦାରୀ ମାମଲା ରୁଜୁ କରାଯାଇଛି । ଦୋଷୀ ସାବ୍ୟସ୍ତ ୩୦ ବର୍ଷୀୟ ଦୌଲତ ଓରଫ ଗୁଣ୍ଡୁ ୧୦ ବର୍ଷ ଜେଲଦଣ୍ଡ ଭୋଗୁଛନ୍ତି । ଅସ୍ତ୍ରୋପଚାର ସମୟରେ, ଡାକ୍ତରମାନେ ତାଙ୍କ ପେଟରେ ଏକ ମୋବାଇଲ୍ ଫୋନ୍ ପାଇଲେ, ଯାହା ଏକ ଇଞ୍ଚ ଚଉଡା ଏବଂ ତିନି ଇଞ୍ଚ ଲମ୍ବା ଥିଲା । ଫୋନ୍‌ଟିକୁ ସଫଳତାର ସହ ବାହାର କରିବା ପରେ, ଡାକ୍ତରମାନେ ଏହାକୁ ଜେଲ୍ ପ୍ରଶାସନକୁ ହସ୍ତାନ୍ତର କରିଥିଲେ । ସୂଚନାଯୋଗ୍ୟ ଯେ ଜୁନ୍ ୨୦୨୪ ରେ ଶିବମୋଗା ଜିଲ୍ଲା କୋର୍ଟ ଦୌଲତଙ୍କୁ ଡ୍ରଗ୍ସ ଚୋରାଚାଲାଣ ମାମଲାରେ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।

# ଚାଇନାକୁ ଲାଗିବ ଜବରଦସ୍ତ ଝଟକା ! ଲଦାଖ ପହଞ୍ଚିଲେ ଦଲାଇ ଲାମା



ନୂଆଦିଲ୍ଲୀ/ବେଜିଂ : ଦଲାଇ ଲାମାଙ୍କ ଉତ୍ତରାଧିକାରୀ ବିବାଦରେ ରାଗି ଥିବା ଚାଇନା, ଲଦାଖରେ ହୋଇଥିବା ଏକ ନୂଆ ଘଟଣାକୁ ନେଇ ପୁଣି ରାଗିଯାଇପାରେ। ଦଲାଇ ଲାମା ଏକ ମାସ ଧରି ଲଦାଖରେ ରହିବା ପାଇଁ ହିମାଚଳ ପ୍ରଦେଶର ଧର୍ମଶାଳାରୁ ଭାରତୀୟ ବାୟୁସେନାର ଏକ ବିମାନରେ ପହଞ୍ଚିଛନ୍ତି। ଶନିବାର ଦଲାଇ ଲାମା କଡ଼ା ସୁରକ୍ଷା ମଧ୍ୟରେ ଲେହ ବିମାନବନ୍ଦରରେ ପହଞ୍ଚିଥିଲେ। ଭାରତ ସରକାର ଏହି ବର୍ଷ ଦଲାଇ ଲାମାଙ୍କୁ ଜେଡ ପ୍ଲସ ବର୍ଗର ସୁରକ୍ଷା ଯୋଗାଇ ଦେଇଥିଲେ। ତାଙ୍କ ସହିତ ସର୍ବଦା ଦୁଇ ଡଜନ ବିଏସଏଫ କମାଣ୍ଡୋଙ୍କ ଏକ ଘେରାବନ୍ଦୀ ରହିଥାଏ। ସେ ଲେହ ବିମାନବନ୍ଦରରେ ଅବତରଣ କରିବା ମାତ୍ରେ, ଦଲାଇ ଲାମାଙ୍କୁ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ କମାଣ୍ଡୋ କର୍ଡନ ସୁରକ୍ଷାରେ ବାହାରକୁ ନିଆଯାଇଥିଲା। ଲଦାଖ ପୋଲିସ ମଧ୍ୟ ଦଲାଇ ଲାମାଙ୍କ ସୁରକ୍ଷା ପାଇଁ କଡ଼ା ବ୍ୟବସ୍ଥା କରିଛି। କାରଣ ଦଲାଇ ଲାମା ଲଦାଖରେ ସାଧାରଣ ସଭାରେ ଯୋଗ ଦେଇପାରିବେ। ଏହି ମାସରେ ଦଲାଇ ଲାମା ତାଙ୍କର ୯୦ ତମ ଜନ୍ମଦିନ ପାଳନ କରିଥିଲେ। ଏବେ ତାଙ୍କ ଉତ୍ତରାଧିକାରୀଙ୍କୁ ନେଇ ଆଲୋଚନା ତୀବ୍ର ହୋଇଛି। ଦଲାଇ ଲାମାଙ୍କ ଘୋଷଣାରେ ଚାଇନା ରାଗିଛି ଯେ ତାଙ୍କ ଉତ୍ତରାଧିକାରୀ ଚୟନ କରିବାର ଦାୟିତ୍ୱ ଗାଡେନ ଫୋଡ୍ରଙ୍ଗ ଟ୍ରଷ୍ଟର। ତାଙ୍କ ନିର୍ଣ୍ଣାୟକ ନିଷ୍ପତ୍ତିରେ, ଦଲାଇ ଲାମା ଘୋଷଣା କରିଥିଲେ ଯେ ଗାଡେନ ଫୋଡ୍ରଙ୍ଗ ଟ୍ରଷ୍ଟକୁ ଦଲାଇ ଲାମାଙ୍କ ପୁନର୍ଜନ୍ମ ଜାରି ରଖିବା କି ନାହିଁ ତାହା ନିଷ୍ପତ୍ତି ନେବାକୁ ପଡିବ। ଦଲାଇ ଲାମାଙ୍କ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ବୌଦ୍ଧ ପରମ୍ପରା ଆଧାରରେ ପରବର୍ତ୍ତୀ ଦଲାଇ ଲାମାଙ୍କୁ ସ୍ୱୀକୃତି ଦେବାର ଅଧିକାର କେବଳ ଗାଡେନ ଫୋଡ୍ରଙ୍ଗ ଟ୍ରଷ୍ଟର ଅଛି। ଦଲାଇ ଲାମାଙ୍କ ଘୋଷଣା ପରେ, ଚାଇନା କହିଛି ଯେ ସରକାରଙ୍କ ଅନୁମୋଦନ ବିନା ଦଲାଇ ଲାମାଙ୍କ ଉତ୍ତରାଧିକାରୀ ନିଯୁକ୍ତ କରାଯାଇପାରିବ ନାହିଁ। ଏବେ ଭାରତୀୟ ବାୟୁସେନାର ସାମରିକ ପରିବହନ ବିମାନରେ ହିମାଚଳ ପ୍ରଦେଶରୁ ଲଦାଖ ଯାତ୍ରା କରିବା ନିଶ୍ଚିତ ଭାବରେ ଚାଇନାର କ୍ରୋଧକୁ ବଢ଼ାଇବ। ଗତ ବର୍ଷ ଅକ୍ଟୋବରରେ ବିଚ୍ଛିନ୍ନତା ଚୁକ୍ତିନାମା ପରଠାରୁ, ଭାରତ ଏବଂ ଚାଇନାର ସେନା ମଧ୍ୟରେ ପୂର୍ବ ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣ ରେଖାରେ ପରିସ୍ଥିତି ସ୍ୱାଭାବିକ ଆଡକୁ ଗତି କରିଛି। ୨୦୨୦ ମସିହାରେ ପୂର୍ବ ଲଦାଖର ଗଲୱାନ ଘାଟିରେ ରକ୍ତାକ୍ତ ସଂଘର୍ଷ ପରଠାରୁ ଦୁଇ ଦେଶର ସେନା ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା।

## ଫୁଟପାଥରେ ଶୋଇଥିବା ଅବସ୍ଥାରେ ୫ ଜଣଙ୍କ ଉପରେ ଚଢ଼ିଗଲା ଗାଡ଼ି

କନକ ବ୍ୟୁରୋ : ଦୁର୍ଘଟଣା...କେବେ କେମିତି କେତେବେଳେ ଘଟିବ , କିଏ ବା କହିବ । ବିମାନ , ଟ୍ରେନ , ବସ୍ ଅବା ବାଇକ ସବୁଥିରେ ଯିବା ଆସିବା ସମୟରେ ଦୁର୍ଘଟଣା ଘଟୁଛି । କିନ୍ତୁ ଆଖି ବନ୍ଦ କରି ନିଶ୍ଚିନ୍ତରେ ଶୋଇଥିବା ସମୟରେ ଯଦି ଦୁର୍ଘଟଣା ଘଟେ, ଏହିପରି ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି ଦିଲ୍ଲୀ ବସନ୍ତ ବିହାରରେ । ଫୁଟପାଥରେ ଶୋଇଥିବା ୫ ଜଣଙ୍କ ଉପରେ ମାଡ଼ିଗଲା ଅଡି । ରାତିରେ ଫୁଟପାଥରେ ଖାଇପିଇ ନିଶ୍ଚିନ୍ତରେ ଶୋଇଯାଆନ୍ତି । ସବୁଦିନ ପରି ସ୍ତ୍ରୀ ଛୁଆଙ୍କୁ ଧରି ଫୁଟପାଥରେ ଶୋଇଥିଲେ । ରାତି ପ୍ରାୟ ୧.୪୫ ହେବ , ସେହି ସମୟରେ ଏକ ଦ୍ରୁତଗାମୀ ଗାଡ଼ି ସେମାନଙ୍କ ଉପରେ ଚଢ଼ିଯାଇଥିଲା । ଗୁରୁତର ଅବସ୍ଥାରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

# ଗୋକର୍ଣ୍ଣ ଗୁମ୍ଫାରେ ଦୁଇ ଝିଅଙ୍କ ସହ ଉଦ୍ଧାର ହେଲେ ଋଷୀୟ ମହିଳା



କର୍ଣ୍ଣାଟକ : କର୍ଣ୍ଣାଟକର ଗୋକର୍ଣ୍ଣର ରାମତୀର୍ଥ ପାହାଡ଼ରେ ଥିବା ଏକ ଗୁମ୍ଫାରୁ ଜଣେ ୪୦ ବର୍ଷୀୟ ଋଷୀୟ ମହିଳା ଏବଂ ତାଙ୍କର ୬ ବର୍ଷୀୟ ଏବଂ ୪ ବର୍ଷୀୟ ଝିଅଙ୍କୁ ଉଦ୍ଧାର କରାଯାଇଛି । ଯେଉଁଠାରେ ସେମାନେ ପ୍ରାୟ ଗୋଟିଏ ସପ୍ତାହ ଧରି "ଆଧ୍ୟାତ୍ମିକ ଶାନ୍ତି" ପାଇଁ ରହିଥିଲେ । ଭୂସ୍ଖଳନ ପରେ ନିୟମିତ ପାଟ୍ରୋଲିଂ କରିବା ସମୟରେ ସୁରକ୍ଷା କର୍ମୀମାନେ ଗୁମ୍ଫା ବାହାରେ ପୋଷାକ ଝୁଲୁଥିବା ଦେଖିଥିଲେ । ନୀନା କୁଟିନା ଓରଫ ମୋହି ନାମକ ଏହି ମହିଳା ଜଣକ ୨୦୧୭ରେ ବ୍ୟବସାୟିକ ଭିସାରେ ଭାରତ ଆସିଥିଲେ ଏବଂ ତାଙ୍କର ମିଆଦ ଶେଷ ହୋଇଥିଲା । ଉତ୍ତର କନ୍ନଡ ପୋଲିସ ଅଧିକ୍ଷକ ଏମ୍ ନାରାୟଣଙ୍କ ଅନୁଯାୟୀ, ମୋହି ପୋଲିସକୁ ସୂଚନା ଦେଇଥିଲେ ଯେ ସେ ତାଙ୍କ ପିଲାମାନଙ୍କ ସହିତ ଗୁମ୍ଫା ଭିତରେ ଧ୍ୟାନ ଏବଂ ହିନ୍ଦୁ ରୀତିନୀତି କରୁଛନ୍ତି। ରୁଷିଆନ ମହିଳା ନୀନା କୁଟିନା ତାଙ୍କ ଝିଅ ପ୍ରେୟା (୬) ଏବଂ ଆମା (୪)ଙ୍କ ସହ ରାମତୀର୍ଥ ପାହାଡ଼ର ଏକ ଗୁମ୍ଫାରେ ରହୁଥିଲେ । ପୋଲିସର ସୂଚନା ଅନୁଯାୟୀ, ନୀନାଙ୍କ ଭିସା ୨୦୧୭ ମସିହାରେ ଶେଷ ହୋଇଯାଇଥିଲା । ତାଙ୍କୁ ପୁଣି ରୁଷିଆ ପଠାଇବା ପାଇଁ ପ୍ରସ୍ତୁତି ଚାଲିଛି । ବର୍ତ୍ତମାନ, ନୀନା ଏବଂ ତାଙ୍କ ପିଲାମାନଙ୍କୁ ବାଙ୍କିକୋଡଲା ଗାଁର ଏକ ଆଶ୍ରମକୁ ସ୍ଥାନାନ୍ତର କରାଯାଇଛି । ଏସପି କହିଛନ୍ତି ଯେ ପଚରାଉଚରା ସମୟରେ ମହିଳାଙ୍କୁ ନୀନା କୁଟିନା ବୋଲି ଚିହ୍ନଟ କରାଯାଇଥିଲା । ଭାରତୀୟ ଆଧ୍ୟାତ୍ମିକତା ଦ୍ୱାରା ପ୍ରଭାବିତ ହୋଇ ସେ ତାଙ୍କ ନାମ ମୋହି ରଖିଛନ୍ତି। ନୀନା ବ୍ୟବସାୟ ଭିସାରେ ରୁଷରୁ ଭାରତ ଆସିଥିଲେ। ସେ ଗୋଆ ଦେଇ କର୍ଣ୍ଣାଟକର ଗୋକର୍ଣ୍ଣରେ ପହଞ୍ଚିଥିଲେ । ସେ ପ୍ରାୟ ଦୁଇ ସପ୍ତାହ ଧରି ତାଙ୍କ ଝିଅମାନଙ୍କ ସହିତ ଏକ ଗୁମ୍ଫାରେ ରହୁଥିଲେ। ସେ ଘନ ଜଙ୍ଗଲ ଏବଂ ଖରା ଡାଳ ମଧ୍ୟରେ ଏକ ପ୍ରାକୃତିକ ଗୁମ୍ଫାରେ ନିଜର ଘର କରିଥିଲେ। ନୀନା ଓରଫ ମୋହି ସେଠାରେ ଏକ ରୁଦ୍ର ମୂର୍ତ୍ତି ରଖି ଧ୍ୟାନ କରୁଥିଲେ । ପୋଲିସର କହିବା ଅନୁଯାୟୀରୁଷୀୟ ମହିଳା ଜଣକ କେତେ ଦିନ ଧରି ଭାରତରେ ରହୁଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବର୍ତ୍ତମାନ, ଜଣେ ସାଧ୍ୱୀଙ୍କ ଦ୍ୱାରା ପରିଚାଳିତ ଏକ ଆଶ୍ରମରେ ତାଙ୍କ ରହିବାର ବ୍ୟବସ୍ଥା କରାଯାଇଛି ।

## ପାକିସ୍ତାନରେ ଓଁ ନମଃ ଶିବାୟ : ଶତ୍ରୁଦେଶ କରେ ଶିବଙ୍କ ପୂଜା

ପାକିସ୍ତାନ : ପୁଣ୍ୟର ମାସ ଶ୍ରାବଣର ଆରମ୍ଭ ହୋଇସାରିଛି । ଦେବାଧିଦେବ ମହାଦେବଙ୍କ କୃପା ଲାଭ କରିବା ପାଇଁ ହାତରେ ପାଣିଭାର ଏବଂ କାଉଡ଼ି ଧରି କାଉଡ଼ିଆ ଭକ୍ତ ଭୋଳାନାଥଙ୍କ ପୀଠକୁ ଯାତ୍ରା କରୁଛନ୍ତି । ମହାଦେବ ମାନସିକ ପୂରଣ କରିବେ ଏହି ଆଶା ନେଇ ଭକ୍ତ କାହିଁ କେତେ ଦୂରରୁ ବାବାଙ୍କ ପାଖକୁ ଜଳ ଲାଗି କରିବା ପାଇଁ ଯାଆନ୍ତି । ଜଳାଭିଷେକ କରିବା ଉଦ୍ଦେଶ୍ୟରେ ଦେଶର ପ୍ରତିଟି ଶୈବପୀଠରେ ଭକ୍ତ ଲମ୍ବା ଧାଡ଼ି ଲଗାଇଥାଆନ୍ତି । କିନ୍ତୁ କେବଳ ଭାରତ ଭୂମିରେ ନୁହେଁ ଶତ୍ରୁଦେଶ ବୋଲାଉଥିବା ପାକିସ୍ତାନରେ ବି ଭଗବାନ ଶିବଙ୍କ ମନ୍ଦିର ରହିଛି । ମୁସଲିମ୍ ବହୁଳ ଦେଶ ହେଲେ ବି ସେଠାରେ ବସବାସ କରୁଥିବା ଅଳ୍ପସଂଖ୍ୟକ ହିନ୍ଦୁ ମହାଦେବଙ୍କ ପୂଜା କରନ୍ତି । ୧୯୪୭ ରେ ଭାରତ-ପାକିସ୍ତାନ ବିଭାଜନ ହେଲା କିନ୍ତୁ ଏହା ପୂର୍ବରୁ ହିଁ ସେଠାରେ ହିନ୍ଦୁଙ୍କ ସଂଖ୍ୟା ଅଧିକ ଥିଲା । ଏଥିପାଇଁ ପାକିସ୍ତାନରେ ଅନେକ ପ୍ରାଚୀନ ଏବଂ ଐତିହାସିକ ମନ୍ଦିର ରହିଛି । ପାକିସ୍ତାନର ପଞ୍ଜାବ ପ୍ରାନ୍ତରେ ଥିବା ଚକୱାଲ ଅଞ୍ଚଳରେ କଟାସରାଜ ମନ୍ଦିର ରହିଛି । ଏହି ମନ୍ଦିରଟି ବହୁତ ପୁରୁଣା । ମାନ୍ୟତା ରହିଛି ମାତା ସତୀ ଯେତେବେଳେ ଆତ୍ମଦାହ କରିଥିଲେ ଉମାପତୀ ପ୍ରାଣପ୍ରିୟାଙ୍କ ବିୟୋଗରେ ଏହିଠାରେ ବିରହର ଅଶ୍ରୁ ଢାଳିଥିଲେ । ଉକ୍ତ ସ୍ଥାନରେ ଏକ ପବିତ୍ର କୁଣ୍ଡ ରହିଛି ଯାହାକୁ କଟାକ୍ଷ କୁଣ୍ଡ ବୋଲି କୁହାଯାଏ । ମହାଦେବଙ୍କ ଅଶ୍ରୁ ନିର୍ଗତ ଅନ୍ୟ ଏକ କୁଣ୍ଡ ରାଜସ୍ଥାନର ପୁଷ୍କରରେ ଥିବା କୁହାଯାଏ । ପାକିସ୍ତାନର ପଞ୍ଜାବ ପ୍ରାନ୍ତରେ ଥିବା ସିୟାଲକୋଟରେ ମଧ୍ୟ ଏକ ପ୍ରାଚୀନ ଶିବ ମନ୍ଦିର ରହିଛି । ଏହାକୁ ସେଠାକାର ପ୍ରମୁଖ ଧାର୍ମିକ ସ୍ଥଳ ବୋଲି କୁହାଯାଏ । ଶ୍ରାବଣ ମାସ ଆସିଲେ ଆଜି ବି ଶିବଭକ୍ତ ପ୍ରଭୁଙ୍କ ଆରାଧନା କରିବାକୁ ମନ୍ଦିରରେ ପହଞ୍ଚନ୍ତି । ଏହି ମନ୍ଦିରକୁ ଶିଖ୍ ଧର୍ମର ପ୍ରଚାରକ ସର୍ଦ୍ଦାର ତେଜା ସିଂ ନିର୍ମାଣ କରାଇଥିବା ସୂଚନା ମିଳେ । ଭାରତ-ପାକିସ୍ତାନ ବିଭାଜନ ସମୟରେ ମନ୍ଦିରକୁ ବନ୍ଦ କରାଯାଇଥିବା ବେଳେ ୧୯୯୨ ରେ ମନ୍ଦିରକୁ ଭାଙ୍ଗିବା ପାଇଁ ଚେଷ୍ଟା କରାଯାଇଥିଲା । କିନ୍ତୁ ୨୦୧୫ ରେ ପୁନଃନିର୍ମାଣ କରାଯାଇ ପୁନର୍ବାର ଖୋଲାଯାଇଥିଲା । ସିନ୍ଧୁ ପ୍ରାନ୍ତ ଉମରକୋଟରେ ୧୦୦୦ ବର୍ଷ ପୁରୁଣା ଏକ ଶିବ ମନ୍ଦିର ରହିଛି । ପ୍ରତିବର୍ଷ ମହାଶିବରାତ୍ରୀ ଅବସରରେ ଏହି ମନ୍ଦିରରେ ବଡ଼ ମେଳା ଲାଗେ ଯେଉଁଥିରେ ସାମିଲ ହେବା ପାଇଁ ଦୂରଦୂରାନ୍ତରୁ ଭକ୍ତ ମନ୍ଦିରକୁ ଆସିଥା'ନ୍ତି । ଶ୍ରାବଣରେ ମଧ୍ୟ ଏଠାରେ ଭିଡ଼ ଦେଖିବାକୁ ମିଳେ । ଐତିହାସିକଙ୍କ ମତରେ ୧୦ ମ ଶତାବ୍ଦୀରେ ଏହି ମନ୍ଦିର ପ୍ରସ୍ତୁତ କରାଯାଇଥିଲା । ମନ୍ଦିର ସହ ଜଡ଼ିତ ଏକ କାହାଣୀ ମଧ୍ୟ ରହିଛି । ଜଣେ ଗାଈ ଚରାଳୀ ପ୍ରତିଦିନ ଏଠାରେ ଗୋରୁଙ୍କୁ ଚରାଇବାକୁ ଆସୁଥିଲା । କିନ୍ତୁ ପ୍ରତିଦିନ ଗୋଟିଏ ଗାଈ ଗୋଠ ଛାଡ଼ି ଅନ୍ୟ ଏକ ସ୍ଥାନକୁ ଚାଲିଯାଉଥିଲା । ଦିନେ ଚରାଳୀ ଗାଈ ପଛେ ପଛେ ଯିବାରୁ ଦେଖିବାକୁ ପାଇଥିଲା ଯେ ଉକ୍ତ ଗାଈ ଶିବଲିଙ୍ଗ ଉପରେ ଦୁଗ୍ଧ ଅର୍ପିତ କରୁଛି । ସେହି ଦିନଠାରୁ ଏଠାରେ ଭଗବାନ ଶିବଙ୍କ ପୂଜା ଆରମ୍ଭ ହେଲା । ଅନ୍ୟପକ୍ଷରେ ସିନ୍ଧୁର ଟାଣ୍ଡୋ ଅଲ୍ଲାହୟାରରେ ରାମାପିରଙ୍କ ମନ୍ଦିର ରହିଛି ଯାହାଙ୍କୁ ମହାଦେବଙ୍କ ଅବତାର ବୋଲି କୁହାଯାଏ । ପାକିସ୍ତାନର ରାଜଧାନୀ କରାଚୀରେ ୧୫୦ ବର୍ଷ ପୁରୁଣା ଏକ ଶିବ ମନ୍ଦିର ରହିଛି , ଯାହାକୁ ରନତ୍ୱେଶ୍ୱର ମହାଦେବ ବୋଲି କୁହାଯାଏ । ଏହି ମନ୍ଦିରରେ ସଦାଶିବଙ୍କ ସମେତ ଅନ୍ୟାନ୍ୟ ଦେବଦେବୀଙ୍କ ପୂଜା କରାଯାଏ । ଏଠାରେ ପ୍ରତ୍ୟହ ପ୍ରଭୁଙ୍କୁ ପୂଜା କରିବା ସହ ହର ହର ମହାଦେବର ନାମ ଜପ କରାଯାଏ । ଶ୍ରାବଣ ମାସରେ ଏଠାରେ କରାଚୀ ଏବଂ ଆଖପାଖରେ ରହୁଥିବା ହିନ୍ଦୁ ଭକ୍ତ ବେଲପତ୍ର , ଦୁଦୁରା, ଫଳ ଧରି ଜଳାଭିଷେକ କରିବାକୁ ଆସିଥା'ନ୍ତି ।

## ବିନା ଭିସାରେ ସାଉଦିଆରବରେ ପହଞ୍ଚିଲେ ପାକିସ୍ତାନୀ ନାଗରିକ

ପାକିସ୍ତାନରେ ରହୁଥିବା ଶାହଜୈନ ନାମକ ଜଣେ ବ୍ୟକ୍ତି ପାକିସ୍ତାନର ଏକ ଘରୋଇ ବିମାନ କମ୍ପାନୀକୁ ଏକ ଆଇନଗତ ନୋଟିସ ପଠାଇଛନ୍ତି । ସେ କହିଛନ୍ତି ଯେ ସେ ଲାହୋରରୁ କରାଚୀ ଯିବା ପାଇଁ ବିମାନ କମ୍ପାନୀରେ ଚଢ଼ିଥିଲେ, କିନ୍ତୁ ବିମାନ କମ୍ପାନୀ ତାଙ୍କୁ ସାଉଦି ଆରବର ଜଦ୍ଦା ନେଇଯାଇଥିଲା । ପାସପୋର୍ଟ କିମ୍ବା ଭିସା ବିନା ସାଉଦି ଆରବରେ ପହଞ୍ଚିଥିବା ଶାହଜୈନ କହିଛନ୍ତି ଯେ ଯେତେବେଳେ ମୁଁ ଏହା ଜାଣିଲି, ସେତେବେଳେ ବହୁତ ଡେରି ହୋଇଯାଇଥିଲା । ଶାହଜୈନ ବିମାନ କମ୍ପାନୀକୁ ଏକ ଆଇନଗତ ନୋଟିସ ପଠାଇ କ୍ଷତିପୂରଣ ଦାବି କରିଛନ୍ତି । ଶାହଜୈନ କହିଛନ୍ତି ଯେ ଲାହୋର ଟର୍ମିନାଲର ଗେଟରେ ଦୁଇଟି ବିମାନ ଠିଆ ହୋଇଥିଲା ଏବଂ ସେ ଭୁଲ ବିମାନରେ ଚଢ଼ିଥିଲେ । ଯେତେବେଳେ ସେ ଏହା ବୁଝିପାରିଲେ, ସେତେବେଳେ ବହୁତ ଡେରି ହୋଇଯାଇଥିଲା । ଏକ ଖବର ରିପୋର୍ଟ ଅନୁଯାୟୀ, ଯାତ୍ରୀ ଅଭିଯୋଗ କରିଛନ୍ତି ଯେ ଏୟାରଲାଇନ୍ସର ଅବହେଳା ଯୋଗୁଁ ତାଙ୍କୁ ସାଉଦି ଆରବରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ଏୟାରଲାଇନ୍ସକୁ ପଠାଯାଇଥିବା ଏକ ଆଇନଗତ ନୋଟିସରେ ଶାହଜୈନ ଦାବି କରିଛନ୍ତି ଯେ ଏୟାରଲାଇନ୍ସ ତାଙ୍କର ଅତିରିକ୍ତ ଯାତ୍ରା ଖର୍ଚ୍ଚ ପରିଶୋଧ କରନ୍ତୁ ଏବଂ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ସେ ସାଉଦି ଆରବରେ ସେ ସମ୍ମୁଖୀନ ହୋଇଥିବା ଅସୁବିଧା ପାଇଁ କ୍ଷତିପୂରଣ ମଧ୍ୟ ଦାବି କରିଛନ୍ତି । ଯାତ୍ରୀ ଜଣକ କହିଛନ୍ତି ଯେ ତାଙ୍କ ପାଖରେ ଆନ୍ତର୍ଜାତୀୟ ଯାତ୍ରା ପାଇଁ ପାସପୋର୍ଟ କିମ୍ବା ଭିସା ମଧ୍ୟ ନାହିଁ । ଉଡ଼ାଣର ଦୁଇ ଘଣ୍ଟା ପରେ, ସେ ପଚାରିଲେ ଯେ ବିମାନଟି ଏପର୍ଯ୍ୟନ୍ତ କରାଚୀରେ କାହିଁକି ପହଞ୍ଚି ନାହିଁ ? ଏହା ପରେ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଗଲା, ଏବଂ ତାପରେ ସେମାନେ ଏହି ଭୁଲ ପାଇଁ ମୋତେ ଦାୟୀ କଲେ । ଯାତ୍ରୀ କହିଛନ୍ତି ଯେ ଯେତେବେଳେ ସେ ଏୟାରଲାଇନ୍ସକୁ କରାଚୀ ନେବାକୁ କହିଲେ, ତାଙ୍କୁ କୁହାଗଲା ଯେ ଏଥିରେ ଦୁଇରୁ ତିନି ଦିନ ଲାଗିବ । ସେ କହିଛନ୍ତି ଯେ ମୋତେ କୁହାଗଲା ଯେ ଫେଡେରାଲ୍ ଇନଭେଷ୍ଟିଗେସନ୍ ଏଜେନ୍ସି (ଋଓଇ) ଏହି ମାମଲାର ତଦନ୍ତ କରିବ, ଯେଉଁଥିରେ ମୁଁ ସହଯୋଗର ପ୍ରତିଶ୍ରୁତି ଦେଇଛି । ଲାହୋରରୁ କରାଚୀ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କୁ ଭୁଲବଶତଃ ପାସପୋର୍ଟ ଏବଂ ଭିସା ବିନା ଜଦ୍ଦା ପଠାଯିବା ପରେ ଏକ ଘରୋଇ ବିମାନ କମ୍ପାନୀ ତଦନ୍ତର ପରିସରକୁ ଆସିଛି ।

## ବୃନ୍ଦାବନରେ ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଲେ ଜୟା କିଶୋରୀ

ବୃନ୍ଦାବନ : ପ୍ରେମାନନ୍ଦ ମହାରାଜଙ୍କୁ ସାକ୍ଷାତ କରିବାକୁ ବୃନ୍ଦାବନରେ ପହଞ୍ଚିଲେ ଜୟା କିଶୋରୀ । ଆଧ୍ୟାତ୍ମିକ ଜଗତର ଦୁଇ ପ୍ରମୁଖ ଚେହେରା , ବୃନ୍ଦାବନର ସନ୍ଥ ପ୍ରେମାନନ୍ଦ ମହାରାଜ ଏବଂ ପ୍ରସିଦ୍ଧ କଥାବାଚକ ତଥା ଭଜନ ଗାୟିକା ଜୟା କିଶୋରୀଙ୍କ ସାକ୍ଷାତକାର ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ନିକଟରେ ଜୟା କିଶୋରୀ ବୃନ୍ଦାବନ ସ୍ଥିତ ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମ 'ରାଧା କେଲି କୁଞ୍ଜ'ରେ ପହଞ୍ଚି ତାଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି । ଏହି ସାକ୍ଷାତର ଭିଡିଓ ସୋସିଆଲ ମିଡିଆରେ ବେସ୍ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ଦୁଇ ଆଧ୍ୟାତ୍ମିକଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି ।

## ମାଲବାହୀ ଟ୍ରେନରେ ଲାଗିଲା ନିଆଁ

ତାମିଲନାଡୁ : ତାମିଲନାଡୁର ତିରୁବଲ୍ଲୁର ନିକଟରେ ଡିଜେଲ ବୋଝେଇ ଏକ ମାଲବାହୀ ଟ୍ରେନରେ ଘଟିଲା ଅଘଟଣ । ଟ୍ରେନରେ ଲାଗିଯାଇଥିଲା ନିଆଁ । ତେବେ ଏହି ଦୁର୍ଘଟଣା ପରେ ଟ୍ରେନକୁ ବନ୍ଦ କରିଦିଆଯାଇଛି । ନିଆଁ ଏତେ ଭୟଙ୍କର ରହିଥିଲା ଆକାଶରେ କେବଳ ଧୂଆଁ ଦେଖାଦେଉଛି । ତେବେ ଏହି ଦୁର୍ଘଟଣାରେ ଅନେକ ଡିଜେଲ ଟ୍ୟାଙ୍କରେ ନିଆଁ ଲାଗିଯାଇଛି । ଯାହାର ଏକ ଭିଡିଓ ସାମ୍ନାକୁ ଆସିଛି । ଅଗ୍ନିକାଣ୍ଡ ପରେ ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ନିଆଁ ଲିଭାଇବା ପାଇଁ ପ୍ରୟାସ କରାଯାଉଛି । ସୂଚନା ଅନୁସାରେ ଆଜି ସକାଳ ସମୟରେ ତିରୁବଲ୍ଲୁର ନିକଟରେ ଏକ ମାଲବାହୀ ଟ୍ରେନର ୪ଟି କୋଚରେ ନିଆଁ ଲାଗିଗଲା । ରେଳବାଇର ସୂଚନା ଅନୁଯାୟୀ, ଏହି ମାଲବାହୀ ଟ୍ରେନଟି ଡିଜେଲରେ ଲୋଡ୍ ହୋଇ ମନାଲିରୁ ତିରୁପତିକୁ ଯାଉଥିଲା । ଆଜି ସକାଳେ ମାଲବାହୀ ଟ୍ରେନର ୪ଟି କୋଚରେ ନିଆଁ ଲାଗିଯାଇଥିଲା, ବାକି କୋଚଗୁଡ଼ିକୁ ସେମାନଙ୍କଠାରୁ ଅଲଗା କରିଦିଆଯାଇଛି । ଏହି ଘଟଣା ଯୋଗୁଁ ଚେନ୍ନାଇରୁ ଛାଡି ଚେନ୍ନାଇ ଅଭିମୁଖେ ଯାଉଥିବା ଟ୍ରେନଗୁଡ଼ିକର ଯାତାୟାତ ପ୍ରଭାବିତ ହୋଇଛି । ବର୍ତ୍ତମାନ ରେଳ ଲାଇନ ସଫା କରିବା ପାଇଁ କାମ ଚାଲିଛି । ଦୁର୍ଘଟଣା ପରେ, ଦକ୍ଷିଣ ରେଳବାଇ ଏକ ସତର୍କତା ଜାରି କରିଛି ।

# ଆଇଆଇଏମ କ୍ୟାମ୍ପସରେ ଛାତ୍ରୀଙ୍କୁ ଦୁଷ୍କର୍ମ ପ୍ରସଙ୍ଗ,ସାମନାକୁ ଆସିଲା ପୀଡିତାଙ୍କ ବାପାଙ୍କ ବୟାନ




କୋଲକାତା: କୋଲକାତାର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ କ୍ୟାମ୍ପସରେ ଘଟିଥିବା ଦୁଷ୍କର୍ମ ଘଟଣାରେ ନୂଆ ଖୁଲାସା । ଏହି ଘଟଣାରେ ପୀଡିତାଙ୍କ ବାପା ଓ ଅଭିଯୁକ୍ତ ଛାତ୍ରର ମା ଙ୍କର ବୟାନ ସାମନାକୁ ଆସିଛି । ପୀଡିତାର ବାପା କହିଛନ୍ତି ଝିଅ ସହ କୈଣସି ଭୁଲ ହୋଇନାହିଁ କି ତାସହ ଦୁଷ୍କର୍ମ ହୋଇନାହିଁ । ଝିଅ ଅଭିଯୁକ୍ତକୁ ଜାଣିନାହିଁ । ସେ ସମ୍ପୂର୍ଣ୍ଣ ଠିକ ଅଛି ଓ ଏବେ ସେ ଶୋଇଛି ବୋଲି କହିଛନ୍ତି ପୀଡିତାଙ୍କ ବାପା । ଶୁକ୍ରବାର ରାତି ୯ଟା୩୪ ସମୟରେ ତାଙ୍କୁ ଏକ ଫୋନ ଆସିଥିଲା । ଯେଉଁ କଲ୍ ରେ କୁହାଗଲା କି ତାଙ୍କ ଝିଅ ଅଟୋରୁ ପଡିଯାଇଛି ଏବଂ ଚେତାଶୂନ୍ୟ ହୋଇଯାଇଛି । ଏହାପରେ ପୋଲିସ ପୀଡିତାଙ୍କୁ ଏକ ହସ୍ପିଟାଲରେ ଥିବା ନ୍ୟୁରୋଲୋଜି ବିଭାଗରେ ଭର୍ତ୍ତି କରିଛି । ତେବେ ଏହି ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ମହାବୀର ଟପ୍ପନ୍ନାଭର ଓରଫ ପରମାନନ୍ଦ ଜୈନଙ୍କ ମା କହିଛନ୍ତି ପ୍ରାୟ ରାତି ୧୧ ଟାରେ ତାଙ୍କ ବନ୍ଧୁଙ୍କଠାରୁ ଆମକୁ ଫୋନ୍ ଆସିଥିଲା । ସେମାନେ କହିଥିଲେ କି ମୋ ପୁଅକୁ ଅଟକ ରଖାଯାଇଛି । କିନ୍ତୁ ଏହାର କାରଣ ସେ ଜାଣିନଥିବା କହିଥିଲେ । କାହିଁକି ଗିରଫ କରାଯାଇଛି ତାହା ଜାଣିବାକୁ ଚାହୁଁଥିଲେ । ଏଥିପାଇଁ ଅଭିଯୁକ୍ତଙ୍କ ମା ନିଜ ପୁଅକୁ ଭେଟି କଥା ହେବାପାଇଁ ଚାହୁଥିଲେ । ମୋ ପୁଅ କଲେଜ ର ଶେଷ ବର୍ଷରେ ପାଠ ପଢୁଥିଲା । ଆମେ କୋଲକତା ବିଷୟରେ କିଛି ଜାଣିନାହୁଁ । ପୋଲିସ ଷ୍ଟେସନ ଓ କୋର୍ଟ କେଉଁଠାରେ ରହିଛି । ମୋ ପୁଅ ନିର୍ଦ୍ଦୋଷ । ସେ ଏତେ ଦୁରକୁ ପାଠ ପଢିବା ପାଇଁ ଆସିଛି । ସେ ଏମିତି ଖରାପ କାମ କରିବ ନାହିଁ ବୋଲି କହିଛନ୍ତି ଅଭିଯୁକ୍ତର ମା । ସୂଚନା ଅନୁସାରେ ପୀଡିତା ତାଙ୍କ ଏଫଆଇଆରରେ କହିଛନ୍ତି ଯେ ସେ କାଉନସେଲିଂ ପାଇଁ ହଷ୍ଟେଲ ଯାଇଥିଲେ। ଅଭିଯୋଗ ହେଉଛି କି କଲେଜର ଅଭିଯୁକ୍ତ ଛାତ୍ର ତାଙ୍କୁ କଲେଜର କାଉନସିଲ କରିବା ବାହାନାରେ ପୀଡିତାଙ୍କୁ ହଷ୍ଟେଲ ବୁଲାଇଥିଲା ଓ ତାଙ୍କୁ ପିଜ୍ଜା ଓ ପାଣି ଦେଇଥିଲା । ଖାଇବା ଓ ପିଇବା ପରେ ପୀଡିତା ବେହୋସ୍ ହୋଇଯାଇଥିଲେ । ଯେତେବେଳେ ପୀଡିତାଙ୍କ ହୋସ ଆସିଲା ସେତେବେଳେ ସେ ଜାଣିବାକୁ ପାଇଲେ କି ତାଙ୍କ ସହ ଦୁଷ୍କର୍ମ ହୋଇଛି । ପାଡିତା ଅଭିଯୋଗ କରିଛନ୍ତି କି ଅଭିଯୁକ୍ତ ତାଙ୍କୁ ଧମକ ଦେଇଥିଲା ଓ କହିଥିଲା ଏହି ବିଷୟରେ ଯଦି ପୀଡିତା କାହାକୁ କିଛି କହିବେ ତାହାହେଲେ ପରିସ୍ଥିତି ଆହୁରୀ ଜଟିଳ ହେବ । ପୀଡିତା ମହିଳା ହରିଦେବପୁର ଥାନାରେ ଏକ ଏତଲା ଦେଇଥିଲେ । ଯାହାପରେ କି କୋଲକତା ପୋଲିସ ଈଘଝ ଧାରା ୬୪ ୧୨୩ ରେ ମାମଲା ରୁଜୁ କରି କର୍ଣ୍ଣାଟକ ନିବାସୀ ଅଭିଯୁକ୍ତକୁ ଗିରଫ କରିଥିଲା । ଅଭିଯୁକ୍ତକୁ କୋଲକତାରେ ଥିବା ଅଲ୍ଲିପୁର କୋର୍ଟରେ ହାଜର କରାଗଲା । ଯେଉଁଥିରେ ୭ ଦିନ ପର୍ଯ୍ୟନ୍ତପୋଲିସ ହେପାଜତକୁ ପଠାଇ ଦିଆଯାଇଥିଲା ।

## ବିଜେପି ନେତାଙ୍କୁ ଗୁଳି କରି ହତ୍ୟା

ବିହାର : ବିହାରର ଶେଖପୁରାରେ ଜଣେ ବିଜେପି ନେତାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ତାଙ୍କ ନାଁ ସୁରେନ୍ଦ୍ର କେୱାତ। ତାଙ୍କୁ ୫୨ ବର୍ଷ ହୋଇଥିଲା। ପୂର୍ବରୁ ସେ ପୁନପୁନର ବିଜେପି କୃଷକ ମୋର୍ଚ୍ଚା ସଭାପତି ଥିଲେ। ଶନିବାର ରାତିରେ ବିହଟା-ସରମେରା ରାଜ୍ୟ ରାଜପଥ-୭୮ କଡ଼ରେ ଥିବା ନିଜ ଜମିରେ ସୁରେନ୍ଦ୍ର ପାଣି ମଡ଼ାଉଥିବା ବେଳେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ପୁଲିସର ସୂଚନା ଅନୁଯାୟୀ, ଦୁଇଟି ବାଇକରେ ୪ ଜଣ ଦୁର୍ବୃତ୍ତ ଆସିଥିଲେ। ସେମାନେ ସୁରେନ୍ଦ୍ରଙ୍କ ଉପରକୁ ଏକାଧିକ ରାଉଣ୍ଡ ଗୁଳି କରି ଫେରାର ହୋଇଯାଇଥିଲେ। ଗୁଳିମାଡ଼ ଶବ୍ଦ ଶୁଣି ପଡ଼ୋଶୀମାନେ ଧାଇଁ ଆସିଥିଲେ। ସେମାନେ ତାଙ୍କୁ ଉଦ୍ଧାର କରି ପାଟନା ସ୍ଥିତ ଏମ୍‌ସକୁ ନେଇଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାର ତଦନ୍ତ କରୁଛି। କିଏ ଓ କାହିଁକି ସୁରେନ୍ଦ୍ରଙ୍କୁ ଗୁଳି କରି ହତ୍ୟା କଲେ, ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ତାଙ୍କୁ ନିଶ୍ଚିତ ନ୍ୟାୟ ମିଳିବ ବୋଲି କହିଛନ୍ତି ସ୍ଥାନୀୟ ବିଧାୟକ ଗୋପାଳ ରବିଦାସ। ଏନେଇ ସେ ମୃତକଙ୍କ ପରିବାରକୁ ଭେଟି ଆଶ୍ୱସନା ମଧ୍ୟ ଦେଇଛନ୍ତି। ଏହା ସହିତ ତାଙ୍କ ଅଞ୍ଚଳରେ ବିଭିନ୍ନ ପ୍ରକାର ଅପରାଧ ବଢୁଥବାରୁ ଚିନ୍ତା ପ୍ରକଟ କରିଛନ୍ତି ବିଧାୟକ ଗୋପାଳ ରବିଦାସ। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସରକାରଙ୍କୁ ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ। ସେ କହିଛନ୍ତି, ଆଉ ଏବେ ବିଜେପି ନେତାଙ୍କୁ ପାଟନାରେ ଗୁଳି କରି ହତ୍ୟା କରାଯାଇଛି। କିଏ କାହାକୁ କ'ଣ କହିବେ ? ଏନ୍‌ଡିଏ ସରକାରରେ କେହି ଅଛନ୍ତି ଯିଏ ସତ ଶୁଣିବାକୁ ଇଚ୍ଛା ରଖୁଛନ୍ତି ବା ସେମାନଙ୍କ ଭୁଲ୍‌କୁ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛନ୍ତି ? ଏହା ସହିତ ବିହାରର ଉପ-ମୁଖ୍ୟମନ୍ତ୍ରୀଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ତେଜସ୍ୱୀ। ସେ କହିଛନ୍ତି, ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଜାଣିଛନ୍ତି। କିନ୍ତୁ ବିଜେପିର ଦୁଇ ଦୁଇ ଜଣ ଅଯୋଗ୍ୟ ଉପ-ମୁଖ୍ୟମନ୍ତ୍ରୀ କ'ଣ କରୁଛନ୍ତି ?

# ୧୯୩ ରନ ଟାର୍ଗେଟ୍, ଭାରତ ୫୮/୪






ଲର୍ଡ୍ସ, ୧୩।୭: ଲର୍ଡ୍ସ ଟେଷ୍ଟର ପ୍ରଥମ ତିନି ଦିନର ଖେଳ ପରେ ଭାରତ ଓ ଇଂଲଣ୍ଡ ପ୍ରଥମ ଇନିଂସରେ ସମାନ ୩୮୭ ରନ କରିଥିଲେ ମ୍ୟାଚ୍ ଧିମା ସ୍ଥିତିରେ ଚାଲିଥିଲା। ହେଲେ ଚତୁର୍ଥ ଦିନର ଖେଳରେ ରୋମାଞ୍ଚକର ମୋଡରେ ପହଞ୍ଚି ଯାଇଛି। ତୃତୀୟ ଟେଷ୍ଟ ଓ୍ୱାଶିଂଟନ ସୁନ୍ଦରଙ୍କ ସହ ଭାରତୀୟ ବୋଲରଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୯୨ ରନରେ ଅଲଅାଉଟ୍ ହୋଇଛି। ଭାରତରେ ଆଗରେ ରହିଛି। ୧୯୩ ରନର ବିଜୟ ଲକ୍ଷ୍ୟ ଇଂଲଣ୍ଡ ପକ୍ଷରୁ ଜଣେ ବି ବ୍ୟାଟର ଅର୍ଦ୍ଧଶତକ ହାସଲ କରି ପାରି ନାହାନ୍ତି ଜୋ ରୁଟ୍ ସର୍ବାଧିକ ୪୦ ରନ କରିଥିବା ବେଳେ ବେନ ଷ୍ଟୋକ୍ସ ୩୩ ରନ କରିଛନ୍ତି। ଜବାବରେ ଭାରତ ୪ ୱିକେଟ ହରାଇ ୫୮ ରନ୍ କରିଛି। ଜୟସ୍ୱାଲ୍, କରୁଣ ନାୟାର, ଗିଲ୍ ଓ ଆକାଶଦୀପ ଆଉଟ୍ ହୋଇଛନ୍ତି। ଅନ୍ତିମ ଦିନରେ ଭାରତ ପାଇଁ କଡ଼ା ଚ୍ୟାଲେଞ୍ଜ ରହିଛି।

ତୃତୀୟ ଦିନରେ ଭାରତ ପ୍ରଥମ ଇନିଂସରେ ୩୮୭ ରନରେ ଅଲଅାଉଟ୍ ହେବା ପରେ ଇଂଲଣ୍ଡ ଦଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ହେଲେ ଚତୁର୍ଥ ଦିନରେ ଦଳ ଆରମ୍ଭରୁ ୱିକେଟ୍ ହରାଇଥିଲା। ବେନ ଡକେଟ୍(୧୨ ରନ) ଓ ଓଲି ପୋପ(୪)ଙ୍କୁ ଆଉଟ୍ କରି ମହମ୍ମଦ ସିରାଜ ଭାରତକୁ ଡବଲ ସଫଳତା ଦେଇଥିଲେ। ନୀତିଶ ରେଡ୍ଡୀ ଜ୍ୟାକ କ୍ରାଉଲି(୨୨)ଙ୍କୁ ଜୟସ୍ୱାଲଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଦ୍ରୁତ ବ୍ୟାଟିଂ କରୁଥିବା ହ୍ୟାରି ବ୍ରୁକ(୨୩ ରନ) କ୍ରିଜରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ ୮୭ ରନରେ ୪ ୱିକେଟ୍ ହରାଇ ସଙ୍କଟରେ ପଡିଥିବା ଇଂଲଣ୍ଡ ଇନିଂସକୁ ସମ୍ଭାଳିଥିଲେ ଜୋ ରୁଟ୍ ଓ ବେନ ଷ୍ଟୋକ୍ସ ଉଭୟ ସତର୍କତାର ସହ ବ୍ୟାଟିଂ କରି ପଞ୍ଚମ ୱିକେଟ୍ ପାଇଁ ୬୭ ରନ ଯୋଡ଼ିଥିଲେ।

୧୫୪ ରନ ସ୍କୋରରେ ଜୋ ରୁଟ୍‌ଙ୍କୁ ବୋଲ୍ଡ କରି ଓ୍ୱାଶିଂଟନ ସୁନ୍ଦର ଭାରତକୁ ବହୁତ ବଡ଼ ସଫଳତା ଦେଇଥିଲେ ରୁଟ୍ ୪୦ ରନ କରି ପାଭିଲିୟନ ଫେରିଥିଲେ। ନିମ୍ନକ୍ରମରେ ପୁଣି ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ଘରୋଇ ଦଳ ଜେମି ସ୍ମିଥ(୮)ଙ୍କୁ କ୍ଲିନ ବୋଲ୍ଡ କରିଥିଲେ ଓ୍ୱାଶିଂଟନ ସୁନ୍ଦର କ୍ରିଜରେ ଜମି ରହିଥିବା ଅଧିନାୟକ ବେନ ଷ୍ଟୋକ୍ସ(୩୩ ରନ)ଙ୍କୁ ବୋଲ୍ଡ କରି ତୃତୀୟ ସଫଳତା ପାଇଥିଲେ। ସୁନ୍ଦର ବ୍ରାଇଡନ କାର୍ସ(୧) ଓ କ୍ରିସ ଓ୍ୱକ୍ସ(୧୦ ରନ)ଙ୍କୁ ପାଭିଲିୟନର ରାସ୍ତା ଦେଖାଇଥିଲେ। ବୁମରା ଶେଷରେ ଶୋଏବ ବସିର(୨ ରନ)ଙ୍କ ଆଉଟ୍ ସହ ଇଂଲଣ୍ଡର ଇନିଂସ ୧୯୨ ରନରେ ଅନ୍ତ ଘଟିଛି। ଆଉ ଭାରତ ସମ୍ମୁଖରେ ରହିଛି ୧୯୩ ରନର ବିଜୟ ଲକ୍ଷ୍ୟ।

ବୋଲିଂରେ ଭାରତ ପକ୍ଷରୁ ଓ୍ୱାଶିଂଟନ ସୁନ୍ଦର ଘାତକ ବୋଲିଂ କରି ୨୨ ରନ ଦେଇ ୪ ୱିକେଟ୍ ନେଇଛନ୍ତି। ବୁମରା ଓ ସିରାଜ ପ୍ରତ୍ୟେକ ଦୁଇଟି ଲେଖାଏଁ ୱିକେଟ୍ ନେଇଛନ୍ତି। ନୀତିଶ ରେଡ୍ଡୀ ଓ ଆକାଶ ଦୀପଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି। ଉଲ୍ଲେଖନୀୟ ଇଂଲଣ୍ଡ ଓ ଭାରତ ସମାନ ପ୍ରଥମ ଇନିଂସରେ ୩୮୭ ରନରେ ଅଲଅାଉଟ୍ ହୋଇଛି।

# ଲିଜେଣ୍ଡସ ଲିଗ୍ କ୍ରିକେଟ ସିଜନ ୪ର ଘୋଷଣା

ଭୁବନେଶ୍ୱର, ୧୩।୭ : ଫ୍ରାଂଚାଇଜ-ଆଧାରିତ ଫର୍ମାଟ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲଏଲସି)ର ବହୁପ୍ରତିକ୍ଷୀତ ୪ର୍ଥ ସିଜନର ଘୋଷଣା କରାଯାଇଛି। ଆସନ୍ତା ନଭେମ୍ବର ୧୯ ତାରିଖରୁ ଡିସେମ୍ବର ୧୩ ତାରିଖ ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ୪ର୍ଥ ସିଜନ ଭାରତବ୍ୟାପୀ କ୍ରିକେଟ ପ୍ରଶଂସକଙ୍କୁ ଆକର୍ଷିତ କରିବା ପାଇଁ ପ୍ରସ୍ତୁତ ରହିଛି। ପୂର୍ବ ସିଜନଗୁଡିକର ଉଲ୍ଲେଖନୀୟ ସଫଳତା ପରେ ସିଜନ ୪ ଆହୁରି ବିଶାଳ ହୋଇଛି ଯେଉଁଥିରେ ଅଧିକ ମ୍ୟାଚ ଓ ଅଧିକ ଷ୍ଟାର ଖେଳାଳି ଓ ପୂର୍ବାପେକ୍ଷା ଅଧିକ ସହର ସାମିଲ ହେବେ। ପ୍ରଶଂସକମାନେ ଏକ ଉତ୍ସାହପୂର୍ଣ୍ଣ ପରିବେଶରେ ରୋମାଂଚକର ଅନ-ଫିଲ୍ଡ ଆକ୍ସନ ଓ କିମ୍ବଦନ୍ତୀ ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତାକୁ ଉପଭୋଗ କରିପାରିବେ।

ଏସମ୍ପର୍କରେ ଲିଜେଣ୍ଡ୍ସ ଲିଗ କ୍ରିକେଟର ଅଧ୍ୟକ୍ଷ ବିବେକ ଖୁସାଲାନି କହିଛନ୍ତି, "ଆମେ ଲିଜେଣ୍ଡ୍ସ ଲିଗ କ୍ରିକେଟର ସିଜନ ୪ର ଘୋଷଣା କରି ଉତ୍ସାହିତ ଅଛୁ। ଚଳିତ ବର୍ଷ ଆମେ ଅଧିକ ମ୍ୟାଚ, ଅଧିକ ଭେନ୍ୟୁ ଓ ଅଧିକ ସଂଖ୍ୟକ କିମ୍ବଦନ୍ତୀ ଖେଳାଳିଙ୍କ ସହ ଏହାର ସ୍ତର ଆହୁରି ବୃଦ୍ଧି କରିଛୁ। ଏହା କ୍ରିକେଟର ଏକ ଫେଷ୍ଟିଭାଲ ହେବାକୁ ଯାଉଛି ଏବଂ ଆମେ ପୁଣିଥରେ ଭାରତକୁ ଆଲୋକିତ କରିବା ପାଇଁ ପ୍ରସ୍ତୁତ ରହିଛୁ।" ଏହି ଟୁର୍ଣ୍ଣାମେଂଟକୁ ଏକ ମଲ୍ଟି-ସିଟି ଫର୍ମାଟରେ ଆୟୋଜନ କରାଯିବ। ଆସନ୍ତା କିଛି ସପ୍ତାହରେ ସହର ଓ ଫିକ୍ସଚରଗୁଡିକୁ ସମେତ ଟିମ ଗଠନ ଓ ପ୍ରମୁଖ ଖେଳାଳିଙ୍କ ନାମ ସମ୍ପର୍କରେ ଘୋଷଣା କରାଯିବ।

ଏଲ୍‌ଏଲ୍‌ସି ସିଜନ ୪ କିମ୍ବଦନ୍ତୀ ପ୍ରତିଦ୍ୱନ୍ଦିତା, ରୋମାଂଚକର ଫିନିଶ ଓ ଅବିସ୍ମରଣୀୟ ମୁହୂର୍ତ୍ତଗୁଡିକୁ ଫେରାଇଆଣିବ। 'ଲିଜେଣ୍ଡ୍ସ ଆର୍ ଫର୍‌ଏଭର' ଟ୍ୟାଗ୍‌ଲାଇନ ସହିତ ଲିଜେଣ୍ଡ୍ସ ଲିଗ କ୍ରିକେଟ କ୍ରିକେଟ ମନୋରଞ୍ଜନକୁ ପୁନଃବ୍ୟାଖ୍ୟା କରିବା ପାଇଁ ପ୍ରତିବଦ୍ଧ ରହିଛି ଯାହା ପୁରୁଣା ସ୍ମୃତିକୁ କଡ଼ା ପ୍ରତିଦ୍ୱନ୍ଦିତା ସହ ମିଶ୍ରଣ କରିବ।

# ମୁମ୍ବାଇ ଛାଡ଼ିଲେ ପୃଥ୍ୱୀ ସ

ମୁମ୍ବାଇ, ୧୩।୭: କ୍ରିକେଟ ଆସୋସିଏସନ ଠାରୁ ବିଧିବଦ୍ଧ ଭାବେ ଅଲଗା ହୋଇଛନ୍ତି ଯୁବ ବ୍ୟାଟର ପୃଥ୍ୱୀ ଶ। ଆସନ୍ତା ଘରୋଇ ସିଜିନରୁ ସେ ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ ବା ଏମସିଏ ପକ୍ଷରୁ ଖେଳିବେ। ପୃଥ୍ୱୀ ଶଙ୍କ ଏପରି ଦଳ ବଦଳ ମହାରାଷ୍ଟ୍ରକୁ ଅଧିକ ସଶକ୍ତ କରିବେ ବୋଲି ଆଶା ପ୍ରକାଶ ପାଇଛି। ପୃଥ୍ୱୀ ଏକଦା ଭାରତୀୟ ଟେଷ୍ଟ, ଟି-୨୦ ଓ ଦିନିକିଆ ଦଳରେ ସୁଯୋଗ ପାଇଥିଲେ।

ତାଙ୍କ ବ୍ୟାଟିଂ ଶୈଳୀ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଆଇପିଏଲରେ ମଧ୍ୟ ସେ କମାଲ କରିଥିଲେ। କିନ୍ତୁ ସମୟକ୍ରମେ ତାଙ୍କ ପ୍ରଦର୍ଶନ ହ୍ରାସ ପାଇଥିଲା। କ୍ରିକେଟ ପ୍ରତି ତାଙ୍କର ନିଷ୍ଠା ଆଉ ରହି ନଥିଲା। ଏଥିପାଇଁ ସେ ଧୀରେଧୀରେ ସାଇଡଲାଇନ ହୋଇଯାଇଥିଲେ। ଏବେ ସେ ପୁଣି କମବ୍ୟାକ କରିବାକୁ ନଜର ରଖିଛନ୍ତି ଏଥିପାଇଁ ମହାରାଷ୍ଟ୍ର ପକ୍ଷରୁ ନିଜର ନୂଆ। ଇନିଂସ ଆରମ୍ଭ କରିବାକୁ ଚାହୁଁଛି ପୃଥ୍ୱୀ। ୨୦୧୮ରେ ପୃଥ୍ୱୀଙ୍କ ନେତୃତ୍ୱରେ ଭାରତ ଅଣ୍ଡର ୧୯ ବିଶ୍ୱକପ ଜିତିଥିଲା। ପ୍ରଥମ ଶ୍ରେଣୀ କ୍ରିକେଟରେ ପୃଥ୍ୱୀ ୧୩ଟି ଶତକ ସହ ୪୫୦୦ରୁ ଅଧିକ ରନ କରିଛନ୍ତି। ପୃଥ୍ୱୀ ମୁମ୍ବାଇ ଛାଡ଼ିବା ସମ୍ପର୍କରେ କହିଛନ୍ତି, ମୋ କ୍ୟାରିୟରର ବର୍ତ୍ତମାନ ପର୍ଯ୍ୟାୟରେ ମୁଁ ବିଶ୍ୱାସ ରଖିଛି ଯେ ମହାରାଷ୍ଟ୍ର ଟିମ ମୋତେ ଆଗକୁ ନେବାରେ ସହାୟକ ହେବ। ବିଗତ ବର୍ଷ ଧରି ମୋତେ ମିଳିଥିବା ସମର୍ଥନ ଓ ସୁଯୋଗ ପାଇଁ ମୁଁ ମୁମ୍ବାଇ କ୍ରିକେଟ ଆସୋସିଏସନକୁ କୃତଜ୍ଞତା ଜଣାଉଛି। ମହାରାଷ୍ଟ୍ର କ୍ରିକେଟ ଆସୋସିଏସନନ ଏବେ ପୂରା ରାଜ୍ୟରେ କ୍ରିକେଟ ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଉଲ୍ଲେଖନୀୟ ପଦକ୍ଷେପ ସବୁ ନେଇଛି। ମହାରାଷ୍ଟ୍ର ପ୍ରିମିୟର ଲିଗ, ମହିଳା ଏମପିଏଲ, କର୍ପୋରେଟ ଶିଲ୍ଡ ଓ ଡିବି ଦେଓଧର ଟୁର୍ଣ୍ଣାମେଣ୍ଟ ଆଦି ଆସୋସିଏସନର ଦୂରଦୃଷ୍ଟିକୁ ପ୍ରଦର୍ଶନ କରୁଛି ଏଭଳି ଏକ ସଂସ୍ଥା ସହ ଯୋଡ଼ିହେଲେ ଏହା ନିଶ୍ଚିତ ମୋ କ୍ୟାରିୟର ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ମୋର ବିଶ୍ୱାସ ଋତୁରାଜ ଗାଏକ୍‌ୱାଡ, ଅଙ୍କିତ ବାନେ, ରାହୁଲ ତ୍ରିପାଠୀ, ରାଜେଶ ଗୁରବାନୀ ଓ ମୁକେଶ ଚୌଧୁରୀଙ୍କ ଭଳି ଖେଳାଳିଙ୍କ ଖେଳିବାକୁ ମୁଁ ସୁଯୋଗ ପାଇବି। ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ ପକ୍ଷରୁ ପୃଥ୍ୱୀ ଶଙ୍କୁ ସ୍ୱାଗତ କରାଯାଇଛି। ଆଗାମୀ ରଣଜୀ ଋତୁରୁ ଶ ମହାରାଷ୍ଟ୍ର ପାଇଁ ଖେଳିବେ।

# ପାକିସ୍ତାନର ନୂଆ ସୁରକ୍ଷା ଡ୍ରାମା

ଇସଲାମାବାଦ/ନୂଆଦିଲ୍ଲୀ, ୧୩।୭: ଏସିଆ କପ ହକି ପୂର୍ବରୁ ପାକିସ୍ତାନ ଏକ ନଅ ନାଟକ ଆରମ୍ଭ କରିଛି ପାକିସ୍ତାନ କହିଛି ଯେ ଚଳିତ ବର୍ଷ ଶେଷରେ ହେବାକୁ ଥିବା ଏସିଆ କପ ଏବଂ ଜୁନିଅର ବିଶ୍ୱକପ ପାଇଁ ଭାରତକୁ ଏହାର ଜାତୀୟ ହକି ଦଳ ପଠାଇବା ନିଷ୍ପତ୍ତି ନେବା ପୂର୍ବରୁ ଏହା ଭାରତର ସୁରକ୍ଷା ପରିସ୍ଥିତି ସମୀକ୍ଷା କରିବ ଆତଙ୍କବାଦୀଙ୍କ କାରଖାନା ବୋଲି ବିବେଚନା କରାଯାଉଥିବା ପାକିସ୍ତାନର ଜଣେ ଉଚ୍ଚ ସରକାରୀ ଅଧିକାରୀ ଏକ ଧମକ ଦେଇଛନ୍ତି ଯେ ଯଦି ଜାତୀୟ ଦଳ ପ୍ରତି କୌଣସି ସୁରକ୍ଷା ବିପଦ ଥାଏ, ତେବେ ଦଳକୁ ଭାରତ ପଠାଯିବ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଯୁବ ବିକାଶ ଏବଂ କ୍ରୀଡ଼ା କାର୍ଯ୍ୟକ୍ରମର ଅଧ୍ୟକ୍ଷ ରାଣା ମାସୁଦ ଏକ ଅବାନ୍ତର ବୟାନ ଦେଇ କହିଛନ୍ତି ଯେ ଯଦି ପାକିସ୍ତାନ ସରକାର ଭାରତର ସୁରକ୍ଷା ପରିସ୍ଥିତିରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହୁଅନ୍ତି, ତେବେ ପାକିସ୍ତାନ ହକି ଦଳ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପଡ଼ୋଶୀ ଦେଶ ଗସ୍ତ କରିବ। ମାସୁଦ କହିଛନ୍ତି, ସରକାର ପାକିସ୍ତାନୀ ନାଗରିକଙ୍କ ପାଇଁ ଭାରତରେ ସୁରକ୍ଷା ପରିସ୍ଥିତି ସମୀକ୍ଷା କରିବ ଏବଂ ଯଦି ଏହା ସନ୍ତୋଷଜନକ ନ ହୁଏ, ତେବେ ଏହା ଏହାର କୌଣସି ଖେଳାଳିଙ୍କୁ ଭାରତରେ ଖେଳିବାକୁ ପଠାଇ ବିପଦରେ ପକାଇବ ନାହିଁ। ସେ କହିଛନ୍ତି ଯେ ଭାରତର ଅପରେଶନ ସିନ୍ଦୂର ପରେ, ପାକିସ୍ତାନୀ ନାଗରିକଙ୍କ ପାଇଁ ଭାରତ ଯାତ୍ରା କରିବା ନିରାପଦ ନୁହେଁ ପାକିସ୍ତାନ ହକି ଫେଡେରେସନଭାରତରେ ଅନୁଷ୍ଠିତ ହେବାକୁ ଥିବା ଦୁଇଟି ପ୍ରମୁଖ ହକି ଇଭେଣ୍ଟକୁ ଜାତୀୟ ଦଳ ପଠାଇବା ପାଇଁ ସମ୍ପୃକ୍ତ ମନ୍ତ୍ରଣାଳୟଠାରୁ ପରାମର୍ଶ ଏବଂ ଅନୁମତି ଲୋଡ଼ିଛି। ଆସନ୍ତା ମାସରେ ହେବାକୁ ଥିବା ଏସିଆ କପ ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ହକି ବିଶ୍ୱକପ ପାଇଁ ମଧ୍ୟ ଏକ ଯୋଗ୍ୟତା ଅର୍ଜନ କରିବ ଭାରତ ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଛି।

ମହାସଚିବ ରାଣା ମୁଜାହିଦ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ପୂର୍ବରୁ ଭାରତରେ କିଛି ଅନ୍ତର୍ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲା ସେ କହିଛନ୍ତି, କିନ୍ତୁ ବର୍ତ୍ତମାନ ପରିସ୍ଥିତି ଭିନ୍ନ, ସମ୍ପର୍କ ଉତ୍ତେଜନାପୂର୍ଣ୍ଣ, ତେଣୁ ସରକାର ଆମକୁ ଅନୁମତି ଦେଲେ ହିଁ ଆମେ ଆଗକୁ ବଢ଼ିପାରିବୁ ସେ କହିଛନ୍ତି ଯେ ସୋସିଆଲ ମିଡିଆରେ ହକି ଦଳର ଖେଳାଳିମାନଙ୍କୁ ଦିଆଯାଉଥିବା ଧମକ ଉପରେ ନଜର ରଖିଛି। ପୂର୍ବରୁ, ଭାରତୀୟ କ୍ରୀଡ଼ା ମନ୍ତ୍ରଣାଳୟର ସୂତ୍ର ସ୍ପଷ୍ଟ କରିଥିଲେ ଯେ ସେମାନେ ଆସନ୍ତା ମାସରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଏସିଆ କପରେ ଅଂଶଗ୍ରହଣ କରିବାରୁ ପାକିସ୍ତାନ ହକି ଦଳକୁ ବାଧା ଦେବେ ନାହିଁ ସମାଚାର ଏଜେନ୍ସି ଦ୍ୱାରା କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରକୁ ଉଦ୍ଧୃତ କରି କୁହାଯାଇଛି ଯେ ସେମାନେ ବହୁଜାତୀୟ ପ୍ରତିଯୋଗିତାରେ କୌଣସି ଦଳର ଅଂଶଗ୍ରହଣ ବିରୋଧରେ ନୁହଁନ୍ତି। ହକି ଏସିଆ କପ ୨୭ ଅଗଷ୍ଟରୁ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ବିହାରର ରାଜଗିରରେ ଅନୁଷ୍ଠିତ ହେବାକୁ ଯାଉଛି। କ୍ରୀଡା ମନ୍ତ୍ରଣାଳୟର ଏକ ସୂତ୍ର କହିଛି, ଆମେ ଭାରତରେ ଆୟୋଜିତ ବହୁ-ଜାତୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା କୌଣସି ଦଳ ବିରୋଧରେ ନାହୁଁ, କିନ୍ତୁ ଦ୍ୱିପାକ୍ଷିକ ସିରିଜ ଏକ ଭିନ୍ନ ବିଷୟ ଅନ୍ତର୍ଜାତୀୟ କ୍ରୀଡା ଦାବି କରେ ଯେ ଆମେ ଏହି ଟୁର୍ଣ୍ଣାମେଣ୍ଟରୁ କାହାକୁ ବାଦ ଦେଇପାରିବୁ ନାହିଁ। ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଛି, କିନ୍ତୁ ସେମାନେ ବହୁ-ଜାତୀୟ ଟୁର୍ଣ୍ଣାମେଣ୍ଟରେ ଖେଳନ୍ତି।

## ବୁମରାଙ୍କ ନାମରେ ଅଲୋଡ଼ା ରେକର୍ଡ

ଲଣ୍ଡନ୧୩।୭: : ଭାରତୀୟ ଦ୍ରୁତ ବୋଲର ଯସପ୍ରୀତ ବୁମରା ନିଜ ବୋଲିଂରେ ସାରା ବିଶ୍ୱର ବ୍ୟାଟ୍ସମ୍ୟାନମାନଙ୍କ ମଧ୍ୟରେ ଭୟ ସଂଚାର କରୁଥିଲେ ବି ବ୍ୟାଟିଂରେ ସେ କୌଣସି କରିସ୍ମା ଦେଖାଇପାରୁନାହାନ୍ତି। ଏପରିକି ତାଙ୍କ ନାଁରେ ଏକ ଅଲୋଡ଼ା ରେକର୍ଡ ହୋଇଯାଇଛି ସେ ଗତ ୭ଟି ଟେଷ୍ଟ ଇନିଂସରେ ୬ ଥର ଶୂନରେ ଆଉଟ ହୋଇଛନ୍ତି।

ଯଦି ଆମେ ବୁମରାଙ୍କ ଶେଷ ୭ଟି ଟେଷ୍ଟ ଇନିଂସକୁ ଦେଖିବା, ତେବେ ସେଗୁଡ଼ିକ ଏହିପରି ଦେଖାଯିବ - ୦, ୦, ୨୨, ୦, ୦, ୦, ୦ ଅର୍ଥାତ, ଟେଷ୍ଟରେ ଗୋଟିଏ ରନ ସ୍କୋର କରିବା ମଧ୍ୟ ବର୍ତ୍ତମାନ ବୁମରାଙ୍କ ପାଇଁ ଏକ କଷ୍ଟକର କାମ ପ୍ରମାଣିତ ହେଉଛି। ବର୍ତ୍ତମାନ ଚାଲିଥିବା ଲର୍ଡସ ଟେଷ୍ଟରେ ସେ ଶୂନରେ ଆଉଟ ହୋଇଛନ୍ତି। ଏହା ପୂର୍ବରୁ ଖେଳାଯାଇଥିବା ହେଡିଙ୍ଗଲେ ଟେଷ୍ଟର ଦୁଇଟି ଇନିଂସରେ ବି ସେ ଶୂନରେ ଆଉଟ ହୋଇଥିଲେ।

# ଜାତୀୟ ବାଳିକା ହକି ସେମିରେ ଓଡ଼ିଶା

ଭୁବନେଶ୍ୱର, ୧୩।୭: ଝାଡ଼ଖଣ୍ଡରେ ଚାଲିଥିବା ଜାତୀୟ ବାଳିକା ହକି (୧୭ ବର୍ଷରୁ କମ୍) ପ୍ରତିଯୋଗିତାର ମିନିଟ୍‌ରେ ଗୀତା ଲାକ୍ରା ଓ ୩୭ ମିନିଟ୍‌ରେ ସ୍ୱିଟି କୁଜୁର ଗୋଟିଏ ଲେଖାଏଁ ଗୋଲ୍ ଦେଇ ଦଳକୁ ୫-୦ରେ ବିଜୟ ଭେଟି



ସେମିଫାଇନାଲ୍‌ରେ ଓଡ଼ିଶା ପ୍ରବେଶ କରିଛି ଶୁକ୍ରବାର କ୍ୱାର୍ଟରଫାଇନାଲ୍‌ରେ ଓଡ଼ିଶା ୫-୦ ଗୋଲ୍‌ରେ ବିହାରକୁ ପରାସ୍ତ କରିଛି ମ୍ୟାଚ୍‌ର ଦଶମ ମିନିଟ୍‌ରେ ଅଣିକା ସାମଦଙ୍କ ପେନାଲ୍ଟି କର୍ଣ୍ଣର ଗୋଲ୍‌ରେ ଓଡ଼ିଶା ଅଗ୍ରଣୀ ପାଇଥିଲା ପ୍ରିୟଙ୍କା ମିଞ୍ଜ (୧୪ ମିନିଟ୍)ଙ୍କ ଫିଲ୍ଡ ଗୋଲ୍‌ରେ ଓଡ଼ିଶା ପ୍ରଥମ କ୍ୱାର୍ଟରକୁ ୨-୦ରେ ନିଜ ପକ୍ଷରେ ରଖିଥିଲା ୨୬ତମ ମିନିଟ୍‌ରେ ଏଲିନା ବୁର୍ ଫିଲ୍ଡ ଗୋଲ୍ ଦେଇ ପ୍ରଥମାର୍ଦ୍ଧରେ ଦଳକୁ ୩-୦ରେ ରଖିଥିଲେ ୩୩ ଦେଇଥିଲେ ପ୍ରିୟଙ୍କା ମିଞ୍ଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ ଶନିବାର ଓଡ଼ିଶା ସେମିଫାଇନାଲ୍‌ରେ ହରିୟାଣାକୁ ଭେଟିବ ହରିୟାଣା ୧-୦ ଗୋଲ୍‌ରେ ଉତ୍ତରପ୍ରଦେଶକୁ ପରାସ୍ତ କରିଥିଲା। ଅନ୍ୟଏକ ସେମିଫାଇନାଲ୍‌ରେ ମିଜୋରାମ ଓ ଆୟୋଜକ ଝାଡ଼ଖଣ୍ଡ ମୁହାଁମୁହିଁ ହେବେ। କ୍ୱାର୍ଟରଫାଇନାଲ୍‌ରେ ମିଜୋରାମ ୪-୦ ଗୋଲ୍‌ରେ ପଞ୍ଜାବକୁ ଏବଂ ଝାଡ଼ଖଣ୍ଡ ୫-୪ (୧-୧) ସୁଟ୍‌ଆଉଟ୍‌ରେ ମଧ୍ୟପ୍ରଦେଶକୁ ମାତ୍ ଦେଇଥିଲା।

# ଟେନିସ୍ ଖେଳାଳିଙ୍କ ହତ୍ୟା ମାମଲାକୁ ନେଇ ନୀରଜଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ: ଗତ ଗୁରୁବାର ଗୁରୁଗ୍ରାମର ସେକ୍ଟର-୫୭ରେ ପରିବାରଲୋକଙ୍କ ସହିତ ବସବାସ କରୁଥିବା ଜଣେ ପୂର୍ବତନ ରାଜ୍ୟସ୍ତରୀୟ ମହିଳା ଟେନିସ୍ ଖେଳାଳିଙ୍କୁ ତାଙ୍କ ବାପା ଗୁଳି କରି ହତ୍ୟା କରିଥିବାର ଅଭାବନୀୟ ଘଟଣା ସାମ୍ନାକୁ ଅଛି।

ଟେନିସ୍ ଖେଳାଳିଙ୍କ ହତ୍ୟା ଘଟଣା ସମଗ୍ର ଖେଳ ଜଗତରେ ଚାଞ୍ଚଲ୍ୟ ଖେଳାଇ ଦେଇଛି ଏହି ଘଟଣାକୁ ନେଇ ଭାରତର ଷ୍ଟାର ଜାଭେଲିନ୍ ଖେଳାଳି ନୀରଜ ଚୋପ୍ରା ନିଜର ବୟାନ ଦେଇଛନ୍ତି। ନୀରଜ କହିଛନ୍ତି- 'ମୁଁ ପୂର୍ବରୁ କିଛି ଲୋକଙ୍କ ସହିତ ଏ ବିଷୟରେ କଥା ହୋଇସାରିଛି ଆମ ପାଖରେ ହରିୟାଣାର ମହିଳା ଖେଳାଳିଙ୍କ କିଛି ମହାନ ଉଦାହରଣ ଅଛି ଯିଏକି ଦେଶ ପାଇଁ ଗୌରବ





ଆଣିଛନ୍ତି ପରିବାରରେ, ଆପଣମାନଙ୍କୁ ପରସ୍ପରକୁ ସମର୍ଥନ କରିବା ଉଚିତ ଏବଂ ଯେଉଁମାନେ (ମହିଳା ଖେଳାଳି) ଭଲ ପ୍ରଦର୍ଶନ କରୁଛନ୍ତି ସେମାନଙ୍କୁ ଆଦର୍ଶ ଭାବରେ ବିବେଚନା କରି ଅନୁସରଣ କରିବା ଉଚିତ'।

ମହିଳା ଟେନିସ୍ ଖେଳାଳି ରାଧିକାଙ୍କ ହତ୍ୟା ମାମଲାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ରାଧିକାଙ୍କ ବାପା ଝିଅ ଏକାଡେମି ଖୋଲିବା ଘଟଣାକୁ ନେଇ ଅସନ୍ତୋଷ ଥିଲେ। ସେ ବାରମ୍ବାର ଏକାଡେମି ବନ୍ଦ କରିବାକୁ ଝିଅକୁ କହୁଥିଲେ। ଗତ ୧୫ ଦିନ ଧରି ଟେନିସ୍ ଏକାଡେମିକୁ ନେଇ ବାପା ଏବଂ ଝିଅଙ୍କ ମଧ୍ୟରେ ଝଗଡା ଲାଗି ରହିଥିଲା। ଗୁରୁବାର ସକାଳେ ବାପା ଦୀପକ ଝିଅ ରାଧିକା ରୋଷେଇ ଘରେ ଥିବା ବେଳେ ତାଙ୍କ ଲାଇସେନ୍ସପ୍ରାପ୍ତ ରିଭଲଭରରୁ ତିନୋଟି ଗୁଳି କରି ହତ୍ୟା କରିଥିଲେ। ରାଧିକାଙ୍କୁ ହତ୍ୟା କରିବାର କିଛି ଘଣ୍ଟା ମଧ୍ୟରେ ପୁଲିସ ଝିଅ ହତ୍ୟାକାରୀ ବାପାଙ୍କୁ ଗିରଫ କରିଛି ଏବଂ ପଚରାଉଚରା ସମୟରେ ଦୀପକ ତାଙ୍କ ଅପରାଧ ସ୍ୱୀକାର କରିଛନ୍ତି

# ଚତୁର୍ଥ ସ୍ଥାନରେ ବ୍ୟାଟିଂ କରି ୮ ହଜାର ରନ୍ କ୍ଲବରେ ରୁଟ୍

ନୂଆଦିଲ୍ଲୀ, ୧୩।୭: ଭାରତ-ଇଂଲଣ୍ଡ ଟେଷ୍ଟ ମ୍ୟାଚ୍ ଚାଲିଥିବା ବେଳେ ଏକ ବିରଳ ରେକର୍ଡ କରିଛନ୍ତି ଇଂଲଣ୍ଡ ବ୍ୟାଟର ଜୋ ରୁଟ୍ ଟେଷ୍ଟ ଇତିହାସରେ ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ଆସୁଥିବା ବ୍ୟାଟର ଭାବରେ ୮୦୦୦ରୁ ଅଧିକ ସ୍କୋର କରିଥିବା ସେ ଚତୁର୍ଥ ବ୍ୟାଟର ହୋଇଛନ୍ତି। ଲଣ୍ଡନର ଲର୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡରେ ଶୁଭମନ ଗିଲଙ୍କ ନେତୃତ୍ୱାଧୀନ ଭାରତ ବିପକ୍ଷରେ ତୃତୀୟ ଟେଷ୍ଟର ଚତୁର୍ଥ ଦିନରେ ରୁଟ ଏହି ସଫଳତା ହାସଲ କରିଛନ୍ତି। ରୁଟଙ୍କ ପୂର୍ବରୁ ଏହି ରେକର୍ଡ କରିଥିବା ଅନ୍ୟ ଖେଳାଳିମାନେ ହେଲେ ସଚିନ ତେନ୍ଦୁଲକର, ମାହେଲା ଜୟବର୍ଦ୍ଧନେ ଏବଂ ଜ୍ୟାକ୍ କାଲିସ୍।

ଚତୁର୍ଥ ଦିନ ମଧ୍ୟାହ୍ନ ଭୋଜନ ସୁଦ୍ଧା, ଚତୁର୍ଥ ସ୍ଥାନରେ ବ୍ୟାଟିଂ କରୁଥିବା ରୁଟ୍ କ୍ୟାରିୟର ୯୯ ଟେଷ୍ଟରେ ୧୭୦ ଇନିଂସରୁ ୮୦୦୯ ରନ୍ କରିଥିଲେ ଏହି ଦୃଷ୍ଟିରୁ ଦେଖିଲେ ସେ ୫୧.୬୭ ହାରରେ ସେ ରନ ସଂଗ୍ରହ କରିଥିବା ସହ କ୍ୟାରିୟରରେ ୨୫ ଶତକ ଏବଂ ୩୭ ଅର୍ଦ୍ଧଶତକ ହାସଲ କରିଛନ୍ତି।



ଏହି ରେକର୍ଡ କରିଥିବା ଏଲିଟ୍ ଗ୍ରୁପ୍ ମଧ୍ୟରେ, ସଚିନ ଏକମାତ୍ର ବ୍ୟାଟର ଭାବରେ ଏହି ସ୍ଥାନରେ ୧୦,୦୦୦ରୁ ଅଧିକ ରନ୍ ସ୍କୋର କରିଛନ୍ତି। ସେ ୧୭୯ଟି ମ୍ୟାଚ୍ ରୁ ୧୩,୪୯୨ ରନ୍ ସଂଗ୍ରହ କରିଛନ୍ତି। ଯେଉଁଥିରେ ୪୪ଟି ଶତକ ଏବଂ ୫୮ଟି ଅର୍ଦ୍ଧଶତକ ରହିଛି।

ଚତୁର୍ଥ ସ୍ଥାନରେ ୮୦୦୦ ରୁ ଅଧିକ ଟେଷ୍ଟ ରନ୍ କରିଥିବା ବ୍ୟାଟରମାନେ ହେଲେ

ସଚିନ ତେନ୍ଦୁଲକର (ଭାରତ) ମ୍ୟାଚ୍: ୧୭୯, ରନ୍: ୧୩,୪୯୨

ମହେଲା ଜୟବର୍ଦ୍ଧନେ (ଶ୍ରୀଲଙ୍କା) ମ୍ୟାଚ୍: ୧୨୪, ରନ୍: ୯,୫୦୯

ଜ୍ୟାକ୍ କାଲିସ୍ (ଦକ୍ଷିଣ ଆଫ୍ରିକା) ମ୍ୟାଚ୍: ୧୧୧, ରନ୍: ୯୦୩୩

ଜୋ ରୁଟ୍ (ଇଂଲଣ୍ଡ) ମ୍ୟାଚ୍: ୯୯, ରନ୍: ୮,୦୦୯ଞ୍ଚ

ବିରାଟ କୋହଲି (ଭାରତ) ମ୍ୟାଚ୍: ୯୯, ରନ୍: ୭,୫୬୪

ବ୍ରାଏନ୍ ଲାରା (ୱେଷ୍ଟଇଣ୍ଡିଜ୍/ଆଇସିସି ଏକାଦଶ) ମ୍ୟାଚ୍: ୯୧, ରନ୍: ୭,୫୩୫

ଏହା ପୂର୍ବରୁ, ଲର୍ଡସରେ ଦ୍ୱିତୀୟ ଦିନରେ ରୁଟ୍ ତାଙ୍କ ଟେଷ୍ଟ କ୍ୟାରିୟରରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଥିଲେ ଇଂଲଣ୍ଡର ଏହି ବ୍ୟାଟର ତାଙ୍କର ୩୭ ତମ ଟେଷ୍ଟ ଶତକ ହାସଲ କରି, ରାହୁଲ ଦ୍ରାବିଡଙ୍କ ୩୬ ଶତକକୁ ପଛରେ ପକାଇ ସର୍ବାଧିକ ଟେଷ୍ଟ ଶତକ ହାସଲକାରୀ ବ୍ୟାଟରଙ୍କ ତାଲିକାରେ ପଞ୍ଚମ ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଥିଲେ।

# ଆଣ୍ଡରସନ ଫିଲିପଙ୍କ ସୁପରମ୍ୟାନ କ୍ୟାଚ୍

ନୂଆଦିଲ୍ଲୀ, ୧୩୭: ଚାଲିଥିବା ୱେଷ୍ଟଇଣ୍ଡିଜ ଗସ୍ତରେ ଅଷ୍ଟ୍ରେଲିଆର ବ୍ୟାଟିଂ କଠିନ ପରୀକ୍ଷା ଦେଇ ଗତି କରୁଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଶ୍ ଟେଷ୍ଟ ଚମ୍ପିୟନଶିପ ଫାଇନାଲରେ ହାରିବା ପରେ କାରିବିଅନ ସିରିଜରେ ଜିତିବା ଅଷ୍ଟ୍ରେଲିଆ ପାଇଁ ମନୋବଳ ବୃଦ୍ଧିକାରୀ ହୋଇପାରିଥାନ୍ତା। କିନ୍ତୁ ତୃତୀୟ ଓ ଶେଷ ଟେଷ୍ଟରେ ମଧ୍ୟ ଅଷ୍ଟ୍ରେଲିଆର ବ୍ୟାଟିଂ ଦୁର୍ବଳତା ପୁଣି ଦେଖିବାକୁ ମିଳିଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୨୨୫ ରନରେ ଅଲଅାଉଟ ହୋଇଥିବା ବେଳେ ଓ୍ୱେଷ୍ଟଇଣ୍ଡିଜର ଆଣ୍ଡରସନ ଫିଲିପ ଟ୍ରାଭିସ ହେଡ଼ଙ୍କୁ ଏକ ଅବିଶ୍ୱାସନୀୟ କ୍ୟାଚ ନେଇ ସ୍ତବ୍ଧ କରିଦେଇଛନ୍ତି।

ଘଟଣାଟି ସାବିନା ପାର୍କରେ ଚାଲିଥିବା ଡେ-ନାଇଟ ଟେଷ୍ଟର ପ୍ରଥମ ଦିନର ୬୫ତମ ଓଭରରେ ଘଟିଥିଲା। ଜଷ୍ଟିନ ଗ୍ରୀଭସଙ୍କ ଫୁଲର ଡେଲିଭରିରେ ହେଡ଼ ଅତି ଶୀଘ୍ର ସଟ୍ ଖେଳିଥିଲେ ବଲଟି ବ୍ୟାଟରୁ ଉପରକୁ ଉଠି ମିଡ଼-ଅଫ ଆଡ଼କୁ ଯାଇଥିଲା। ଆଣ୍ଡରସନ ଫିଲିପ ଦ୍ରୁତଗତିରେ ଡାହାଣ ପଟକୁ ଦୌଡ଼ି ପୂରା ଲମ୍ବରେ ଡାଇଭ୍ ଦେଇ ଦୁଇ ହାତରେ ବଲକୁ ଧରିଥିଲେ। ଏହାସହ ସେ ନିରାପଦେ ଘାସରେ ଅବତରଣ କରିଥିଲେ, ଯେତେବେଳେ ତାଙ୍କ କହୁଣୀ ଘାସକୁ ଛୁଇଁଥିଲା।

ଏହି ଗସ୍ତରେ ଅଷ୍ଟ୍ରେଲିଆର ବ୍ୟାଟିଂ ଲାଇନଅପ୍ ସଂଘର୍ଷ କରୁଛି ୫ଟି ଇନିଂସରେ ମାତ୍ର ଗୋଟିଏ ଥର (ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ୩୧୦) ସେମାନେ ୩୦୦ ରନ ଅତିକ୍ରମ କରିଛନ୍ତି ୱେଷ୍ଟଇଣ୍ଡିଜର ବୋଲିଂ ଆକ୍ରମଣ, ବିଶେଷକରି ପେସର ଶାମାର ଜୋସେଫଙ୍କ ୫ ଇନିଂସରେ ୧୮ ୱିକେଟ ଓ ଜୟଦେନ ସିଲସଙ୍କ ୧୩ ୱିକେଟ ଅଷ୍ଟ୍ରେଲିଆକୁ ଚାପରେ ରଖିଛି। ପ୍ରଥମ ଦିନରେ ମିଚେଲ ଷ୍ଟାର୍କ ନିଜର ୧୦୦ତମ ଟେଷ୍ଟକୁ ସ୍ମରଣୀୟ କରିଥିଲେ। ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ ଶୂନ୍ୟ ରନରେ ଆଉଟ ହୋଇଥିଲେ ମଧ୍ୟ, ସେ ବୋଲିଂରେ ଦମଦାର ପ୍ରତ୍ୟାବର୍ତ୍ତନ କରି ୱେଷ୍ଟଇଣ୍ଡିଜର ଓପନର କେଭଲନ ଆଣ୍ଡରସନଙ୍କୁ ଆଉଟ କରିଥିଲେ। ଏହା ତାଙ୍କର ଟେଷ୍ଟ କ୍ୟାରିଅରରେ ୩୯୬ତମ ୱିକେଟ ଥିଲା। ୱେଷ୍ଟଇଣ୍ଡିଜ ପ୍ରଥମ ଦିନ ଶେଷରେ ୧୬/୧ରେ ରହିଥିଲା। ୱେଷ୍ଟଇଣ୍ଡିଜର ନିୟମିତ ଓପନର ଜନ କ୍ୟାମ୍ପବେଲ ଓ ମିକାଇଲ ଲୁଇସଙ୍କ ଆହତ ହେବା ଯୋଗୁଁ ଆଣ୍ଡରସନ ଓ ବ୍ରାଣ୍ଡନ କିଙ୍ଗଙ୍କୁ ଓପନିଂ ପାଇଁ ପଠାଯାଇଥିଲା। ଦ୍ୱିତୀୟ ଦିବସରେ କିଙ୍ଗ ଓ ଅଧିନାୟକ ରୋଷ୍ଟନ ଚେଜ ବ୍ୟାଟିଂ ଆରମ୍ଭ କରିବେ। ଶାମାର ଜୋସେଫ ୪/୩୩, ଜୟଦେନ ସିଲସ ଓ ଜଷ୍ଟିନ ଗ୍ରୀଭସ ୩ଟି ଲେଖାଏ ୱିକେଟ ନେଇଥିଲେ। ପିଚ୍ ସିମର ଓ ସ୍ପିନରଙ୍କୁ ସହାୟତା କରୁଥିବା ଦେଖି ଅଷ୍ଟ୍ରେଲିଆର ଅଫ୍-ସ୍ପିନର ନାଥନ ଲିଅନଙ୍କ ବଦଳରେ ସ୍କଟ ବୋଲାଣ୍ଡଙ୍କୁ ଖେଳାଇବା ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠୁଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ